ଯେଉଁଥିରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଅକାମୀ ହୋଇଯିବାର ସମ୍ଭାବନା ଅଧିକ। ଏହା ଟ୍ରମ୍ପ୍‌ଙ୍କର କୌଣସି ବୃହତ୍ ଟେକ୍ କମ୍ପାନୀ ସହଯୋଗୀଙ୍କ ଦ୍ୱାରା କରାଯାଇ ନ ଥିବାରୁ ଏଭଳି ଏକ ନୂତନତ୍ୱକୁ ସେ ପସନ୍ଦ କରୁନାହାନ୍ତି। ହେଲେ ଏହାର ବ୍ୟାପକ କାର୍ଯ୍ୟକାରିତା ଯୋଗୁ ଡଲାରର ପ୍ରାଧାନ୍ୟ ହ୍ରାସ ପାଇବାରେ ଲାଗିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକୀୟ ଡଲାର ବିଶ୍ୱ ବାଣିଜ୍ୟ ଓ ବିତ୍ତୀୟ ବ୍ୟବସ୍ଥାରେ ଏକ ଅଦ୍ୱିତୀୟ ମୁଦ୍ରା ହୋଇଗଲା। ଡଲାର ବିଶ୍ୱସ୍ତରରେ ରିଜର୍ଭ କରେନ୍ସି ବା ମୁଦ୍ରା ହୋଇଯିବା ହେତୁ ଆମେରିକାକୁ ବିପୁଳ ଲାଭ ପହଞ୍ଚାଇଥିଲା। ଫଳରେ ଆମେରିକା ସ୍ୱାଧୀନ ଭାବେ ଋଣ କରିପାରୁଛି। କେବଳ ଏତିକି ନୁହେଁ, ବିତ୍ତୀୟ ଯୁଦ୍ଧ ଏବଂ ଭୂରାଜନୈତିକ ସ୍ତରରେ ଏହାର ପ୍ରାଧାନ୍ୟ ବଜାୟ ରଖିଛି। କିନ୍ତୁ ଉକ୍ତ ଦଶନ୍ଧିରେ ଏହି ବିଶେଷ ସୁବିଧା ହ୍ରାସ ପାଇବାରେ ଲାଗିଛି, ଯାହା କେତେକାଂଶରେ ଟ୍ରମ୍ପଙ୍କ ଯୋଗୁ ହେଉଛି।

ପ୍ରଥମେ ନିୟମ ଆଧାରରେ ନିର୍ଦ୍ଦିଷ୍ଟ ବିଷୟରେ ଆମେରିକା କଟକଣା ଲଗାଇଥିଲେ ମଧ୍ୟ ବିଂଶ ଶତାବ୍ଦୀରେ ଆତଙ୍କବାଦ ବିରୋଧୀ ପଦକ୍ଷେପ ଭାବେ ବିଶେଷକରି ୯/୧୧ ଆକ୍ରମଣ ପରେ ଏହାକୁ ତୀବ୍ର କରାଯାଇଛି। ୨୦୧୦ ଦଶନ୍ଧିରେ ଆର୍ଥିକ କଟକଣା ଆମେରିକାର ବୈଦେଶିକ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ଆମେରିକାର ଶତ୍ରୁଦେଶ ଯଥା ଇରାନ୍, ରୁଷିଆ, ଭେନେଜୁଏଲା ଟ୍ରମ୍ପ୍‌ଙ୍କ ପ୍ରଥମ ରାଷ୍ଟ୍ରପତିତ୍ୱ ସମୟରେ ଅତ୍ୟଧିକ କଟକଣାର ସମ୍ମୁଖୀନ ହୋଇଥିଲେ। ଏପରିକି ପାଶ୍ଚାତ୍ୟର ପ୍ରାଧାନ୍ୟ ଥିବା ବିତ୍ତୀୟ ମେସେଜିଂ ବ୍ୟବସ୍ଥା ସ୍ୱିଫ୍ଟରୁ କେତେକ ଦେଶକୁ ବାଦ୍ ଦିଆଯାଇଥିଲା। ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ଆମେରିକା ଏବଂ ଏହାର ୟୁରୋପୀୟ ମିତ୍ରଦେଶଗୁଡ଼ିକ ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କର ଗଚ୍ଛିତ ଅର୍ଥକୁ ଅଚଳ କରିଦେଇଥିଲେ ଏବଂ ତା' ଉପରେ ଅତ୍ୟଧିକ ବାଣିଜ୍ୟିକ କଟକଣା ଲଗାଇଥିଲେ। ଏହି କାରଣରୁ ଡଲାର ଏବଂ ଆମେରିକାର ବିତ୍ତୀୟ ବ୍ୟବସ୍ଥାର ବିକଳ୍ପ ଖୋଜିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସ ତୀବ୍ର ହୋଇଛି।

ଏହି ସମୟରେ ଆମେରିକାର ସରକାରୀ ଋଣ ବଢ଼ିଛି। ଟ୍ରମ୍ପ୍ ପ୍ରଥମେ ୨୦୧୭ରେ ରାଷ୍ଟ୍ରପତି ହେବାର ପ୍ରାରମ୍ଭିକ ସମୟରେ ଏହି ଋଣ ଥିଲା ୧୯.୮ ଟ୍ରିଲିୟନ ଡଲାର ଏବଂ ଏହା ବୃଦ୍ଧି ପାଇ ଜାନୁଆରୀ ୨୦୨୧ ସୁଦ୍ଧା ୨୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ପରେ ଜୋ ବାଇଡେନ୍‌ଙ୍କ ସମୟରେ ଏହା ବୃଦ୍ଧି ଘଟି ଜାନୁଆରୀ ୨୦୨୫ ସୁଦ୍ଧା ୩୬.୨ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା, ଯାହର ୩୦% ବିଦେଶୀ ତଥା ଅନ୍ତଃରାଷ୍ଟ୍ରୀୟ ନିବେଶକଙ୍କ ନିକଟରେ ରହିଛି। ଟ୍ରମ୍ପ୍‌ଙ୍କ ୱାନ ବିଗ୍ ବିଉଟିଫୁଲ ଆକ୍ଟ, ଧନିକଙ୍କ ପାଇଁ ଟିକସ ହ୍ରାସ ଇତ୍ୟାଦି ଯୋଗୁ ଆଗାମୀ ଶତାବ୍ଦୀ ମଧ୍ୟରେ ଏଥିରେ ଆଉ ଅଧିକ ୩.୪ ଟ୍ରିଲିୟନ ଡଲାର ଯୋଡ଼ି ହେବ। ଫଳରେ ଆମେରିକାର ବିତ୍ତୀୟ ବ୍ୟବସ୍ଥାକୁ ନେଇ ବୈଦେଶିକ ଋଣଦାତାମାନେ ସତର୍କ ହୋଇଗଲେଣି।

ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମାଇବା ପ୍ରକ୍ରିୟା ଦୀର୍ଘଦିନ ହେଲା ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାର ବିଷୟ ହୋଇ ରହିଛି। ବିଶ୍ୱ ବ୍ୟାଙ୍କ ଏବଂ ଇଣ୍ଟର ଆମେରିକାନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ପରିଷଦରେ ବ୍ରାଜିଲ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ପ୍ରଥମେ ମୁଁ ଏହା ଲକ୍ଷ୍ୟ କରିଥିଲି। ଅନେକ ବର୍ଷଧରି ଦେଶଗୁଡ଼ିକ ସତର୍କତାର ସହ ଏବଂ ନୀରବରେ ଆଗଉଛନ୍ତି, କାରଣ ସେମାନଙ୍କ ଡଲାର ସ୍ଥିତି ଶୀଘ୍ର ଦୁର୍ବଳ ହୋଇଗଲେ ଡଲାରର ପ୍ରାଧାନ୍ୟ ଥିବା ସମ୍ପତ୍ତିର ମୂଲ୍ୟ ପୂରା କମିଯିବ ଏବଂ ଅନେକ ଟ୍ରିଲିୟନ ଡଲାର କ୍ଷତି ଘଟିବ। କିନ୍ତୁ ମୁକ୍ତ ବାଣିଜ୍ୟ ଉପରେ ଟ୍ରମ୍ପ୍‌ଙ୍କ ମନମୁଖି ଆକ୍ରମଣ ଏବଂ ଆମେରିକାର ବିପର୍ଯ୍ୟସ୍ତ ବିତ୍ତୀୟ ବ୍ୟବସ୍ଥା ପ୍ରତି ଉପେକ୍ଷାଭାବ ପୂରା ଗଣିତକୁ ଏପାଖସେପାଖ କରିଦେବ ବୋଲି ମନେହେଉଛି।

ପ୍ରଥମେ ୫ଟି ବ୍ରିକ୍ସ ଦେଶ ଯଥା ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା ସ୍ଥାନୀୟ ମୁଦ୍ରାଗୁଡ଼ିକରେ ବାଣିଜ୍ୟ ସଞ୍ଚାଳନ କରିବା ଲାଗି ଗଢ଼ାଯାଇଥିବା ଏକ ବିକେନ୍ଦ୍ରିତ ବିତ୍ତୀୟ ମେସେଜିଂ ସିଷ୍ଟମ 'ବ୍ରିକ୍ସ ପେ' ବିଷୟରେ ଖୋଲାଖୋଲି ଆଲୋଚନା କରୁଛନ୍ତି। ଏହାର କାର୍ଯ୍ୟକାରିତା ଓ ସୀମାପାର ନେଣଦେଣ ଭିତ୍ତିଭୂମି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଉଛି, ଯାହା ଆମେରିକାର ବିତ୍ତୀୟ ବ୍ୟବସ୍ଥା ଓ ଡଲାରକୁ ଟପିଯିବ। ଦେଖିବାକୁ ଗଲେ ପିକ୍ସର ସଫଳତା ସହ ସରକାରୀ ପ୍ରୋତ୍ସାହିତ ନେଣଦେଣ ବ୍ୟବସ୍ଥା ଡଲାରକୁ ଭୁଶୁଡ଼ାଇବା ଲାଗି ଏକ ପଦକ୍ଷେପ। ଟ୍ରମ୍ପ୍ ଏହିସବୁ ନିୟମ ଆଧାରିତ ବିଷୟକୁ ବୁଝନ୍ତୁ କି ନ ବୁଝନ୍ତୁ, ହେଲେ ସେ ଏହି ପରିବର୍ତ୍ତନ ସମ୍ପର୍କରେ ଆଭାସ ପାଇଛନ୍ତି। ପିକ୍ସ ଉପରେ ତଦନ୍ତ ଆରମ୍ଭ କରିବା ହେଉଛି ବିପଦରେ ଥିବା ଏବଂ ନିୟନ୍ତ୍ରଣ ବଜାୟ ରଖିବାରେ ହତାଶ ହୋଇପଡ଼ିଥିବା ଏକ ଦୁର୍ବଳ ଶାସନର ପଦକ୍ଷେପ। ବାଣିଜ୍ୟ ପାଇଁ ଯଦି ବିଶ୍ୱ ଡଲାର ଆବଶ୍ୟକ ନ କରେ, ତେବେ ଆମେରିକା ପ୍ରାଧାନ୍ୟ ବିସ୍ତାର ପାଇଁ ତାହାର ଦକ୍ଷତା ହରାଇବ ବୋଲି ଟ୍ରମ୍ପ୍ ଏବଂ ତାଙ୍କ ବିତ୍ତୀୟ ସହଯୋଗୀମାନେ ସଙ୍କେତ ପାଇଯାଇଛନ୍ତି। କିନ୍ତୁ ପିକ୍ସ ଉପରେ ଆକ୍ରମଣ କରି ଏବଂ ବ୍ରାଜିଲକୁ ଡରେଇ ଧମକେଇ ଟ୍ରମ୍ପ୍ ବିଶ୍ୱସ୍ତରରେ ଡଲାରର ପ୍ରାଧାନ୍ୟର ପତନ ପାଇଁ ବିପଦକୁ ଆମନ୍ତ୍ରଣ କରୁଛନ୍ତି।

**ସିନିୟର ଫେଲୋ, ବ୍ରାଜିଲିଆନ ସେଣ୍ଟର ଫର୍ ଇଣ୍ଟର୍‌ନ୍ୟାଶନାଲ ରିଲେଶନ**

# ନୀତିନିୟମ ବନାମ ମାନସିକତା



ଡ. ମୌସୁମୀ ପରିଡ଼ା

କାନାଡା, ନେଦରଲାଣ୍ଡ, ଇସ୍ରାଏଲ୍, ଜର୍ମାନୀ, ଅଷ୍ଟ୍ରେଲିଆ ଓ ଆମେରିକାର ଅତ୍ୟାଧୁନିକ କୃଷିପ୍ରଣାଳୀ ହେଉ ବା ଚାଇନାର ବିସ୍ତୃତ ବାଲୁକାଶଯ୍ୟାରେ ସବୁଜିମା ସୃଷ୍ଟିର ଅନନ୍ୟ ଉଦ୍ୟମ, ଅଲିମ୍ପିକ୍ସ ହେଉ ବା ବିଷୟଭିତ୍ତିକ ଗବେଷଣା ସେସବୁ ଏତେ ଉନ୍ନତ ଯେ ଆମଦେଶ ସେମାନଙ୍କଠାରୁ ପଛରେ। ବିଡ଼ମ୍ବନାର ବିଷୟ ଆମ ବୈଜ୍ଞାନିକମାନେ ସେସବୁକୁ କାର୍ଯ୍ୟକାରୀ କରାଇବା ଦିଗରେ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ପ୍ରଗତି କେବଳ କାଗଜ କଲମରେ ଚାଲିଛି, ବାସ୍ତବ ରୂପରେଖ କିନ୍ତୁ ଅଲଗା। ସ୍ୱାଧୀନ ଭାରତରେ ଆଖିଦୃଶିଆ ଉନ୍ନତି ହୋଇନାହିଁ। ଯୁବପିଢ଼ିଙ୍କଠାରେ ଆତ୍ମହତ୍ୟା ପ୍ରବଣତା। କର୍ମଜୀବୀମାନେ ଚାପଗ୍ରସ୍ତ। ଅନୁପ୍ରବେଶକାରୀଙ୍କ ପାଇଁ ଭାରତ ସ୍ୱର୍ଗ ପାଲଟିଛି! ସମ୍ବିଧାନର ନୀତିନିୟମ ସମସ୍ତଙ୍କ ପାଇଁ ସମାନ ନୁହେଁ ଏବଂ ସେ ଆଡ଼କୁ ପ୍ରଶାସନର ନିଘା ନାହିଁ। ବିଜ୍ଞାନ ଏତେ ଅଗ୍ରଗତି କରି ମଧ୍ୟ ରାସ୍ତାଗୁଡିକର ଦୁର୍ଦ୍ଦଶା କହିଲେ ନସରେ। ବର୍ଷାଦିନ ଆସିବା କ୍ଷଣି ପୋଖରୀର ଭ୍ରମ ସୃଷ୍ଟି କରୁଥିବା ରାସ୍ତାରେ ଫି ଦିନ ଦୁର୍ଘଟଣା।

ଅନେକ ସ୍ଥାନରେ ବର୍ଷା ଯୋଗୁ ରାସ୍ତା ବୁଡିରହିବାରୁ ଯୋଗାଯୋଗ ବିଚ୍ଛିନ୍ନ ହେଉଛି। ବର୍ଷା ଆସିବା କ୍ଷଣି ଲାଇନ୍ ରହୁନାହିଁ। କିନ୍ତୁ ମାସ ଶେଷରେ ବିଜୁଳି ଦେୟ ପୈଠ ନ କଲେ ଗାଡି, ଶିଡି ନେଇ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀମାନେ ବିଜୁଳି କାଟିବାକୁ ଘରେ ହାଜର ହୋଇଯାଆନ୍ତି। ଯେତେବେଳେ ବିଜୁଳିର ବେଶି ଆବଶ୍ୟକତା ସେତେବେଳେ ଘଣ୍ଟାକୁ ଘଣ୍ଟା ବିଜୁଳି କାଟ ହୁଏ। ସମସ୍ୟା ଜଣାଇବାକୁ ଗଲେ କର୍ମଚାରୀ ନ ଥାନ୍ତି। ଏଭଳି ସବୁ ବିଭାଗ ସମସ୍ୟାରେ ବୁଡିଛି। ଜନସାଧାରଣ ନାହିଁ ନ ଥିବା ଛୋଟବଡ଼ ସମସ୍ୟାରେ ସନ୍ତୁଳି ହେଉଛନ୍ତି, ତେବେ ବି ବିଭାଗର ଚେତା ନାହିଁ। ନଦୀ ସଂଯୋଗୀକରଣ ସ୍ୱପ୍ନ ହୋଇ ରହିଯାଇଛି, ଯାହାପାଇଁ ପ୍ରତିବର୍ଷ ବନ୍ୟା ନ ହେଲେ ମରୁଡି। ସିଙ୍ଗାପୁରଠାରେ ବର୍ଜ୍ୟବସ୍ତୁକୁ ସୁନ୍ଦର ଭାବେ ପରିଚାଳନା କରାଯାଇ ସେଥିରୁ ବିଦ୍ୟୁତ୍ ଉତ୍ପାଦନ ସହିତ ରାସ୍ତା ନିର୍ମାଣ ସମ୍ଭବ ହୋଇପାରିଛି। ଜଳବାୟୁ ପ୍ରଦୂଷଣକୁ ଅତ୍ୟାଧୁନିକ ପ୍ରଣାଳୀରେ ରୋକା ଯାଇପାରିଛି, ଯାହା ଶିକ୍ଷଣୀୟ ଓ ଅନୁକରଣୀୟ। ଆମଦେଶରେ ଜନସଂଖ୍ୟା ବୃଦ୍ଧି ଅନୁସାରେ ବର୍ଜ୍ୟବସ୍ତୁ କାହିଁ କେତେ ଅଧିକ! ସେଗୁଡିକର ସୁଚାରୁ ପରିଚାଳନା ଆମ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରନ୍ତା। ଅନ୍ୟ ଦେଶଠାରୁ ଉନ୍ନତ ଜ୍ଞାନକୌଶଳ ଶିକ୍ଷାକରି ସେସବୁକୁ କାର୍ଯ୍ୟରେ ପରିଣତ କରାଗଲେ ଅଭୂତପୂର୍ବ ଲାଭ ହୁଅନ୍ତା।

ମହାରାଷ୍ଟ୍ର ଅନ୍ତର୍ଗତ ପୁଣେର ଜେଏମ୍ ରୋଡ୍ ଓ ଜଙ୍ଗଲୀ ମହାରାଜା ରୋଡ୍‌କୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ରାସ୍ତା ଅଭିନବ ଉପାୟରେ ନିର୍ମାଣ କରାଯାଇଥିଲା। ୧୯୭୦ ଦଶକରେ ଜଣେ କଣ୍ଟ୍ରାକ୍ଟର୍ ରେକୋଣ୍ଡୋ ଦୁଇଜଣ ପାର୍ସୀ ଭାଇଙ୍କୁ ନେଇ ଏହି ରାସ୍ତା ଦୁଇଟିକୁ ଉନ୍ନତମାନର ଜିନିଷ ଓ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ନିର୍ମାଣ କରିଥିଲେ। କେବଳ ସେତିକି ନୁହେଁ ପୁଣେର ମ୍ୟୁନିସିପାଲିଟିକୁ ଲିଖିତ ଭାବେ ଜଣାଇଥିଲେ ( ଗ୍ୟାରେଣ୍ଟି କୁହାଯାଇ ପାରେ ) କି ଯଦି ଆଗାମୀ ଦଶ ବର୍ଷ ଭିତରେ ରାସ୍ତାରେ କିଛି ଅସୁବିଧା ପରିଲକ୍ଷିତ ହେବ ତେବେ ସେମାନେ ବିନା ପାରିଶ୍ରମିକରେ ସେସବୁର ମରାମତି କରିବେ। ଦଶ ବର୍ଷ ତ ଦୂରର କଥା ଦୀର୍ଘ ୫୦ବର୍ଷ ଧରି ରାସ୍ତାରେ କୌଣସି ଫାଟ, ଖାଲଖମା କିମ୍ବା ଅନ୍ୟ ଅସୁବିଧା ପରିଲକ୍ଷିତ ହୋଇ ନ ଥିଲା। ତାହା ହିଁ ସଚ୍ଚୋଟତା, ଯାହା ଆମ ଦେଶରେ ଘୋର ଅଭାବ। ଏଭଳି ଠିକ୍ କାମ କରି ମଧ୍ୟ ରେକୋଣ୍ଡୋ ମ୍ୟୁନିସିପାଲ କର୍ପୋରେଶନ୍‌ରୁ ଆଗକୁ କୌଣସି କାମ ପାଇ ନ ଥିଲେ। ତା'ର କାରଣ ହେଉଛି ରୁଗ୍ଣ ମାନସିକତା। ଏଠି ପୋଲ କାମ ନ ସରୁଣୁ ଭୁଶୁଡି ପଡିବା କିମ୍ବା ବର୍ଷକ ଭିତରେ ରାସ୍ତାରେ ପୋଖରୀ ସଦୃଶ ଖାଲଖମା ସୃଷ୍ଟି ହେବା ଅତି ସାଧାରଣ କଥା। ବାରବାର କାମ ବାହାନାରେ ଅଳ୍ପ କିଛି ଗୋଡି ପିଚୁ ଢାଳି ରାସ୍ତା ମରାମତି ବାବଦରେ କୋଟି କୋଟି ଟଙ୍କା ତୋସରପାତ ହୋଇଚାଲିଛି। କେବଳ ପ୍ରଶାସନ ଚାହିଁଲେ ସବୁ ସମସ୍ୟାର ସମାଧାନ ହେବନି। ସେସବୁକୁ କାର୍ଯ୍ୟକାରୀ କରିବାକୁ ଅଫିସରଙ୍କ ସମେତ ଲୋକଙ୍କ ଆନ୍ତରିକତା ଲୋଡା।

**ଜଗତ୍‌ସିଂହପୁର**
**ମୋ:୯୪୩୭୩୧୭୦୨୬**

## ଏଇ ଭାରତରେ

ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ୩୦ ବର୍ଷୀୟ ରାମବାବୁ ତିୱାରୀ ଏବକାର ଜଳ ପ୍ରଦୂଷଣ ଓ ସଙ୍କଟକୁ ଲକ୍ଷ୍ୟ କରି ତାହାର ସମାଧାନ ପାଇଁ ପୋଖରୀ ପୁନରୁଦ୍ଧାର ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଗାଁ ଅଧୱାନର ଲୋକଙ୍କ ସହାୟତାରେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ଅନେକ ପୋଖରୀରୁ ପଙ୍କ ବାହାର କରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ରାମବାବୁଙ୍କୁ ଯେତେବେଳେ ବୟସ ୧୭ ବର୍ଷ ସେତେବେଳେ ସେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ ଏବଂ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ସେ ତାଙ୍କ ଗାଁରେ ଥିବା ପୁଷ୍କରିଣୀକୁ ପୁନରୁଦ୍ଧାର କରିଥିଲେ। ପରେ ଏହି ଅଭିଯାନକୁ ସେ ବୁନ୍ଦେଲଖଣ୍ଡର ବିଭିନ୍ନ ଅଞ୍ଚଳକୁ ସମ୍ପ୍ରସାରିତ କରିଥିଲେ। ସେ ପ୍ରଥମେ ଏହି କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏହା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରୂପାନ୍ତର ହେବ ବୋଲି କେବେ ବି ଚିନ୍ତା କରି ନ ଥିଲେ। ହେଲେ ତାହା ଏବେ ତାଙ୍କ ଜୀବନରେ ଏକ ମୁଖ୍ୟ ବିଷୟ ହୋଇଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଅଗଷ୍ଟ ୧୯୭୬**

- ନାଗାଲାଣ୍ଡରେ ବଳବତ୍ତର ଥିବା ରାଷ୍ଟ୍ରପତି ଶାସନ ମିଆଦକୁ ପୁନଃ ୬ ମାସ ବଢ଼ାଇବା ସଂକ୍ରାନ୍ତ ପ୍ରସ୍ତାବ ଲୋକସଭାରେ ଅନୁମୋଦିତ।
- ବ୍ୟାପକ ମରୁଡ଼ି ହେତୁ ଦକ୍ଷିଣ-ପଶ୍ଚିମ ଇଂଲଣ୍ଡ ଓ ୱେଲ୍ସରେ ପାନୀୟ ଜଳ ପରିସ୍ଥିତି ଗୁରୁତର।
- ଡିଏଗୋଗାର୍ସିଆ ଦ୍ୱୀପରେ ଆମେରିକାର ସାମରିକ ଘାଟୀ ପ୍ରତିଷ୍ଠା ଉଦ୍ୟମକୁ ଲାଓସର ବିରୋଧ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 7 | | 4 | | |
| 9 | | | | | | | | 2 |
| 7 | 4 | | | | 5 | | | 1 |
| | 5 | 1 | | | 3 | | | |
| 8 | | | 6 | | | | | 3 |
| 6 | | | | | | | | |
| | | | | 5 | | | 2 | |
| | | 6 | | 1 | 4 | | 8 | 9 |
| | 8 | | | 9 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 7 | 1 | 5 | 6 | 3 | 2 | 9 |
| 9 | 2 | 1 | 4 | 3 | 7 | 5 | 8 | 6 |
| 6 | 5 | 3 | 9 | 8 | 2 | 1 | 4 | 7 |
| 3 | 7 | 6 | 5 | 4 | 8 | 9 | 1 | 2 |
| 2 | 1 | 4 | 6 | 9 | 3 | 7 | 5 | 8 |
| 5 | 8 | 9 | 7 | 2 | 1 | 6 | 3 | 4 |
| 4 | 9 | 2 | 3 | 7 | 5 | 8 | 6 | 1 |
| 7 | 6 | 5 | 8 | 1 | 4 | 2 | 9 | 3 |
| 1 | 3 | 8 | 2 | 6 | 9 | 4 | 7 | 5 |

ଗତକାଲିର ଉତ୍ତର

# ବିନାଶ ରାସ୍ତାରେ ବିକାଶ



ଡ. ସୁବାସ ଚନ୍ଦ୍ର ପାତ୍ର

ବିକାଶ ଏବେ ଏକ ବହୁଳ ଉଚ୍ଚାରିତ ଓ ବହୁଳ ଅତ୍ୟାଚାରିତ ଶବ୍ଦ। ସାରା ଭାରତରେ (ଅବଶ୍ୟ ଦକ୍ଷିଣ ଭାରତରେ ଏହାର ପ୍ରତିଶବ୍ଦ ଥିବ) ଏହା ଏତେ ଗୁଞ୍ଜରିତ ଯେ ହୁଏତ ଅନେକେ ଭାବୁଥିବେ ଜୀବନର ମୋକ୍ଷ ପାଇଁ ଉଚ୍ଚାରିତ ମନ୍ତ୍ରର ଏହା ପ୍ରଥମ ଶବ୍ଦ!

ଏମିତି ଦେଖିଲେ ବିକାଶ ଚିନ୍ତା କିଛି ଖରାପ କଥା ନୁହେଁ, କିନ୍ତୁ ତାହା ଧାରଣକ୍ଷମ ହେବା ଉଚିତ। ବିକାଶ ତାହାର ଆନୁଷଙ୍ଗିକ ଶାଖା ପ୍ରଶାଖା ମେଲି ଏତେ ବିଶାଳ ରୂପ ନିଏ ଯେ ଏକ ସମୟରେ ସେ ତା' ନିଜ ବୋଝରେ ଭାଙ୍ଗିପଡ଼େ। ବିଶ୍ୱର ଅନେକ ପ୍ରମୁଖ ସଭ୍ୟତା ସେତେବେଳର ମାନଦଣ୍ଡରେ ବେଶ୍ ବିକଶିତ ରୂପ ନେଇ କିଛିଟା ପ୍ରାକୃତିକ, କିଛିଟା ବିକାଶଗତ କାରଣରୁ ଲୋପପାଇଯାଇଛନ୍ତି। ଓଡ଼ିଶା ବା ତାହାର କେତେକ ସ୍ଥାନ କିଛିବର୍ଷ ପରେ ସେହି ଅବସ୍ଥା ଆଡ଼କୁ ଚାଲିଯିବ। ବାଲେଶ୍ୱର କଥା ଦେଖାଯାଉ। ଏବେ ବାଲେଶ୍ୱର ଲୋକେ ଘର ତିଆରି ପାଇଁ ଚଣ୍ଡିଖୋଲରୁ ପଥର, ଚିପ୍ସ ଓ ଆନନ୍ଦପୁରରୁ ବାଲି ଆଣୁଛନ୍ତି। ବାଲେଶ୍ୱର ଆଖପାଖ ଅଞ୍ଚଳରୁ ଏହି ଦୁଇ ସ୍ଥାନର ଦୂରତ୍ୱ ପାଖାପାଖି ୨୦୦ କି.ମି. ଲେଖାଏ। ଆଗରୁ ବାଲେଶ୍ୱରଠୁ ୧୦ କି.ମି. ଦୂର ଫୁଲାଡ଼ି ପାଖରୁ ବାଲି ଓ ବାଲେଶ୍ୱରଠୁ ୨୦ କି.ମି. ମିତ୍ରପୁର ପାଖରୁ ଲୋକେ ପଥର ଚିପ୍ସ ଆଣୁଥିଲେ। ସେ ସ୍ଥାନରେ ୨୦୦ କି.ମି. ଦୂରରୁ ନିର୍ମାଣ ସାମଗ୍ରୀ ଆଣି ସାଧାରଣ ମଣିଷ କ'ଣ ଘର କରିବ? ଭଦ୍ରକ-ବାଲେଶ୍ୱର-ବାରିପଦା-ଜଳେଶ୍ୱର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକର ନିର୍ମାଣ ପାଇଁ ନୀଳଗିରି ପାହାଡ଼ର ପଥର ଓ ବାଲେଶ୍ୱରର ନନ୍ଦନଦୀର ବାଲିର ବହୁଳ ବ୍ୟବହାର ଯୋଗୁ ଆଜି ଏହି ବ୍ୟବସ୍ଥା। ଅର୍ଥାତ୍ ରାଷ୍ଟ୍ରର ବୃହତ୍ତର ବିକାଶର ବେଦୀରେ ସାଧାରଣ ମଣିଷର ମାମୁଲି ବିକାଶ ବଳିପଡୁଛି।

ବିକାଶର ମୂଳମନ୍ତ୍ର ହେଉଛି ଆବଶ୍ୟକତାର ମୂଲ୍ୟାୟନ (ନିଡ୍ ଆସେସ୍‌ମେଣ୍ଟ)। ବେଳେବେଳେ ରାଜନୈତିକ କାରଣରୁ ବା ଦେଖାଇହେବା ପାଇଁ ବିଶାଳ ଉଚ୍ଚାକାଂକ୍ଷୀ ପ୍ରକଳ୍ପ ସବୁ ହାତକୁ ନିଆଯାଏ ବା ପ୍ରସ୍ତାବିତ ହୁଏ ଯାହା ତୃଣମୂଳ ସ୍ତରରେ ବିକାଶକୁ ବାଧା ଜନ୍ମାଏ ବା ତା'ର ଗୁଣବତ୍ତା ହ୍ରାସକରେ, ମହଙ୍ଗା ମାଡ଼ର ପ୍ରଭାବରେ। ସେମିତି କିଛି ପ୍ରସ୍ତାବିତ ପ୍ରକଳ୍ପ ଯଥା ଓଡ଼ିଶା ଚାରିପଟେ ରିଂରୋଡ୍, ଓଡ଼ିଶାର ପୂର୍ବ-ପଶ୍ଚିମ ଓ ଉତ୍ତର-ଦକ୍ଷିଣ ମଧ୍ୟରେ ରାଜ୍ୟ ରାଜପଥ ନିର୍ମାଣ, ଭୁବନେଶ୍ୱରରେ ସବୁ ଜିଲା ପାଇଁ ଅତିଥିଶାଳା ନିର୍ମାଣ, ଦିଲ୍ଲୀର ଭାରତ ମଣ୍ଡପମ୍ ଢାଞ୍ଚାରେ ଭୁବନେଶ୍ୱରରେ ବିଶାଳ ପ୍ରେକ୍ଷାଳୟ ନିର୍ମାଣ ଇତ୍ୟାଦି ପ୍ରକଳ୍ପର ଜରୁରୀ ଆବଶ୍ୟକତା, ଏହାର ଗ୍ରାମାଞ୍ଚଳ ନିର୍ମାଣ ସମ୍ବନ୍ଧୀୟ କଞ୍ଚାମାଲ ଉପରେ ପ୍ରଭାବ- ଏସବୁକୁ ଅତି ଗମ୍ଭୀରତାର ସହ ଆକଳନକରି ପଦକ୍ଷେପ ନେବାକୁ ପଡ଼ିବ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ବାଲେଶ୍ୱର-ଭଦ୍ରକ ନିର୍ମାଣାଧୀନ ଜାତୀୟ ରାଜପଥ ଧାର୍ଯ୍ୟ ସମୟଠୁ ବର୍ଷ ବର୍ଷ ଗଡ଼ିଯିବାର ମୁଖ୍ୟ କାରଣ ହିସାବରେ ନିର୍ମାଣକାରୀ ସଂସ୍ଥା କହି ଚାଲିଛି, ଏଠାରେ ନିର୍ମାଣ ସମ୍ବନ୍ଧୀୟ କଞ୍ଚାମାଲର ଘୋର ଅଭାବ। ବିକାଶକୁ ସାର୍ବଜନୀନ ତଥା ସୁଲଭକରିବା ପାଇଁ ଅତିଆବଶ୍ୟକ ନ ଥିବା ବୃହତ୍ ପ୍ରକଳ୍ପକୁ କିଛି ବର୍ଷ ଘୁଞ୍ଚାଇଦେଲେ ଜୀବନରେ ଥରେ ଘର କରୁଥିବା ମଣିଷମାନେ ନିଜ ସମ୍ବଳ ଭିତରେ ପକ୍କାଘରଟି କରିପାରିବେ, ଆପାତତଃ ଅପେକ୍ଷାକୃତ କମ୍ ଖର୍ଚ୍ଚରେ।

ଏବେ ନିର୍ମାଣ ସ୍ଥାପତ୍ୟ ଓ କାରିଗରି ବହୁ ବିକଶିତ ହେଲାଣି। ଇଟା, ବାଲି, ସିମେଣ୍ଟ, ପଥର, ଚିପ୍ସ ଭଳି ପ୍ରାକୃତିକ ସମ୍ବଳ କମ୍ ବ୍ୟବହାରକରି



ଷ୍ଟେନ୍‌ଲେସ୍ ଷ୍ଟିଲ୍ ଓ ଅନ୍ୟାନ୍ୟ କାରଖାନା ଉତ୍ପାଦ ମାଧ୍ୟମରେ ଗୃହନିର୍ମାଣ ଉପରେ ଗୁରୁତ୍ୱ ଆରୋପ କରାଯିବା ଉଚିତ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, ଗୋପୀଚନ୍ଦ ଫାଉଣ୍ଡେଶନ ଆନୁକୂଲ୍ୟରେ ଭୁବନେଶ୍ୱରରେ ନିର୍ମିତ ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମକୁ ପୂରାପୂରି କଂକ୍ରିଟରେ ନିର୍ମାଣ ନ କରି ଅନ୍ୟ ଭାବରେ, ଆଧୁନିକ ଢଙ୍ଗରେ ସୁନ୍ଦର ଶୈଳୀରେ ନିର୍ମାଣ କରିହୁଅନ୍ତା। ବେଳେବେଳେ ଲାଗେ ଏଥିର ବ୍ୟବହୃତ ପାରମ୍ପରିକ ଗୃହ ନିର୍ମାଣ ସାମଗ୍ରୀ ଦ୍ୱାରା ହୁଏତ ଓଡ଼ିଶାର ଗୋଟିଏ ଜିଲାରେ ନିର୍ମାଣାଧୀନ ସମସ୍ତ ପାଣିଟାଙ୍କି ନିର୍ମାଣ ହୋଇପାରିଥାନ୍ତା!!

ଭାରତବର୍ଷରେ ଉଚ୍ଚାରିତ 'ବିକାଶ' ଶବ୍ଦର ହୃତ୍‌ପିଣ୍ଡ ହେଉଛି କଂକ୍ରିଟ। ବିକାଶ କହିଲେ କଂକ୍ରିଟକୈନ୍ଦ୍ରିକ ବିକାଶ କଥା କୁହାଯାଏ। ସେହି କ୍ରମରେ ରାସ୍ତା ବା କୋଠାବାଡ଼ି ନିର୍ମାଣବେଳେ ବହୁ ବୃକ୍ଷକୁ ଆତ୍ମାହୁତି ଦେବାକୁ ପଡ଼େ ଏବଂ ପୂର୍ବ ବ୍ୟବହୃତ ପିଚୁମିଖା ଅବା ସିମେଣ୍ଟ ଜାବୁଡ଼ା ପଥର ଚିପ୍ସଗୁଡ଼ିକୁ ରାସ୍ତାକଡ଼କୁ ଫିଙ୍ଗିଦିଆଯାଏ। ଦୁଃଖର କଥା ଏକଥା କରାଯାଏ ଯେତେବେଳେ ବୃହତ୍ ବୃହତ୍ ବୃକ୍ଷର ପୁନଃ ରୋପଣ ଓ ବ୍ୟବହୃତ ପଥର ଚିପ୍ସର ପୁନର୍ବ୍ୟବହାର କାରିଗରି ଉପଲବ୍ଧ। ଘଟଣାକ୍ରମେ ଥରେ କଲିକତା ଯିବା ବାଟରେ ଖଡ଼ଗପୁର ପାଖାପାଖି ଜାତୀୟ ରାଜପଥର ଏକ ଅଂଶକୁ ଏହି ବିଧିରେ ମରାମତି କରାଯାଉଥାଏ -ଅର୍ଥାତ୍ ରାସ୍ତା ଫାଟି ଢିଲା ହୋଇଯାଇଥିବା ପିଚୁଫଡ଼ାକୁ ଉଠାଇ ଏକ ମେଶିନରେ ପୂରାଇ ତାକୁ ପିଚୁମୁକ୍ତ ତଟକା ପଥର ଚିପ୍ସରେ ପରିଣତ କରି ଆଉ ଏକ ମେଶିନରେ ପିଚୁ ସହ ଗୋଳେଇ ପୁଣି ରାସ୍ତା ଉପରେ ବିଛାଇ ଦିଆଯାଉଥାଏ। ଓଡ଼ିଶାରେ ବୃକ୍ଷଚ୍ଛେଦନ ଓ ପଥରମୁଣ୍ଡାକୁ ଆବର୍ଜନା ଭାବି ଫିଙ୍ଗିଦେବାକୁ ଗୁରୁତ୍ୱ ଦିଆଯାଏ!!

ଆମେରିକା ଓ ଚାଇନା ତାଙ୍କର ପ୍ରାକୃତିକ ସମ୍ବଳମାନ ସାଇତି ରଖି ଅନ୍ୟ ଦେଶରୁ ତାହା ଆମଦାନୀ କରୁଥିଲାବେଳେ ଆମେ ଅବିଚାରିତ ଭାବରେ ଫିଙ୍ଗାଫୋପଡ଼ା ଦରରେ ରପ୍ତାନିକରୁ ବା ସେହି ଢଙ୍ଗରେ ବ୍ୟବହାର କରୁଛୁ। ଦିନ ଆସିବ ପଥର କୋଇଲା ଆମଦାନୀ କଲା ଭଳି ପଥର ଚିପ୍ସ ଓ ବାଲିକୁ ମଧ୍ୟ ଅଷ୍ଟ୍ରେଲିଆରୁ ଆମଦାନୀ କରିବାକୁ ପଡ଼ିବ, କାରଣ ନିର୍ମାଣ ସାମଗ୍ରୀର ସୁସଂହତ ବ୍ୟବହାର ଉପରେ ଏଠି ଗୁରୁତ୍ୱ ଦିଆଯାଏ ନାହିଁ ଅବା ତା'ର ବିକଳ୍ପ ଉପାଦାନ ଖୋଜାଯାଏ ନାହିଁ। ଭୂପୃଷ୍ଠ ପରିବହନ କ୍ଷେତ୍ରରେ ଲେନ୍ ଡ୍ରାଇଭିଂର ପ୍ରଚଳନ ଏତେ ନାହିଁ। କଟକ, ଭୁବନେଶ୍ୱର ମଧ୍ୟରେ ଏହା ହବହବ କହି ହୋଇପାରିଲା ନାହିଁ। ଏଣେ ଲେନ୍ ସଂଖ୍ୟା ବଢ଼ାଅ, କାରଣ ଆମେ ଓଭରଟେକ୍ କରିବୁ ସାମ୍ନା ଗାଡ଼ିକୁ! ଆମକୁ ଖେଳପଡ଼ିଆ ମାପର ରାସ୍ତା ଦରକାର! ଅଥଚ ଆଭ୍ୟନ୍ତରୀଣ ମୁମ୍ବାଇରେ ବେଶ୍ 'ସରୁଲେନ୍'ରେ ଓଭରଟେକିଂର ଅନୁପସ୍ଥିତି ଯୋଗୁ ଗାଡ଼ିଘୋଡ଼ା ସୁରୁଖୁରରେ ଚାଲେ।

ବିକାଶ ରାସ୍ତାରେ ପ୍ରକୃତି ରୂପରେ ମୁଖ୍ୟତଃ ବଳି ପଡୁଛନ୍ତି ପାହାଡ଼, ନଦୀ, ମୃତ୍ତିକା ଓ ଜଙ୍ଗଲ। ପାହାଡ଼ ଖୋଳି ତା'ର ମୂଳ ତାଡ଼ି ସୃଷ୍ଟିକରାଯାଉଛି କୃତ୍ରିମ ହ୍ରଦ ଯାହା ବିଡ଼ମ୍ବନା କ୍ରମେ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେଉଛି, ଉଦାହରଣ ସ୍ୱରୂପ ବାଲେଶ୍ୱର ମିତ୍ରପୁର ସନ୍ନିକଟ ବ୍ଲୁ ଲେକ୍। ସହର ଆଖପାଖର ଗାଁର ଲୋକେ ସକାଳୁ ଉଠି ଦେଖୁଛନ୍ତି ନିଜ ଜମିରୁ ମାଟି ଉଭାନ୍ ଆଉ କାରଖାନା ନିର୍ମାଣ, ରାସ୍ତା ପ୍ରଶସ୍ତୀକରଣ ଓ ଗୃହ ସାମଗ୍ରୀ ନିର୍ମାଣ ପାଇଁ ବଳିପଡୁଛି ଜଙ୍ଗଲ। ପାହାଡ଼- ନଦୀ-ମାଟି-ଜଙ୍ଗଲ ରହିତ ବିକାଶର ସଂଜ୍ଞା କ'ଣ? ଏହା କ'ଣ ବିନାଶ ନୁହେଁ?

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ: ୯୪୩୭୩୭୬୨୧୯**

# ଚିରନ୍ତନୀ

ଜୀବନ ଗୋଟା ଲୋଡେ କରିବାକୁ ଖେଳନ୍ତୁଟି
ଧରାରେ ଯେଉଁ ହାସ
ବାର ମାସ ଉଠେ ଫୁଟି,
ପ୍ରଦୋଷ ଉଷା ପରେ ଫୁଲେ
ଫୁଲେ ଯାଏ ଲିହି
ଯେ ହାସ ପାଇଁ ତବ
ଅବୟବ ଗଢ଼େ ବିହି ।

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଙ୍କ କାରବାର ପାଇଁ ଜରୁରୀ କୋଡ୍

ମହାଶୟ,

ବ୍ୟାଙ୍କରେ ଖାତାଟିଏ ଖୋଲିବା ପରେ ସେଥିରୁ ଟଙ୍କା ଦେଣନେଣ କରିବା ପାଇଁ ଆମକୁ ନିଜ ଖାତା ନମ୍ବର, ବ୍ୟାଙ୍କ ଓ ଶାଖାର ନାମ ସହ ଭିନ୍ନ ଭିନ୍ନ ସମୟରେ ବ୍ରାଞ୍ଚ୍ କୋଡ୍ ଓ ଆଇଏଫ୍‌ଏସ୍‌ସି କୋଡ୍ ଆଦି ଲେଖିବା ଦରକାର ହୋଇଥାଏ। ଗୁରୁତ୍ୱପୂର୍ଣ୍ଣ କଥା ସମସ୍ତେ ଜାଣିବା ଉଚିତ, ବ୍ୟାଙ୍କଗୁଡ଼ିକର ବିଭିନ୍ନ ସ୍ଥାନରେ ଏକାଧିକ ଶାଖା ରହିଥିବାରୁ ପ୍ରତ୍ୟେକ ଶାଖାକୁ କୋଡ୍ ଦ୍ୱାରା ଚିହ୍ନିତ କରାଯାଏ। ପ୍ରତ୍ୟେକ ଶାଖାର କୋଡ୍ ସ୍ୱତନ୍ତ୍ର। କୌଣସି ଦୁଇଟି ଶାଖାର ବ୍ରାଞ୍ଚ୍ କୋଡ୍ ସମାନ ହୋଇପାରିବ ନାହିଁ। ସେହିପରି ଆଇଏଫ୍‌ଏସ୍ କୋଡ୍ ଇଣ୍ଡିଆନ ଫାଇନାନ୍ସିଆଲ ସିଷ୍ଟମ କୋଡ୍ ବା ଆଇଏଫ୍‌ଏସ୍‌ସି ନାମରେ ପରିଚିତ ଏହି ଏଗାର ସଂଖ୍ୟାବିଶିଷ୍ଟ କୋଡ୍‌ରେ ଅକ୍ଷର ଓ ଅଙ୍କ ଉଭୟ ଥାଏ। ଏହାର ପ୍ରଥମ ଚାରିଟି ସ୍ଥାନରେ ଥିବା ଚାରିଟି ଅକ୍ଷର ବ୍ୟାଙ୍କର ନାମକୁ ବୁଝାଏ। ଏଣୁ ଏହି କୋଡ୍ ଠିକ୍ ଭାବେ ଲେଖିବା ଜରୁରୀ। ଆଜିକାଲି ଅନେକ ଠକ ଅର୍ଥ ହାତସଫେଇ କରୁଥିବାର ଖବର ପ୍ରକାଶ ପାଉଛି। ତେଣୁ କୌଣସି ପରିସ୍ଥିତିରେ ଆପଣ ଅଜଣା ବ୍ୟକ୍ତିଙ୍କୁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗ୍ ସୂଚନା ଓ ବ୍ୟାଙ୍କିଙ୍ଗ୍ କୋଡ୍ ଦିଅନ୍ତୁ ନାହିଁ।

**-ଡ. ତପନ କୁମାର ପାଳ, ଏସ୍‌ବିଆଇ ଷ୍ଟାଫ୍ କଲୋନି, ଦେଉଳ ସାହି, ତୁଳସୀପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ନାବାଳିକା ବିକ୍ରି ଉଦ୍ୟମ ପଣ୍ଡ

ଖଇରା,(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ପଞ୍ଚାୟତ ଅଧୀନ କଳମଚୁଆ ଗ୍ରାମରେ ଜଣେ ନାବାଳିକାଙ୍କୁ ବିକ୍ରି ପାଇଁ ଉଦ୍ୟମ କରାଯାଉଥିବା ବେଳେ ବାଲେଶ୍ୱର ଚାଇଲ୍ଡ ଲାଇନର ସଦସ୍ୟମାନେ ପହଞ୍ଚି ପଣ୍ଡ କରିଛନ୍ତି। ଏହି ନାବାଳିକାଙ୍କ ଘର ରାୟଗଡା ଜିଲାର କଲ୍ୟାଣସିଂପୁର ଥାନା ଅଞ୍ଚଳରେ। କଳମଗଡିଆ ଗ୍ରାମର ଜଣେ ବ୍ୟକ୍ତି ନାବାଳିକାଙ୍କୁ ଆଣି ଘରେ ରଖି ବିକ୍ରି ପାଇଁ ପ୍ରସ୍ତୁତି ଚଳାଇଥିଲେ। ବୁଧବାର ରାତିରେ ଚାଇଲ୍ଡ ଲାଇନ ଟିମ୍‌ର ସଦସ୍ୟମାନେ ଖଇରା ପୋଲିସ ସହାୟତରେ ଉକ୍ତ ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି।

# ସ୍ତ୍ରୀଙ୍କୁ ପଥର ଚଟାଣରେ କଚାଡ଼ି ମାରିଲେ ସ୍ୱାମୀ

ଯାଜପୁରରୋଡ୍,୨୧।୮
(ପବିତ୍ର ରଞ୍ଜନ ମହାନ୍ତି)

### ସ୍ୱାମୀଙ୍କ ଅନ୍ୟ ସ୍ତ୍ରୀ ସହ ସମ୍ପର୍କକୁ ବିରୋଧ କରୁଥିଲେ

ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ୯ନଂ.ୱାର୍ଡର କୋର୍ଟ ପଛପଟ ବିନାୟକ ବିହାର ମହରମ ଛକ ବସ୍ତିରେ ଗୁରୁବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପଥର ଚଟାଣରେ କଚାଡ଼ି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ କିଷାନ ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀ ଦାସ(୩୦)। ଲକ୍ଷ୍ମୀ ତାଙ୍କ ସ୍ୱାମୀଙ୍କ ଅନ୍ୟ ସ୍ତ୍ରୀ ସହ ସମ୍ପର୍କକୁ ବିରୋଧ କରିବାରୁ ଏହି ଘଟଣା ଘଟିଛି। ତେବେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ କିଷାନ ତାଙ୍କୁ ଏକ ଲୁଗାରେ ଘରେ ଟାଙ୍ଗି ଆତ୍ମହତ୍ୟାର ରୂପଦେବାକୁ ଚେଷ୍ଟା କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହିତ କିଷାନଙ୍କୁ ଅଟକ ରଖି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ କହିଛନ୍ତି।

ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ସ୍ଥାନୀୟ କାଉନସିଲର ମଣିନ୍ଦ୍ର ସାହୁଙ୍କୁ କିଷାନଙ୍କ ପଡ଼ୋଶୀ ଖବର ଦେଇଥିଲେ। କାଉନସିଲର ସାହୁ ଯାଜପୁରରୋଡ୍ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରିଥିଲା। ଏହାପରେ ତାଙ୍କ ସ୍ୱାମୀ କିଷାନଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲା। କିଷାନ କହିଥିଲେ, ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଲକ୍ଷ୍ମୀ ରାଗିଯାଇ ରାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ ତାଙ୍କ ପଡ଼ୋଶୀମାନେ କହିଥିଲେ, କିଷାନଙ୍କ ଅନ୍ୟ ସ୍ତ୍ରୀ ଲୋକଙ୍କ ସହ ସମ୍ପର୍କ ରହିଛି। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ମାରପିଟ ଲାଗି ରହିଥିଲା। ସକାଳେ ମଧ୍ୟ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିରେ କିଷାନ ଉତ୍କ୍ଷିପ୍ତ ହୋଇ ଲକ୍ଷ୍ମୀଙ୍କୁ ଟେକିଆଣି ଘର ସମ୍ମୁଖରେ ଥିବା ଏକ ମାଙ୍କଡ଼ା ପଥର ଉପରେ କଚାଡ଼ି ଦେଇଥିଲା। ଫଳରେ ଲକ୍ଷ୍ମୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ଲକ୍ଷ୍ମୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମାଉସୀ ନାଗୁ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୪୮୯/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ଝାରସୁଗୁଡ଼ା ଜିଲା ଦୌରାଜଜ୍ କୋର୍ଟରେ ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ

ଝାରସୁଗୁଡ଼ା, ୨୧।୮(ଆଶିଷ ରଞ୍ଜନ ଦାଶ)

### ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଗୁରୁବାର ଝାରସୁଗୁଡ଼ା ଜିଲା ଦୌରାଜଜ୍ କୋର୍ଟରେ ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସେମାନେ ହେଲେ ମହମ୍ମଦ ଆଲାମ ଓ ସଞ୍ଜୟ କିଷାନ। ଏହି ଘଟଣାର ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକଙ୍କ ସୂଚନା ଅନୁଯାୟୀ, ଗୁରୁବାର ପ୍ରଥମେ ମହମ୍ମଦଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଗୋପାଳଙ୍କ କିଛି ଜିନିଷ ଓ ଝାରସୁଗୁଡ଼ା ରେଳଷ୍ଟେଶନ ନିକଟରେ ଥିବା ଏକ ବାଇକ୍ ପୋଲିସ ଜବତ କରିବା ସମୟରେ ମହମ୍ମଦ ଦେଖିଥିଲେ। ସେହିପରି ସଞ୍ଜୟଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସେ ଜଣେ କନ୍‌ଷ୍ଟେବଲ୍ ଏବଂ ନବ ଦାସ ହତ୍ୟାକାଣ୍ଡର ଅନ୍ୟତମ ପ୍ରମୁଖ ସାକ୍ଷୀ। ଏହି ହତ୍ୟାକାଣ୍ଡ ପରେ ତାଳପଟିଆ ଆଉଟ୍‌ପୋଷ୍ଟ ଲାଟ୍ରିନ୍ ଟାଙ୍କିରୁ କାଗଜଖଣ୍ଡ ଜବତବେଳେ ସଞ୍ଜୟ ଉପସ୍ଥିତ ଥିଲେ। ସେହିପରି ଉକ୍ତ ହତ୍ୟାକାଣ୍ଡର କ୍ରାଇମ୍‌ସିନ୍ ରିକ୍ରିଏଶନ୍‌ବେଳେ ସଞ୍ଜୟ ଫଟୋ ଉଠାଇବା ସହ ଭିଡିଓଗ୍ରାଫି କରିଥିଲେ। ତେଣୁ ତାଙ୍କର ସାକ୍ଷ୍ୟ ଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ଓକିଲ ନାୟକ ସୂଚନା ଦେଇଛନ୍ତି। ଶୁକ୍ରବାର ମଧ୍ୟ ଏହି ହତ୍ୟା ଘଟଣାର ସାକ୍ଷ୍ୟ ଗ୍ରହଣ କରାଯିବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୯ରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନବ ଦାସ ଯୋଗଦେବାକୁ ଯାଉଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଗୋପାଳ ଦାସଙ୍କୁ ଗିରଫ କରାଯାଇଥିଲା। ଘଟଣାସ୍ଥଳରେ ଗୋପାଳ ଗୁଳି ଚଳାଇ ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ମାଡ଼ ମାରିଥିଲେ।

# ୩ ନାବାଳିକା କନ୍ୟାଙ୍କୁ ଧରି ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ନିଶ୍ଚିନ୍ତକୋଇଲି,୨୧।୮
(ଅଶୋକ କୁମାର ମହାପାତ୍ର)

### ସ୍ୱାମୀଙ୍କ ପରକୀୟା ପ୍ରୀତି ସନ୍ଦେହ

ସ୍ୱାମୀଙ୍କ ପରକୀୟା ପ୍ରୀତି ସନ୍ଦେହରେ ୩ଝିଅଙ୍କ ସହ ମା’ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗ୍ରାମବାସୀ ସେମାନଙ୍କୁ କାବୁ କରିବା ସହ ମହିଳାଙ୍କୁ ପୋଲିସ ଜିମା ଦେଇଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଏହିଥାନା ଅଞ୍ଚଳର ଜଣେ ବ୍ୟକ୍ତି ଓ ତାଙ୍କ ପଡ଼ୋଶୀ ଦୀର୍ଘଦିନ ହେବ ହାଇଦ୍ରାବାଦର ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ଉଭୟଙ୍କ ସ୍ତ୍ରୀ ଓ ପିଲାଛୁଆ ସେମାନଙ୍କ ଗାଁରେ ରୁହନ୍ତି। ଏପରିସ୍ଥଳେ ପଡ଼ୋଶୀ ସ୍ତ୍ରୀଙ୍କ ସହ ଆତ୍ମହୁତି ଉଦ୍ୟମ କରିଥିବା ମହିଳାଙ୍କ ସ୍ୱାମୀଙ୍କ ପରକୀୟା ପ୍ରୀତି ଥିବା ନେଇ ମହିଳା ଜଣକ ସନ୍ଦେହ କରିଆସୁଥିଲେ। ଗୁରୁବାର ସମ୍ପୃକ୍ତ ବ୍ୟକ୍ତି ହାଇଦ୍ରାବାଦରେ ଥିଲେ ମଧ୍ୟ ଉପରୋକ୍ତ ଘଟଣାକୁ ନେଇ ମାନସିକସ୍ତରରେ ଚିନ୍ତାଗ୍ରସ୍ତ ହୋଇ ତାଙ୍କ ସ୍ତ୍ରୀ ୩ ନାବାଳିକା କନ୍ୟାକୁ ସାଙ୍ଗରେ ନେଇ ଏକ ସ୍କୁଟି ଯୋଗେ ସ୍ଥାନୀୟ ଡିଲରଙ୍କ ଘରକୁ ଯାଇ କିରୋସିନ ଆଣିଥିଲେ। ଏହାପରେ ୩ କନ୍ୟାଙ୍କୁ ସାଥିରେ ନେଇ ସମ୍ପୃକ୍ତା ମହିଳା ତାଙ୍କ ପଡ଼ୋଶୀଙ୍କ ଘର ସମ୍ମୁଖରେ ପହଞ୍ଚି କଳିଝଗଡା କରିଥିଲେ। ଏହି ସମୟରେ ପଡ଼ୋଶୀଙ୍କ ମା’ଙ୍କ ଉପରେ ସମ୍ପୃକ୍ତା ମହିଳା ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିସହ ନିଜର ୩ କନ୍ୟାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ୩ ନାବାଳିକାଙ୍କୁ ନେଇ ତାଙ୍କ ଜେଜେଙ୍କୁ ହସ୍ତାନ୍ତର କରିଛି। ଏଥିସହ ସମ୍ପୃକ୍ତା ମହିଳାଙ୍କୁ ପୋଲିସ ସାଙ୍ଗରେ ନେଇ ଥାନାରେ ତଦନ୍ତ କରିବା ସହ କଟକର ମନସ୍ତତ୍ତ୍ୱ କେନ୍ଦ୍ରରେ ଚିକିତ୍ସା କରାଇଛି। ଏହାପରେ ତାଙ୍କୁ ନେଇ ଘରେ ଛାଡ଼ିଦେଇଛି ବୋଲି ଥାନା ଅଧିକାରୀ ଯୁଗଳ କିଶୋର ଦାସ ସୂଚନା ଦେଇଛନ୍ତି।

# ଟ୍ରାପ୍ କ୍ୟାମେରାରେ ଧରାପଡ଼ିଲେ ୨ ଶିକାରୀ

### ବନ୍ଧୁକ ସହ ମାରଣାସ୍ତ୍ର ଉଦ୍ଧାର

ନୀଳଗିରି, ୨୧।୮(ପ୍ରଶାନ୍ତ ବିଶ୍ୱାଳ)



ଗିରଫ ଦୁଇ ଅଭିଯୁକ୍ତ।

କୁଲଡ଼ିହା ଅଭୟାରଣ୍ୟ ମଧ୍ୟରେ ଶିକାରୀଙ୍କୁ ଜଗିଥିବା ଟ୍ରାପ କ୍ୟାମେରାରେ ଦୁଇଜଣ ଶିକାରୀଙ୍କୁ ଚିହ୍ନଟ କରି ବନବିଭାଗ ସେମାନଙ୍କୁ ଗିରଫ କରିଛି। ଅଗଷ୍ଟ ୧୫ତାରିଖ କୁଲଡ଼ିହା ବନବିଭାଗ ଦ୍ୱାରା ଅଭୟାରଣ୍ୟ ମଧ୍ୟରେ ରୁଟିନ୍ ଚେକ୍ ସମୟରେ ଟ୍ରାପ୍ କ୍ୟାମେରାରେ ଦୁଇଜଣ ଶିକାରୀ ଅଭୟାରଣ୍ୟ ମଧ୍ୟରେ ରାତି ପ୍ରାୟ ୧୧ଟା ୪୫ ମିନିଟ୍‌ରେ ସନ୍ଦିଗ୍ଧ ଅବସ୍ଥାରେ ନଜର ଆସିଥିଲେ। ପରେ ସେମାନଙ୍କୁ ଚିହ୍ନଟ କଲା ପରେ ଗତ ୧୯ତାରିଖ ସକାଳ ୬ଟା ୧୦ମିନିଟ୍ ସମୟରେ କୁଲଡ଼ିହା ବନବିଭାଗ ଦ୍ୱାରା ବରହମପୁର ଥାନା ନଟାପଡା ଗ୍ରାମର ଦୁଇଭାଇ କାଳନ୍ଦ୍ରୀ ହେମ୍ବ୍ରମ (୨୮) ଏବଂ ଭୁଣ୍ଡା ହେମ୍ବ୍ରମ(୨୫)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଗୁଳି ଭର୍ତ୍ତି ବନ୍ଧୁକ(ଯାହା ପରେ ନିରାପତ୍ତା ପାଇଁ ଅକାମୀ କରାଯାଇଛି), ତନଖି ସମୟରେ କାଳନ୍ଦ୍ରିଙ୍କ ଛାତ ଉପରୁ ଗୋଟିଏ କାଣ୍ଡ, ୩ଟି ଧନୁତୀର, ୨ଟି ଜାଲ ଓ ଶିକାର ସରଞ୍ଜାମ ବନବିଭାଗ ଜବତ କରିଛି। ବନ୍ୟଜନ୍ତୁ ନିରାପତ୍ତା ଆଇନ୍ ୧୯୭୨ ଅନୁଯାୟୀ ଗିରଫ କରାଯାଇ ଅଧିକ ତଦନ୍ତ ଚାଲୁ ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

# ଚୋରି ଅଭିଯୋଗରେ ଦମ୍ପତି ଗିରଫ

ଢେଙ୍କିକୋଟ,୨୧।୮(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧୀନସ୍ଥ ଢେଙ୍କିକୋଟ ପଞ୍ଚାୟତ ଟିକିରା ଛେଳିହାଟ ପଡ଼ିଆରୁ ୨ ଲୁଟେରା ଦମ୍ପତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ଭଦ୍ରକ ଜିଲା ଧାମରା ପାଇକସାହିର କାଳିଆ ଶବର, ତାଙ୍କ ସ୍ତ୍ରୀ ବର୍ଷା ସିଂହ। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଯାଯାବର ଭଳି ଗାଁ ଗାଁ ବୁଲି ହାତ ରେଖା ଦେଖିବା କାମ କରନ୍ତି। ବୁଧବାର ଦମ୍ପତି ଦ୍ୱୟ ପାଟଣା ବ୍ଲକ୍ ଚିନାମାଳିପଶି ପଞ୍ଚାୟତ ଚିନାମାଳିପଶିର ଲକ୍ଷ୍ମୀପ୍ରିୟା ମହାନ୍ତଙ୍କ ଘରକୁ ଯାଇଥିଲେ। ପରିବାର ଲୋକେ ବିଲକୁ କାମ କରିବାକୁ ଯାଇଥିବା ବେଳେ ଦମ୍ପତି ଘରେ ପଶି ବାକ୍ସରୁ ସୁନା ଚେନ୍, ହଳେ ସୁନା କାନଫୁଲ, ହଳେ ରୁପା ପାଉଁଜି ଚୋରି କରି ଫେରାର ହୋଇଯାଇଥିଲେ। ଲକ୍ଷ୍ମୀପ୍ରିୟା ଘରକୁ ଫେରି ଚୋରି ହୋଇଥିବା ଜାଣି ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଗୁରୁବାର ଦମ୍ପତିଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଘଟଗାଁ ପୋଲିସ ଏକ ମାମଲା(ନଂ. ୩୪୯/୨୫) ରୁଜୁ କରି ଦମ୍ପତିଙ୍କୁ କୋର୍ଟଚାଲାଣ କରି ଅଧିକ ତଦନ୍ତ କରୁଥିବା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ପ୍ରକାଶ କରିଛନ୍ତି।

# ଟାଙ୍ଗିଆରେ ହାଣି ବାପାଙ୍କୁ ହତ୍ୟା



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

### ଟାଙ୍ଗିଆ ଜବତ, ଅଭିଯୁକ୍ତ ଅଟକ

ଦେବଗଡ଼,୨୧।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅଧୀନ ଗୋହିଡା-ଜାମୁନାଳୀ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ବୃଦ୍ଧ ବାପାଙ୍କୁ ଟାଙ୍ଗିଆରେ ହାଣି ପୁଅ ହତ୍ୟା କରିଛନ୍ତି। ମୃତକ ହେଲେ ବୁଧୁ କିଷାନ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ପୁଅ ଦୁଃଖବନ୍ଧୁ କିଷାନଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଘରେ କେହି ନ ଥିବାବେଳେ ବୁଧୁ ଏବଂ ଦୁଃଖବନ୍ଧୁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଦୁଃଖବନ୍ଧୁ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ବାପାଙ୍କୁ ହାଣି ହତ୍ୟା କରିଥିଲେ। ପରେ ଘର ପଛପଟ ଏକ ଗାତ ଭିତରେ ମୃତଦେହକୁ ଫିଙ୍ଗି ଦେଇଥିଲେ। ପରିବାର ଲୋକେ ଫେରିବା ପରେ ଘର ଭିତରେ ରକ୍ତଛିଟା ପଡିଥିବା ଦେଖିଥିଲେ। ଏହାପରେ ବୁଧୁଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ରକ୍ତଛିଟା ବାରିରେ ପଡିଥିବା ଦେଖି ସେମାନେ ପୋଲିସକୁ ଖବର ଦେଇଥିଲେ। ଗୁରୁବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି। ଏନେଇ ଦୁଃଖବନ୍ଧୁଙ୍କ ଭଉଣୀ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୮୬/୨୫) ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିବା ଆଇଆଇସି ଜୋହନ କୁଜୁର୍ କହିଛନ୍ତି।

# ୨ ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନଶିକ୍ଷକ ଗିରଫ

ଝାରସୁଗୁଡ଼ା, ୨୧।୮
(ଆଶିଷ ରଞ୍ଜନ ଦାଶ)

ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବନହରପାଲି ପୋଲିସ ଏକ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳରେ ଥିବା ଏକ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଅଜୟ ବେହେରା। ସୂଚନା ଅନୁଯାୟୀ, ଅଜୟ ନିୟମିତ ଭାବେ ଅଷ୍ଟମ, ନବମ, ଦଶମ ଶ୍ରେଣୀ ଛାତ୍ରୀଙ୍କ କୋଠରି ଏବଂ ଗାଧୁଆ ଘରକୁ ଯାଇ ସେମାନଙ୍କୁ ଦୁର୍ବ୍ୟବହାର କରିଆସୁଥିଲେ। ବୁଧବାର ୨ ଜଣ ଛାତ୍ରୀଙ୍କୁ ଅଜୟ ଅସଦାଚରଣ କରିଥିଲେ। ଏନେଇ ସେମାନେ ଲଖନପୁର ବ୍ଲକର ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ରାଉଡ଼ିଆଙ୍କୁ ଜଣାଇଥିଲେ। ପରେ ଜ୍ୟୋତ୍ସ୍ନା ଘଟଣା ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରିଣୀ ପୁଣ୍ୟବତୀ ହେଲେନ୍ ଖେସ୍‌ଙ୍କୁ ଅବଗତ କରିଥିଲେ। ପୁଣ୍ୟବତୀଙ୍କ ନିର୍ଦ୍ଦେଶକ୍ରମେ ଜ୍ୟୋତ୍ସ୍ନା ବନହରପାଲି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୧୭୧/୨୫) ରୁଜୁ କରିଥିଲା। ଶୁକ୍ରବାର ଅଜୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ରଞ୍ଜିତ୍ ନାଇକ ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ପିଟି ହତ୍ୟାକଲେ ସ୍ୱାମୀ

ଚଣ୍ଡିଖୋଲ/ଛତିଆ/ବଡ଼ଚଣା,୨୧।୮
(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟରଞ୍ଜନ ସାହୁ/ଦିଲୀପ କୁମାର ମହାନ୍ତି)

ଯାଜପୁର ଜିଲା ବିରୀ ଥାନା ଶାଳପଡ଼ା ପଞ୍ଚାୟତ ବାଉଁଶମୂଳୀ ଗ୍ରାମରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ଚରିତ୍ରକୁ ସନ୍ଦେହକରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ପିଟି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଗ୍ରାମର ସୁରେଶ ମଲ୍ଲିକଙ୍କ ସ୍ତ୍ରୀ ପିଙ୍କି ମଲ୍ଲିକ ଓରଫ୍ ଚୁନି(୩୦)। ଘଟଣା ସମ୍ପର୍କରେ ଖବର ପାଇବା ପରେ ଥାନା ଅଧିକାରୀ ଅଂଶୁମାଳା ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏହାପରେ ସୁରେଶଙ୍କୁ ଗିରଫ କରିଛନ୍ତି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

ସୂଚନା ମୁତାବକ, ପୂର୍ବରୁ ଦମ୍ପତିଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ସୁରେଶ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାରୁ ୭ ଦିନ କିମ୍ବା ୧୫ ଦିନରେ ଥରେ ଘରକୁ ଆସୁଥିଲେ। ଗୁରୁବାର ସକାଳେ ସୁରେଶ ଗାଁ ବୁଲି ଘରକୁ ଫେରିବାବେଳକୁ ପିଙ୍କି ନ ଥିଲେ। ସେ ଡାକିବାରୁ ପିଙ୍କି ବାରିପଟୁ ବାହାରି ଆସିଥିଲେ। ଏହାପରେ ପିଙ୍କିଙ୍କ ଚରିତ୍ରକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଘର ବାରଣ୍ଡାରେ ପଡ଼ିଥିବା ଏକ ଲୁହାପାଇପ ସାହାଯ୍ୟରେ ସୁରେଶ ପିଙ୍କିଙ୍କୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାଦେଖି ସୁରେଶ ନିଜ ମୁଣ୍ଡକୁ କାନ୍ଥରେ ପିଟି ଫଟାଇ ଦେଇଥିଲେ। ଏନେଇ ଥାନାରେ ନଂ.୧୮୬/୨୫ ରେ ଏକ ମାମଲା ରୁଜୁ ହୋଇଛି।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ)

ବାଲିପାଟଣା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ମାମଲାରେ ଭୁବନେଶ୍ୱର ଆଡ୍ ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସ) ଗୁରୁବାର ରାୟ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଅଭିଯୁକ୍ତ ବିଶ୍ୱଜିତ ସେଠୀ ଓରଫ ଚିକୁନ (୨୪)ଙ୍କୁ ବିଚାରପତି ସରୋଜ କୁମାର ସାହୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଥିବା ବେଳେ ଅନାଦେୟ କ୍ଷେତ୍ରରେ ଅଧିକ ୩ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଜାନୁଆରୀ ୧୪ ଦିନ ପ୍ରାୟ ୧୨ଟାରେ ୯ବର୍ଷର ପୀଡ଼ିତା ନାବାଳିକା ତାଙ୍କ ଘର ପଛପାର୍ଶ୍ୱରେ ଥିବା ନଳକୂପକୁ ଗାଧୋଇବାକୁ ଯାଉଥିଲେ। ସେହି ସମୟରେ ଅଭିଯୁକ୍ତ ଚିକୁନ ପୀଡ଼ିତାଙ୍କ ପାଟି ବନ୍ଦ କରି ବଳପୂର୍ବକ ଉଠାଇ ନେଇ ନିକଟସ୍ଥ ଏକ ସ୍ଥାନରେ ବଳାତ୍କାର କରିଥିଲେ। ନାବାଳିକ ଜଣକ କିଛି ସମୟ ପରେ କାନ୍ଦି କାନ୍ଦି ଘରକୁ ଫେରି ଘଟଣା ବିଷୟରେ ତାଙ୍କ ବାପାଙ୍କୁ ଜଣାଇଥିଲେ। ଯନ୍ତ୍ରଣା ହେବାରୁ ପୀଡିତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର ଯାଇଥିଲେ। ଏନେଇ ପୀଡ଼ିତାଙ୍କ ବାପାଙ୍କ ପକ୍ଷରୁ ଏତଲାକ୍ରମେ ବାଲିପାଟଣା ପୋଲିସ ମାମଲା (ନଂ.୧୧/୨୦୨୨) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଚିକୁନଙ୍କୁ ଗିରଫ କରିବା ପରେ ସେ ଜେଲ ଯାଇଥିଲେ। ଏହି ଘଟଣାରେ ଫେବୃଆରୀ ୧୪ରେ ପୋଲିସ ପୋକ୍ସ ଆକ୍ଟର ଧାରା ୬ ଓ ଆଇପି ଦଫା ୩୭୬(୨)(ଏମ୍) ଓ ୩୭୬ଏବି ଅନୁଯାୟୀ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟ ୧୬ଜଣଙ୍କ ସାକ୍ଷ୍ୟ ଓ ୬୦ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାସ୍‌ମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।

# ୫ ମାଓବାଦୀ ଗିରଫ



ଗିରଫ ମାଓବାଦୀ।

ମାଲକାନଗିରି,୨୧।୮(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ପୋଲିସ ୫ ମାଓବାଦୀଙ୍କୁ ଗିରଫ କରିଛି। ବିଜାପୁର ଡିଆର୍‌ଜି ଓ ଭେରମଗଡ଼ ପୋଲିସ ମିଳିତ ଭାବେ ମାଡ୍ର ବଂଗୋଲୀ, ସତବା, ବେଲନାର, ମରକାପାଲ ଓ ଘୋଟପାଲ ଅଞ୍ଚଳରେ କୋମ୍ବିଂ କରୁଥିବା ବେଳେ ବଂଗୋଲୀ ଗ୍ରାମ ନିକଟ ଜଙ୍ଗଲରେ ୫ ମାଓବାଦୀ ବିସ୍ଫୋଟକ ସାମଗ୍ରୀ ସହ ଥିବା ଦେଖି ଗିରଫ କରିଥିଲେ। ଗିରଫଙ୍କ ମଧ୍ୟରୁ ୩ ଲକ୍ଷ ପୁରସ୍କାର ଘୋଷିତ ମାହରୁ ଯାଦବ ଓରଫ ସଗନୁ, ୧ ଲକ୍ଷ ପୁରସ୍କାର ଘୋଷିତ ଲଖୁ ଫରସା, ବୁଧରାମ କବାସୀ, ସୁଖରାମ ହେମଲା ଓରଫ ଜୟରାମ ଓ ସୀତାରାମ ଡୋଡି ରହିଛନ୍ତି। ଗୁରୁବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏମାନଙ୍କ ନିକଟରୁ ଟିଫିନ୍ ବୋମା, କଡେକ୍ସ ତାର, ବିଦ୍ୟୁତ୍ ତାର, ବ୍ୟାଟେରି, ଶାବଳ ଓ ବନ୍ଧୁକ ସହ ଅନ୍ୟାନ୍ୟ ବିସ୍ଫୋଟକ ସାମଗ୍ରୀ ଜବତ କରିଥିଲେ।

# ଅଭିଯୁକ୍ତ ଭଡ଼ାଟିଆ, ବଣିଆ ଗିରଫ

### ବରିଷ୍ଠ ମହିଳାଙ୍କ ଘରୁ ଚୋରି ଘଟଣା



ଗିରଫ ସ୍ମୃତିକାନ୍ତ ନାୟକ ଓ ବଣିଆ ମନୋଜ କୁମାର ରାଣା।

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ)

ଜଣେ ବରିଷ୍ଠ ମହିଳାଙ୍କ ଘରୁ ଚୋରି କରିବା ଅଭିଯୋଗରେ ଅଭିଯୁକ୍ତ ଭଡ଼ାଟିଆ ଓ ସହଯୋଗୀ ବଣିଆଙ୍କୁ ବଡ଼ଗଡ ଥାନା ପୋଲିସ ଗୁରୁବାର ଗିରଫ କରିଛି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ଜଗତ୍‌ସିଂପୁର ଜିଲା ରଘୁନାଥପୁର ଅଞ୍ଚଳର ସ୍ମୃତିକାନ୍ତ ନାୟକ ଓରଫ ପିଙ୍କୁ (୩୦) ଓ ତାଙ୍କ ସହଯୋଗୀ କଟକ ମଙ୍ଗଳାବାଗ ବଣିଆଗଳିରେ ଥିବା ମନୋଜ ଜୁଏଲେରୀ ୱାର୍କଶପ୍‌ର ମାଲିକ ମନୋଜ କୁମାର ରାଣା (୪୦)। ସେମାନଙ୍କଠାରୁ ୩୦ ହଜାର ଟଙ୍କା, ୨ଟି ସୁନା ଚେନ ଓ ୩ଟି ସୁନା ମୁଦି ଜବତ ହୋଇଛି। କୋର୍ଟଚାଲାଣ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଜ୍ୟୋସ୍ନା ଦେଇ (୭୫) ଶିବନଗରର ପ୍ଲଟ୍ ନଂ.ଏସ୍‌ଏନ୍-୧୬ସ୍ଥିତ ଘରେ ଏକୁଟିଆ ରୁହନ୍ତି। ସ୍ମୃତିକାନ୍ତ ତାଙ୍କ କୋଠାର ତଳମହଲାରେ ପରିବାର ସହ ଦୁଇବର୍ଷ ହେବ ଭଡାଟିଆ ଭାବେ ରହୁଥିଲେ। ଜ୍ୟୋତ୍ସ୍ନା ଏକା ରହୁଥିବାରୁ ଏହାର ସୁଯୋଗ ନେଇ ସ୍ମୃତିକାନ୍ତ ବିଭିନ୍ନ ସମୟରେ ତାଙ୍କ ଘରୁ ଚୋରି କରୁଥିଲେ। ଜୁନ ୧୮ରେ ସେ ଜ୍ୟୋତ୍ସ୍ନାଙ୍କ ଆଲମିରାରୁ ଦୁଇଟି ସୁନାଚେନ୍ ଏବଂ ୩ଟି ସୁନା ମୁଦି ଚୋରି କରିନେଇଥିଲେ। ପୂର୍ବରୁ ତାଙ୍କ ଭ୍ୟାନିଟି ବ୍ୟାଗରୁ ୩୦ ହଜାର ଟଙ୍କା ମଧ୍ୟ ଚୋରି କରିଥିଲେ। ମଙ୍ଗଳବାର ଜ୍ୟୋତ୍ସ୍ନା ତାଙ୍କ ମୁଖ୍ୟ କବାଟ ବନ୍ଦ କରି ଛାତ ଉପରେ ଥିବା ଠାକୁର ଘରକୁ ଯିବାବେଳେ ସ୍ମୃତିକାନ୍ତ ତାଙ୍କ ଘରେ ଲୁଚିଥିବା ଦେଖି ସେ ହିଁ ଏସବୁ ଚୋରି କରୁଥିବା ସନ୍ଦେହ କରିଥିଲେ। ଏନେଇ ଜ୍ୟୋସ୍ନାଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୪୬୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ସ୍ମୃତିକାନ୍ତ ଗିରଫ ହେବା ପରେ ଚୋରି ସୁନାକୁ ବଣିଆ ମନୋଜଙ୍କୁ ଦେଇଥିବା କହିବା ପରେ ତାଙ୍କୁ ମଧ୍ୟ ଗିରଫ କରିଥିଲା ପୋଲିସ।

# ୨୯ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୧।୮
(ଦୁର୍ଯ୍ୟୋଧନ ପାତ୍ର)



ଆତ୍ମସମର୍ପଣ କରିଥିବା ମାଓବାଦୀ।

ଛତିଶଗଡ଼ ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲାରେ ୫୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୨୯ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ନାରାୟଣପୁର ଜିଲା ପୋଲିସ ନିକଟରେ ୮ ଜଣ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ପୁରୁଷ ଓ ୨ ମହିଳା ରହିଛନ୍ତି। ଏମାନଙ୍କ ଉପରେ ୩୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଦାନ୍ତେୱାଡା ଜିଲାରେ ୨୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ନାମରେ ୨୫ ଲକ୍ଷର ପୁରସ୍କାର ଘୋଷଣା କରାଯାଇଛି। ଏଥିରେ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ କେୟେ ଓରଫ କେସା ଲେକାମ ମଧ୍ୟ ସାମିଲ ଅଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତଙ୍କୁ ସରକାରଙ୍କ ତରଫରୁ ପୁନର୍ବାସ ନୀତି ଅନୁଯାୟୀ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି।

ମାଓବାଦୀମାନେ କହିଛନ୍ତି, ବର୍ତ୍ତମାନ ସଂଗଠନ ଭୁଶୁଡ଼ିଯାଇଥିବା ବେଳେ ପୂର୍ବ ଆଦର୍ଶ ନ ଥିବା, ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଯବାନମାନଙ୍କ କ୍ୟାମ୍ପ ପ୍ରତିଷ୍ଠା, ଛତିଶଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ହସ୍ପିଟାଲରେ ଆତଙ୍କ ଖେଳାଇ ୫ ଗିରଫ

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ)



ଗିରଫ ୫ ଅଭିଯୁକ୍ତ।

କେୟାର ହସ୍ପିଟାଲରେ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ ଓ ହସ୍ପିଟାଲ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଭଙ୍ଗାରୁଜା ହୋଇଛି। ବୁଧବାର ରାତିରେ ଘଟିଥିବା ଏହି ଘଟଣାରେ ମୈତ୍ରୀବିହାର ଥାନା ପୋଲିସ ୫ଜଣଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ରହୁଥିବା ବିହାରର ରାମ ରତନ ଯାଦବ (୨୫), କେଶୁରାରେ ରହୁଥିବା ସୁନୀଲ ଯାଦବ (୩୦), ସାଲିଆ ସାହିରେ ରହୁଥିବା ରାଜେଶ ଯାଦବ (୩୦), ଗୌତମ କୁମାର (୪୦) ଓ ପ୍ରଶାନ୍ତି ବିହାରରେ ରହୁଥିବା ସଞ୍ଜୟ ଯାଦବ (୪୦)। ଆକ୍ରମଣରେ ବ୍ୟବହୃତ ପ୍ଲାଷ୍ଟିକ୍ ପାଇପ ଓ ଆଲୁମିନିୟମ ପାଇପ ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଶୈଳେନ୍ଦ୍ର ଯାଦବ ନାମକ ଜଣେ ବ୍ୟକ୍ତିଙ୍କର ବୁଧବାର ରାତି ପ୍ରାୟ ୮ଟା ୧୫ରେ ମୃତ୍ୟୁ ହୋଇଥିଲା। ବିଲ୍ ବାକି ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ମୃତଦେହ ହସ୍ତାନ୍ତର କରିବାକୁ ବାରଣ କରିଥିଲେ। ମୃତକଙ୍କ ସମ୍ପର୍କୀୟମାନେ ଏନେଇ ହସ୍ପିଟାଲ ପରିଚାଳନା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରୁଥିଲେ। ସେହି ସମୟରେ ୨୦ରୁ ୨୫ଜଣ ବ୍ୟକ୍ତି ଉତ୍ତେଜିତ ହୋଇ ହସ୍ପିଟାଲ ପରିସରେ ବଳପୂର୍ବକ ପଶିଥିଲେ। ସେମାନେ ସୁରକ୍ଷାର୍ମୀଙ୍କୁ ଆକ୍ରମଣ ଓ ଭଙ୍ଗାରୁଜା କରିବା ସହ ଆତଙ୍କ ଖେଳାଇଥିଲେ। ଆକ୍ରମଣରେ ସୁରକ୍ଷାକର୍ମୀ ପ୍ରଦୀପ ଜେନା, ସୌମ୍ୟକାନ୍ତ ସାହୁ, ଦିଲୀପ ରାଉତରାୟ ଏବଂ କୁଳମଣି ନାୟକ ଆହତ ହୋଇଥିଲେ। ଏନେଇ ସିକ୍ୟୁରିଟି ସଂସ୍ଥାର ଶାଖା ମୁଖ୍ୟ ସରୋଜ କୁମାର ସ୍ୱାଇଁଙ୍କ ଏତଲାକୁ ଭିତ୍ତିକରି ମୈତ୍ରିବିହାର ଥାନା ପୋଲିସ ମାମଲା (ନଂ.୩୩୮/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ପଦକ୍ଷେପ ଗ୍ରହଣ କରିଛି।

# ସାଲିମା ଅଧିନାୟିକା, ଓଡ଼ିଶାରୁ ସୁନେଲିତା

ନୂଆଦିଲ୍ଲୀ, ୨୧।୮ (ପି.ଟି.)

ଚାଇନାର ହାଙ୍ଗଝୋଠାରେ ସେପ୍ଟେମ୍ବର ୫ରୁ ୧୪ ପର୍ଯ୍ୟନ୍ତ ହେବାକୁଥିବା ଏସିଆ କପ୍ ମହିଳା ହକି ପ୍ରତିଯୋଗିତା ପାଇଁ ଗୁରୁବାର ୨୦ ଜଣିଆ ଭାରତୀୟ ଦଳ

## ଏସିଆ କପ୍ ମହିଳା ହକି

ଘୋଷଣା କରାଯାଇଛି। ଦଳରେ ଓଡ଼ିଶାର ଖେଳାଳି ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ପୁରୁଖା ମିଡ୍ଫିଲ୍ଡର ସାଲିମା ଟେଟେ ଅଧିନାୟିକା ପଦ ବଜାୟ ରଖିଛନ୍ତି। ଚାମ୍ପିୟନ ଦଳ ଏଫ୍ଆଇଏଚ୍ ୨୦୨୬ ମହିଳା ହକି ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାକୁ ଥିବାରୁ


ସାଲିମା ଟେଟେ

ଏହି ଟୁର୍ନାମେଣ୍ଟର ଗୁରୁତ୍ୱ ରହିଛି। ଭାରତ ପୁଲ୍ 'ବି'ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହିତ ସ୍ଥାନ ପାଇଛି। ଦଳ ସେପ୍ଟେମ୍ବର ୫ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚ ସେପ୍ଟେମ୍ବର ୮ରେ ସିଙ୍ଗାପୁର ବିପକ୍ଷରେ ଖେଳିବ। ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି, ହାଙ୍ଗଝୋ ମହିଳା ଏସିଆ କପ୍ ପାଇଁ ମନୋନୀତ ହୋଇଥିବାରୁ ଦଳ ଉତ୍ସାହିତ ଅଛି। ୨୩ ବର୍ଷୀୟା ସାଲିମା ଦଳର ଜଣେ ପ୍ରମୁଖ ଖେଳାଳି। ଗତ ବର୍ଷ ମଧ୍ୟ ସେ ଦଳର ନେତୃତ୍ୱ ନେଇଥିଲେ। ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭା ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ। ଟୁର୍ନାମେଣ୍ଟ ପାଇଁ ଦଳ ନିଜକୁ ଭଲରୂପେ ପ୍ରସ୍ତୁତ କରିଛି। ଟୁର୍ନାମେଣ୍ଟରେ ଦଳ ଆକ୍ରମଣାତ୍ମକ ଓ ଶୃଙ୍ଖଳିତ ହକି ଖେଳିବ। ମହିଳା **ଏସିଆ କପ୍ ପାଇଁ ଭାରତୀୟ ଦଳ:** ଗୋଲକିପର: ବନସାରୀ ସୋଲାଙ୍କି, ବିଚୁ ଦେବି ଖରିବାମ୍: ଡିଫେଣ୍ଡର ମନୀଷା ଚୌହାନ, ଉଦିତା, ଜ୍ୟୋତି, ସୁମନ ଦେବୀ ଥୋଦମ, ନିକ୍କି ପ୍ରଧାନ, ଇଶିକା ଚୌଧାରୀ। ମିଡ୍ଫଇଲ୍ଡର: ନେହା, ବୈଷ୍ଣବୀ ଭିଧାଲ ଫାଲ୍କେ, ସାଲିମା ଟେଟେ, ଶର୍ମିଳା ଦେବୀ, ଲାଲ୍ରେମ୍ସିଆମି, ସୁନେଲିତା ଟେପ୍ପୋ। ଫରୱାର୍ଡ: ନବନୀତ କୌର, ଋତାଜା ଦାଦାସୋ ପିସାଲ, ବ୍ୟୁଟି ଡୁଙ୍ଗଡଙ୍ଗ୍, ମମ୍ତାଜ ଖାନ୍, ଦୀପିକା ଓ ସଙ୍ଗୀତା କୁମାରୀ।

# ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ

ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାର ଦଳଗତ ଇଭେଣ୍ଟ ଗୁରୁବାର କଟକ ସିଡିଏସ୍ଥିତ ବିଜୁପଟ୍ଟନାୟକ ଇନ୍ଡୋର ହଲ୍ରେ ଶେଷ ହୋଇଛି। ଏହାର ସିନିୟର ବାଳିକା ଫାଇନାଲରେ ଷ୍ଟିୱାର୍ଟ ସ୍କୁଲକୁ ୩-୦ରେ ହରାଇ ଗୁରୁ ନାନକ ପବ୍ଲିକ୍ ସ୍କୁଲ ଏବଂ ସିନିୟର ବାଳକରେ ଖ୍ରୀଷ୍ଟ କଲିଜିଏଟକୁ ୩-୦ରେ ପରାସ୍ତ କରି ଭୁବନେଶ୍ୱର କେଭି-୧ ଚାମ୍ପିୟନ ହୋଇଛି। ଜୁନିୟର ବାଳକରେ ଡିପିଏସ୍ କଳିଙ୍ଗାକୁ ୩-୧ରେ ହରାଇ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ଏବଂ ଜୁନିୟର ବାଳିକାରେ ପୁରୀ ଜିଲା ସ୍କୁଲକୁ ୩-୧ରେ ପରାସ୍ତ କରି କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ ଚାମ୍ପିୟନ ଆଖ୍ୟା


ସିନିୟର ବାଳିକା ବିଭାଗ ଚାମ୍ପିୟନ ଗୁରୁ ନାନକ ପବ୍ଲିକ୍ ସ୍କୁଲର ଶ୍ୱେତା ବର୍ମା ଓ ଉର୍ଜା ବର୍ମା।

ଅର୍ଜନ କରିଛି। ପ୍ରତିଯୋଗିତାରେ ୬୬ ସ୍କୁଲର ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ୟଙ୍ଗ ଜେନେରେଶନ ଟେବୁଲ ଟେନିସ ଆସୋସିଏଶନ (ୱାଇଜିଟିଟିଏ) ଆନୁକୂଲ୍ୟରେ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତା ୨୨ରୁ ୨୪ ପର୍ଯ୍ୟନ୍ତ ଖେଳାଯିବ।

# ଭାରତୀୟ ଦଳରେ ଆକାଶ ପଡ଼ିଆମି

ମାଲକାନଗିରି, ୨୧।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋୟା ସମ୍ପ୍ରଦାୟର ଦୃଷ୍ଟିବାଧିତ ଯୁବକ ଜାତୀୟ ଫୁଟବଲ ଦଳରେ ପ୍ରତିନିଧିତ୍ୱ କରି ଜିଲା ପାଇଁ ଗୌରବ ଆଣିଦେଇଛି। ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତ କୃସୁବାଡା ଗ୍ରାମର ଦୁଲା ପଡ଼ିଆମିଙ୍କ ପୁଅ ଆକାଶ ପଡ଼ିଆମି । ସେ କୃସୁବାଡାରେ ପ୍ରଥମରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିବା ବେଳେ କୃସୁବାଡା ଫୁଟ୍ବଲ ଟୁର୍ନାମେଣ୍ଟରେ ଆକାଶଙ୍କ ଦଳ ଚାମ୍ପିୟନ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ନିମନ୍ତେ ଯାଇଥିଲେ। ବିଶ୍ୱବିଦ୍ୟାଳୟରେ


ଆକାଶ ପଡ଼ିଆମି

ହେଉଥିବା କ୍ରିକେଟ ଓ ଫୁଟ୍ବଲ ଆଦି ସବୁ ଇଭେଣ୍ଟରେ ଭାଗ ନେଇ ଉଲ୍ଲେଖନୀୟ ପ୍ରଦର୍ଶ କରିଥିଲେ। ପରେ ଅଧ୍ୟାପକ ଆଶିଷ କୁମାର ସାହୁ ଓ ତ୍ରିଲୋଚନ ବେଉରାଙ୍କ ଚେଷ୍ଟାରେ ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍ବଲ ସଂଘ ସହାୟତାରେ ବିଶ୍ୱ ଦୃଷ୍ଟିବାଧିତ ଫୁଟ୍ବଲ ଖେଳିବା ପାଇଁ ମନୋନୀତ ହୋଇଥିଲେ। ପ୍ରଥମେ ସେ ଝାଡ଼ଖଣ୍ଡର ଟାଟାନଗର ଜାମଶେଦପୁରରେ ଜାତୀୟସ୍ତରୀୟ ଫୁଟ୍ବଲ ଟୁର୍ନାମେଣ୍ଟରେ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ହୋଇ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କାର ପାଇଥିଲେ। ପରବର୍ତ୍ତୀ ସମୟରେ ମହାରାଷ୍ଟ୍ର, ପୁଣେ, ଗ୍ୱାଲିୟର ଓ ମଧ୍ୟପ୍ରଦେଶରେ ଖେଳ ପ୍ରଦର୍ଶନ କରିଥିଲେ। ଚଳିତବର୍ଷ ଗୁଜରାଟର ଅହମ୍ମଦାବାଦରେ ନ୍ୟାଶନାଲ ବ୍ଲାଇଣ୍ଡ ଫୁଟ୍ବଲ ଲିଗ୍ ପାଇଁ ଚୟନ ହେଲାପରେ କେରଳରେ ଖେଳ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସେ ଜାତୀୟ ପୁରୁଷ ଦୃଷ୍ଟି ବାଧିତ ଫୁଟ୍ବଲ ଦଳରେ ସ୍ଥାନ ପାଇଛନ୍ତି।


ବିହାରର ରାଜଗିର ହକି ଷ୍ଟାଡିୟମରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଗୌରବ ଯାତ୍ରାର ଅଂଶବିଶେଷ ସ୍ୱରୂପ ଏସିଆ କପ୍ ଟ୍ରଫି ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛି। ଟ୍ରଫିକୁ ସ୍ୱାଗତ ଅବସରରେ କଳିଙ୍ଗ ଷ୍ଟାଡିୟମରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସହ ରାଜ୍ୟ କ୍ରୀଡ଼ା ବିଭାଗ କର୍ମକର୍ତ୍ତା ଓ ଖେଳାଳିମାନେ।

# ଭାରତ-ପାକିସ୍ତାନ ମ୍ୟାଚ୍ ହେବ

ନୂଆଦିଲ୍ଲୀ, ୨୧।୮ (ପି.ଟି.): ଆସନ୍ତା ୧୪ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏସିଆ କପ୍ ଟି୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପହଲଗାମ ଆକ୍ରମଣ ଓ ଅପରେଶନ ସିନ୍ଦୂର କାରଣରୁ ଏହି ମ୍ୟାଚ୍କୁ ନେଇ ଅନିଶ୍ଚିତତା ଲାଗି ରହିଥିଲା। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଉନ୍ମୋଚିତ କରାଯାଇଥିବା ଭାରତର ଅନ୍ତର୍ଜାତୀୟ କାର୍ଯ୍ୟ ସମ୍ପର୍କୀତ ନୂଆ ନୀତିରେ ପାକିସ୍ତାନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ନୀତି ଭାରତୀୟ ଆଥ୍ଲେଟ୍ଙ୍କୁ ପାକିସ୍ତାନ ଟ୍ରାଭେଲ କରିବାକୁ ବାରଣ କରିବା ସହ ପଡ଼ୋଶୀ ଦେଶର କ୍ରୀଡ଼ାବିତ୍ଙ୍କୁ ଦ୍ୱିପାକ୍ଷୀକ ପ୍ରତିଯୋଗିତା ଲାଗି ଭାରତ ଆସିବା ଉପରେ କଟକଣା ଜାରି କରିଛି। ଦ୍ୱିପାକ୍ଷୀକ ସ୍ପୋର୍ଟିଂ ଇଭେଣ୍ଟ କ୍ଷେତ୍ରରେ ପାକିସ୍ତାନରେ ହେଉଥିବା ପ୍ରତିଯୋଗିତାରେ ଭାରତୀୟ ଦଳ ଅଂଶଗ୍ରହଣ କରିବ ନାହିଁ। ସେହିଭଳି ଭାରତରେ ପାକିସ୍ତାନ ଦଳକୁ ଖେଳିବାକୁ ଅନୁମତି ମିଳିବ ନାହିଁ। କିନ୍ତୁ ଭାରତୀୟ କ୍ରିକେଟ୍ ଦଳକୁ ଏସିଆ କପ୍ରେ ଭାଗ ନେବାରୁ ରୋକାଯିବ ନାହିଁ। କାରଣ ଏହା ଏକ ବହୁ ଦେଶ ଭିତ୍ତିକ ଟୁର୍ନାମେଣ୍ଟ।

# ରଶ୍ମିଙ୍କୁ ସ୍ୱର୍ଣ୍ଣ, ନାଓରେମଙ୍କୁ ରୌପ୍ୟ


ନାଓରେମ ଜେମ୍ସ ସିଂ


ରଶ୍ମିତା ସାହୁ

ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)

ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଆରମ୍ଭ ହୋଇଛି। ଏହାର ସି୧ଡବ୍ଲ୍ୟୁ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରଶ୍ମିତା ସାହୁ ଓଡ଼ିଶାକୁ ଗର୍ବିତ କରିଛନ୍ତି। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ସେହିପରି

## ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ

ଓଡ଼ିଶା ଜଳକ୍ରୀଡ଼ା କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ନାଓରେମ ଜେମ୍ସ ସିଂ ରୌପ୍ୟ ପଦକ ଲାଭ କରିଛନ୍ତି। ସେ କାୟାକିଂ ଆଣ୍ଡ କାନୋଇଂ କେ୧ଏମ୍-୧୦୦୦ ମିଟର ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି।

# ଜୁନିୟର ପୁରୁଷ ହକି: ଓଡ଼ିଶା-ହରିୟାଣା ଫାଇନାଲ

ଜଳନ୍ଧର, ୨୧।୮ (ପି.ଟି.)

ଓଡ଼ିଶା ଓ ହରିୟାଣା ସେମାନଙ୍କ ସେମିଫାଇନାଲ ମ୍ୟାଚ ଜିତି ଏଠାରେ ଚାଲିଥିବା ୧୫ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ସେମିଫାଇନାଲରେ ପଞ୍ଜାବକୁ ୩-୨ ଗୋଲ୍ରେ ହରାଇ ଦେଇଛି। ଓଡ଼ିଶା ତରଫରୁ ପ୍ରତାପ ଟପ୍ପୋ (୧ମ ଓ ୧୫ତମ ମିନିଟ୍) ଦୁଇଟି ଗୋଲ ଦେଇଥିବା ବେଳେ କରଣ ଲାକ୍ରା ୫୮ତମ ମିନିଟରେ ଦଳ ପକ୍ଷରୁ ବିଜୟସୂଚକ ଗୋଲ୍ଟିକୁ ସ୍କୋର କରିଥିଲେ। ପଞ୍ଜାବ ତରଫରୁ ଗୁରସେବକ ସିଂ (୧୨ତମ) ଓ ମନ୍ମିତ୍ ସିଂ ରାୟ (୪୪ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ପ୍ରଥମ ସେମିଫାଇନାଲରେ ହରିୟାଣା ୩-୦ ଗୋଲ୍ରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା।

# ଅଜୟ ସିଂ ପୁଣିଥରେ ସଭାପତି

ଗୁରୁଗ୍ରାମ, ୨୧।୮ (ପି.ଟି.)

ଅଜୟ ସିଂ ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ) ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ବହୁ ପ୍ରତୀକ୍ଷିତ ମହାସଂଘ ନିର୍ବାଚନରେ ସେ ପ୍ରତିପକ୍ଷ ଯଶପାଲ ପ୍ରଧାନଙ୍କୁ ହରାଇ କ୍ରମାଗତ ତୃତୀୟ ଥର ଲାଗି ସଭାପତି ହୋଇଛନ୍ତି।

## ବିଏଫ୍ଆଇ ନିର୍ବାଚନ

ଆଇନଗତ ବିବାଦ କାରଣରୁ ୬ରୁ ଅଧିକ ମାସ ପାଇଁ ସ୍ଥଗିତ ହୋଇଥିବା ନିର୍ବାଚନ ରିଟର୍ନିଂ ଅଫିସର ରାଜେଶ ଟଣ୍ଡନ ଓ ୱାର୍ଲ୍ଡ ବକ୍ସିଂ ପକ୍ଷରୁ ଅବଜରଭର ଭାବେ ପଠାଯାଇଥିବା ବିଏଫ୍ଆଇ ଅନ୍ତରୀଣ କମିଟି ମୁଖ୍ୟ ସିଙ୍ଗାପୋରର ଫାଇରୁଜ ମହମ୍ମଦଙ୍କ ଉପସ୍ଥିତିରେ ହୋଇଥିଲା। ଡବ୍ଲ୍ୟୁବି ସଭାପତି ବୋରିସ ଭାନ ଡର ଭର୍ଷ୍ଟ ଓ



ସମ୍ପାଦକ ମାଇକ ମ୍ୟାକଏଟି ଯୋଗ ଦେଇ ନ ଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ପକ୍ଷରୁ ମଧ୍ୟ କୌଣସି ଅବଜରଭର ପଠାଯାଇଥିଲା। ସ୍ପାଇସ୍ଜେଟ ଏୟାରଲାଇନ୍ସର ମ୍ୟାନେଜିଂ ଡାଇରେକ୍ଟର ଥିବା ଅଜୟ ୪୦-୨୬ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି। ସେ ନୂଆ ସମ୍ପାଦକ ଉତ୍ତର ପ୍ରଦେଶର ପ୍ରମୋଦ କୁମାରଙ୍କ ସହ କାର୍ଯ୍ୟ କରିବେ। ସେ ସମ୍ପାଦକ ଭାବେ ଆସାମର ହେମନ୍ତ କାଲିଟାଙ୍କ ସ୍ଥାନ ନେଇଛନ୍ତି। ଲଗାତର ଦୁଇ ଥର କର୍ମକର୍ତ୍ତା ଭାବେ ୪ ବର୍ଷିଆ କାର୍ଯ୍ୟକାଳ ପୂରଣ କରିଥିବାରୁ କାଲିଟାଙ୍କୁ ନିର୍ବାଚନ ଲାଗି ଅଯୋଗ୍ୟ ଘୋଷିତ କରାଯାଇଥିଲା। ତାମିଲନାଡୁର ପନ ବାସ୍କରନ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଏହି ଫଳାଫଳ ଦିଲ୍ଲୀ ହାଇକୋର୍ଟରେ ଚାଲିଥିବା ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରେ। କାରଣ କିଛି ରାଜ୍ୟ ଶାଖା ବିଏଫ୍ଆଇ ଦୈନନ୍ଦିନ କାର୍ଯ୍ୟକଳାପର ତଦାରଖ କରିବା ଦାୟିତ୍ୱରେ ଥିବା ଅନ୍ତରୀଣ କମିଟି ଦ୍ୱାରା ମହାସଂଘର ସମ୍ବିଧାନରେ କରାଯାଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରିଛନ୍ତି।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, August 22/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 267 | ମୂଲ୍ୟ₹୭/-

DSPL-223



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶୁଭାରମ୍ଭ

### ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ

## ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍ (I-GFTCH)

## 'ଭାରତନେତ୍ର'

**୨୨ ଅଗଷ୍ଟ ୨୦୨୫ | ଭୁବନେଶ୍ୱର**

| | | | |
|---|---|---|---|
| ବିଶ୍ୱସ୍ତରୀୟ ପ୍ରଶିକ୍ଷଣ | ବିଶ୍ୱସ୍ତରୀୟ ଜ୍ଞାନ ଆଦାନ ପ୍ରଦାନ | ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର | ବିଶ୍ୱସ୍ତରୀୟ ସାମର୍ଥ୍ୟ କେନ୍ଦ୍ର |

- ସିଙ୍ଗାପୁରସ୍ଥିତ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟ୍‌ୱାର୍କ (GFTN), ନ୍ୟାସନାଲ୍ ୟୁନିଭରସିଟି ଅଫ୍ ସିଙ୍ଗାପୁର (NUS) ଏବଂ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ୍ ଫାଇନାନ୍ସ (AIDF)ର ସହଯୋଗରେ
- ୭,୦୦୦ ସ୍ନାତକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି
- ୨୯୯ କୋଟି ଟଙ୍କାର ପ୍ରତ୍ୟକ୍ଷ ସମ୍ବଳ ସୃଷ୍ଟି
- ୮୯୮ କୋଟି ଟଙ୍କାର ପରୋକ୍ଷ ଅର୍ଥନୈତିକ ପ୍ରଭାବ
- ଡିଜିଟାଲ ନବସୃଜନ ଏବଂ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍କର୍ଷ କେନ୍ଦ୍ର

OIPR-16003/13/0115/2526

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ପୂର୍ବତନ ନଗରପାଳଙ୍କ ପୁଅଙ୍କ ମୃତ୍ୟୁ

**ଜୁନାଗଡ଼,୨୧।୮(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ସହର ତାଲବନ୍ଦପଡ଼ାରୁ ଗୁରୁବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପୋଖରୀରେ ବୁଡ଼ି ଜୁନାଗଡ଼ର ପୂର୍ବତନ ନଗରପାଳଙ୍କ ପୁଅ କୋଟିଚନ୍ଦ୍ର ମହାଳିକ (୪୨)ଙ୍କ ମୃତ୍ୟୁ ଘଟିଛି। ପୂର୍ବାହ୍ନରେ କୋଟିଚନ୍ଦ୍ର ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାଧାନତା ଯୋଗୁ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜୁନାଗଡ଼ ଅଗ୍ନିଶମ ବାହିନୀ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜୁନାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସୁରକ୍ଷିତ ସଫେଇ ଉପରେ କର୍ମଶାଳା

କେସିଙ୍ଗା,୨୧।୮(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଳ ଉପଚାର ଓ ପରିମଳ କର୍ମଚାରୀଙ୍କ ସୁରକ୍ଷିତ ସଫେଇ ଉପରେ ଗୁରୁବାର ଏକ କର୍ମଶାଳା ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ତୁମେରମୁଣ୍ଡାସ୍ଥିତ ଏମ୍‌ସିସି ପରିସରରେ ଅନୁଷ୍ଠିତ କର୍ମଶାଳାରେ ପାଇଖାନା ଟାଙ୍କି ସଫା କରିବା ସମୟରେ ପଞ୍ଜୀକୃତ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରିବା ସହ ସୁରକ୍ଷା ଉପକରଣ ବ୍ୟବହାର କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପିଇଓ, ଏନ୍‌ଏସିର ପାରିଷଦ ବୃନ୍ଦ, ଉପାଧ୍ୟକ୍ଷ ସରସ୍ୱତୀ ସାହା, ସ୍ୱଚ୍ଛ ସାଥୀ, ସୁପରଭାଇଜର ଯୋଗଦେଇଥିଲେ।

### ଜିଲାକୁ ଆବଶ୍ୟକ ସାର ଯୋଗାଇବା ପାଇଁ ଦାବି

ନୂଆପଡ଼ା,୨୧।୮ (ମକାରୁ ବେମାଲ): ଓଡ଼ିଶା ସରକାରଙ୍କ କୃଷି ଭବନଠାରେ ଗୁରୁବାର ନୂଆପଡ଼ା ଜିଲାର ଚାଷୀ ନେତା ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବସନ୍ତ କୁମାର ଦେ ଓ ଡିଡିଏ ଶାରଦା ପ୍ରସନ୍ନ କରଙ୍କୁ ସାକ୍ଷାତ କରି ଜିଲାରେ ଦେଖା ଦେଇଥିବା ରାସାୟନିକ ସାର ସମସ୍ୟା ଉପରେ ଆଲୋଚନା କରି ଆବଶ୍ୟକ ସାର ଯୋଗାଇବା ପାଇଁ ଦାବି କରିଥିଲେ। ଏହାସହ ଠିକଣା ସମୟରେ ଚାଷୀଙ୍କ ଆବଶ୍ୟକତା ମୁତାବକ ସାର ଯୋଗାଇ ନ ଦେଲେ ଖରିଫ ଚାଷ ବହୁ ମାତ୍ରାରେ ପ୍ରଭାବିତ ହେବ ବୋଲି କହିଥିଲେ। ଯୁଗ୍ମନିର୍ଦ୍ଦେଶକ ଦେ କହିଥିଲେ, ପଶ୍ଚିମବଙ୍ଗ ଦୁର୍ଗାପୁରର ସାର କାରଖାନାରେ ଶ୍ରମିକ ଅଶାନ୍ତି ପାଇଁ ଆମର ପ୍ରଚେଷ୍ଟା ସତ୍ତ୍ୱେ ସାର ପହଞ୍ଚିବାରେ ବିଳମ୍ବ ହୋଇଛି। ବର୍ତ୍ତମାନ ସମସ୍ତ ପଦକ୍ଷେପ ନିଆସରିଛି। ଆଗାମୀ ୨୩ କିମ୍ବା ୨୪ ଅଗଷ୍ଟ ସୁଦ୍ଧା ନୂଆପଡାରେ ସାଢ଼େ ୧୨ଶହ ଟନ (ପ୍ରାୟ ୨୭ ହଜାର ବସ୍ତା) ୟୁରିଆ ପହଞ୍ଚିବ। ଆଉ ଅଧା ରେକ ସାର ପରବର୍ତ୍ତୀ ସପ୍ତାହରେ ପହଞ୍ଚିବ। ଜିଲାରେ ସାର ଅଭାବ ଦୂର ପାଇଁ ସରକାର ସମ୍ବେଦନଶୀଳ ଅଛନ୍ତି ବୋଲି କହିଥିଲେ।

# ମା’ ମାଣିକେଶ୍ୱରୀଙ୍କୁ ଦର୍ଶନ କଲେ, ପର୍ଯ୍ୟଟନସ୍ଥଳୀ ବୁଲିଲେ

**ସଚିବାଳୟର ୫୦ ଅଧିକାରୀଙ୍କ କଳାହାଣ୍ଡି ଗସ୍ତ**

ଭବାନୀପାଟଣା,୨୧।୮(ଉତ୍ତମ କୁମାର ଦାଶ)


କଳାହାଣ୍ଡି ପରିଦର୍ଶନରେ ଆସିଥିବା ରାଜ୍ୟ ସଚିବାଳୟର ଅଧିକାରୀମାନେ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସଚିବାଳୟର ୫୦ ଅଧିକାରୀ କଳାହାଣ୍ଡି ଜିଲା ଗସ୍ତକରି ମା’ ମାଣିକେଶ୍ୱରୀଙ୍କ ଦର୍ଶନ କରିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିଥିଲେ। ସଚିବାଳୟର ଉପସଚିବ ତରୁଣ କୁମାର ବିଶ୍ୱାଳ ଓ ନିହାର ରଞ୍ଜନ ରଥଙ୍କ ନେତୃତ୍ୱରେ ଏହି ଟିମ୍‌ରେ ୪୮ ଜଣ ସହକାରୀ ଉପ ବିଭାଗ ଅଧିକାରୀ ସାମିଲ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରେ ଜିଲା ପରିଷଦ ସଭାଗୃହରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଦରୱାନ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଯୋଜନା, ଜିଲା ପ୍ରଶାସନ, ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଗୁରୁବାର ଭବାନୀପାଟଣା ସର୍କିଟ ହାଉସରେରେ ଜିଲାପାଳ ପାୱାର ସଚିନ ପ୍ରକାଶ ସମସ୍ତ ଯୁବ ଅଧିକାରୀଙ୍କ ସହିତ ବାର୍ତ୍ତାଳାପ କରି ଜିଲା କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଉତ୍ସାହିତ କରିଥିଲେ। ଏହି ସମୟରେ ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେସ ପ୍ରଧାନ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସଭାରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଜିଲା ସମାଜ କଲ୍ୟାଣ ଅଧିକାରୀ ମଜିବୁନ ନିଶା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା’ ମାଣିକେଶ୍ୱରୀ ମନ୍ଦିର ଯାଇ ମା’ଙ୍କୁ ଦର୍ଶନ କରିଥିଲେ। ସେହିପରି ଜିଲାର ଦର୍ଶନୀୟ ସ୍ଥାନ ଫୁର୍ଲିଝରଣ, ରାବଣଦର ଅଦି ବୁଲି ଦେଖିଥିଲେ।

# ଅପିଲ ପରେ ବି ସୂଚନା ମିଳୁ ନ ଥିବା ଅଭିଯୋଗ

**ଲାଞ୍ଜିଗଡ଼, ୨୧।୮(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ ସୂଚନା ଅଧିକାର ଆଇନ ଅନୁଯାୟୀ ଅପିଲ ପରେ ବି ସୂଚନା ମିଳୁ ନ ଥିବା ଅଭିଯୋଗ ହୋଇଛି। ଲାଞ୍ଜିଗଡ ବ୍ଲକର ୨୬ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାମ ଚାଲିଛି। ଅନେକ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସିଏଫ୍‌ସି ଓ ଏସ୍‌ଏଫ୍‌ସି ଫଣ୍ଡରେ ଆସୁଥିବା ସରକାରୀ ଅର୍ଥ ରାଶିକୁ ଅଳ୍ପ କାମ କରି ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଉଛି। ଏହି ଅଭିଯୋଗକୁ ନେଇ ବ୍ଲକର ୨୬ଗୋଟି ପଞ୍ଚାୟତର ଉକ୍ତ କାମର ଖର୍ଚ୍ଚ ବିଷୟରେ ଜାଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ମାଲିଯୁବାଙ୍ଗ ପଞ୍ଚାୟତ ମାଲିଯୁବାଙ୍ଗ ଗାଁର ରାମଚନ୍ଦ୍ର ମୁଣ୍ଡଛିନା ଲାଞ୍ଜିଗଡ ବିଡ଼ିଓଙ୍କୁ ୧୮।୦୬।୨୫ରେ ଆର୍ଥିକ ବର୍ଷ ୨୦୨୩-୨୪ ଓ ୨୦୨୪-୨୫ର କାମର ଖର୍ଚ୍ଚ ସବିଶେଷ ସୂଚନା ମାଗିଥିଲେ। ହେଲେ ସମୟ ସୀମା ଅନୁଯାୟୀ ସୂଚନା ନ ପାଇବାରୁ ସେ ପୁଣିଥରେ ୧୬।୦୮।୨୫ରେ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ କରିଥିଲେ। ଏହାପରେ ମଧ୍ୟ କୌଣସି ସୂଚନା ମିଳିପାରିନାହିଁ। ସରକାରୀ ପ୍ରାବଧାନ ରହିଥିବା ସତ୍ତ୍ୱେ କାହିଁକି ପଞ୍ଚାୟତ ସମିତି ପକ୍ଷରୁ ତଥ୍ୟ ଦିଆଯାଉ ନାହିଁ ବୋଲି ମୁଣ୍ଡଛିନା ପ୍ରଶ୍ନ କରିଛନ୍ତି। ଏ ନେଇ ଲାଞ୍ଜିଗଡ ପିଇଓ ତଥା ଲାଞ୍ଜିଗଡ଼ ବ୍ଲକ ଭାରପ୍ରାପ୍ତ ଜିପିଇଓ ଭୀଷ୍ମ ମେହେରଙ୍କୁ ପଚାରିବାରୁ ବ୍ଲକର ସମସ୍ତ ପିଇଓଙ୍କୁ ଚିଠି ଦ୍ୱାରା ଡକାଯାଇଛି। ଆସନ୍ତା ମଙ୍ଗଳବାର ସମସ୍ତେ ଆସି ତଥ୍ୟ ପ୍ରଦାନ କଲେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ବନ୍ୟପ୍ରାଣୀ ଶିକାର ସାମଗ୍ରୀ ଜବତ, ୩ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ଖଡ଼ିଆଳ,୨୧।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା କୋମନା ବନାଞ୍ଚଳ ଅନ୍ତର୍ଗତ ଭାଲୁକୋନା ଗ୍ରାମରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ବନ୍ୟପ୍ରାଣୀ ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ଜବତ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋମନା ଥାନା ଅନ୍ତର୍ଗତ ଭାଲୁକେନା ଗ୍ରାମର ସୋମନାଥ ସାହୁ (୫୦), ମାଧବ ମାଝୀ (୨୫) ଓ ଚାମର ମାଝୀ (୩୦)। ଏମାନଙ୍କଠାରୁ ୨୨.୧ମିଟର ବିଦ୍ୟୁତ୍ ତାର, ୪.୪୨ କେଜିର ବାଇଣ୍ଡିଂ ତାର, ଠେକୁଆ ଧରିବା ପାଇଁ ବ୍ୟବହାର ହେଉଥିବା ୨୪ ଗୋଟି ଫାସ, ପକ୍ଷୀ ଫାସ, ବାଦୁଡି ଧରିବା ଜାଲ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ପ୍ରକାଶ କରିଛନ୍ତି।

# ୟୁରିଆ ସାର ପାଇଁ ଚାଷୀ ନାକେଦମ୍

**ରିଷିଡ଼ା,୨୧।୮ (ସୁଶାନ୍ତ ମଲ୍ଲିକ)**


ପ୍ରାଥମିକ କୃଷି ସମବାୟ ସମିତି ଆଗରେ ସାର ପାଇଁ ଚାଷୀଙ୍କ ଭିଡ଼।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ରେ ୟୁରିଆ ସାର ପାଇଁ ଚାଷୀମାନଙ୍କୁ ନାକେଦମ୍ ହେବାକୁ ପଡୁଛି। ସୁଲଭ ଦରରେ ୟୁରିଆ ସାର ପାଇବା ଲାଗି ଚାଷୀ ଘଣ୍ଟା ଘଣ୍ଟା ରାସ୍ତାରେ ଅପେକ୍ଷା କରୁଛନ୍ତି। ଗୁରୁବାର ରିଷିଡ଼ା ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ରିଷିଡ଼ା ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଶତାଧିକ ଚାଷୀ ଆଧାର କାର୍ଡ ଧରି ସରକାରୀ ମୂଲ୍ୟରେ ୟୁରିଆ ସାର ପାଇଁ ଅପେକ୍ଷା କରିଥିଲେ। ପ୍ରବଳ ଭିଡ଼ ରହିଥିବାରୁ ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳରେ ସମସ୍ୟା ଦେଖାଦେଇଥିଲା। ସାର ପାଇବା ଆଶାରେ ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା। ଅନ୍ୟପକ୍ଷରେ ଭିଡ଼ରୁ ମୁକୁଳିବା ପାଇଁ ଅନେକ ଚାଷୀ ଖୁଚୁରା ଦୋକାନରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ସାର କିଣିଥିବା ଜଣାପଡ଼ିଛି। ଜିଲା କୃଷି ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ କିଭଳି ସୁବିଧାରେ ସାର ମିଳିପାରିବ ସେ ନେଇ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହୋଇଛି।

## ରୁପ୍ରାରୋଡ଼ରେ ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ ୨୫ରୁ

**ରୁପ୍ରାରୋଡ,୨୧।୮(ସଞ୍ଜୀବ ଦାସ):** ନର୍ଲା ବ୍ଲକ ରୁପ୍ରାରୋଡସ୍ଥିତ ଡାଚୋଲିଆ ଶର୍ମା ପରିବାର ସୌଜନ୍ୟରେ ରୁପ୍ରାରୋଡଠାରେ ଅଗଷ୍ଟ ୨୫ରୁ ୩୧ତାରିଖ ପର୍ଯ୍ୟନ୍ତ ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ ଆୟୋଜନ ହେବାକୁ ଯାଉଛି। ବ୍ୟାସ ଭାବେ ବ୍ରହ୍ମଚାରୀ ଶ୍ରୀ କୌଶିକ ଚୈତନ୍ୟଜୀ ମହାରାଜ ଓ କର୍ତ୍ତା ଭାବେ ରାଧେଶ୍ୟାମ ଶର୍ମା ସପତ୍ନିକ ପୂଜା କାର୍ଯ୍ୟ ତୁଲାଇବେ। କାର୍ଯ୍ୟକ୍ରମ ଅନୁସାରେ ୨୫ତାରିଖ ସକାଳ ୯ଟାରେ କଳସ ଯାତ୍ରା, ଦେବପୂଜନ ଓ କଥାର ଶୁଭାରମ୍ଭ ହେବ। ୨୬ରେ ପରୀକ୍ଷିତ ସମ୍ବାଦ, ଶୁକଦେବ ଆଗମନ, ୨୭ରେ କପିଳ ଅବତାର ଓ ଧ୍ରୁବ ଚରିତ୍ର, ୨୮ରେ ବାମନ ଚରିତ୍ର, ଶ୍ରୀକୃଷ୍ଣ ଜନ୍ମ, ୨୯ରେ ଶ୍ରୀକୃଷ୍ଣ ବାଳଲୀଳା, ୩୦ରେ ଗୋପୀଗୀତ, ରୁକ୍ମିଣୀ ବିବାହ ଓ ୩୧ରେ ଶ୍ରୀକୃଷ୍ଣ ସୁଦାମା ଚରିତ୍ର, ପରୀକ୍ଷିତ ମୋକ୍ଷ ସହିତ କଥା ସମାପନ ହେବ। ପୂର୍ଣ୍ଣାହୁତି ସେପ୍ଟେମ୍ବର ୧ରେ ହେବାକୁ ନିର୍ଦ୍ଧାରିତ ହୋଇଛି। ପ୍ରତିଦିନ କଥାର ସମୟ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରହିବ।

## ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ଜୁନାଗଡ଼,୨୧।୮ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ହାଇସ୍କୁଲର ପୂର୍ବତନ ଶିକ୍ଷକ ପୀତାମ୍ବର ବିଶିଙ୍କ ବିୟୋଗରେ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂସଦ ସଭାପତି ସନ୍ତୋଷ କୁମାର ସିଂହଦେଓଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ହାଇସ୍କୁଲର ବହୁ ପୁରାତନ ଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମେ ସ୍ୱର୍ଗତ ବିଶିଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରସଂସଦ ସମ୍ପାଦକ କୁବଳେଶ୍ୱର ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ଜୁନାଗଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ବରିଷ୍ଠ ଶିକ୍ଷକ ମଳୟ ମୁଣ୍ଡ, ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଉଦ୍ୟାନବନ୍ଧ ଚାମ୍ପିୟନ

**ନୂଆପଡ଼ା,୨୧।୮ (ମକାରୁ ବେମାଲ)**


ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୭ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଖରିଆର ରୋଡ ଓ ଉଦ୍ୟାନବନ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟାନବନ୍ଧ ଦଳ ୩-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସଂଘ ସଭାପତି ଦୁଃଖ ଭଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡାବିତ୍ ସରୋଜ କୁମାର ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ଶ୍ୟାମସୁନ୍ଦର ପୃଷ୍ଟି, ଗୋପମଣି ପାଣିଗ୍ରାହୀ, ମାଧୋ ପ୍ରସାଦ ସାହୁ, ସମିତି ସଭ୍ୟ ଯୁଗଳ ସାହୁ, ସୁଧୀର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ରାଶି ସହ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରିଥିଲେ। ତାପସ ପତି, କ୍ଷୀରୋଦ ଭୋଇ, ଦୃଷ୍ଟାନ୍ତ ପୂଜାରୀ ଓ ଅନନ୍ତ ବେମାଲ ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ଉପସଭାପତି ଅଜୟ ଅହିର, ଅର୍ଜୁନ ଜଗତ, କୁମୁଦ ବନଛୋର, ଜଗଦୀଶ ହାତୀ, ସଞ୍ଜୀବ ପାଣିଗ୍ରାହୀ, ବିନୋଦ ବନଛୋର ପ୍ରମୁଖ ସହଯୋଗ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ବଣ୍ଟନ


ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ଦିଆଯାଉଛି।

**କର୍ଲାମୁଣ୍ଡା,୨୧।୮(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ସେବା ଓ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ଏବିଇଓ ଗୋପମଣି ସାହୁ, ସିଆର୍‌ସିସି ହେମନ୍ତ ନାଏକ, ଉଜ୍ଜ୍ୱଳ କୁମାର ସାହୁ ପ୍ରମୁଖ ଯୋଗଦେଇ ୫୨ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଆଶାବାଡ଼ି, ଟ୍ରାଇସାଇକେଲ, ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ଚୌକି ଆଦି ଉପକରଣ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଡା. ସତ୍ୟବ୍ରତ ଗିରି, ଡା. ମନୋଜ କୁମାର ସେଠୀ, ଡା. ଆଲୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଆର୍‌ପି ପ୍ରଦୀପ କୁମାର ବେହେରା ଓ ପ୍ରକାଶ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭବାନୀପାଟଣା ଟାଉନ ଫୁଟ୍‌ବଲ ଲିଗ୍ ଉଦ୍‌ଘାଟିତ

**ଭବାନୀପାଟଣା,୨୧।୮(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗୁରୁବାର ଷଷ୍ଠ ଭବାନୀପାଟଣା ଟାଉନ ଫୁଟ୍‌ବଲ ଲିଗ୍ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ମାଣିକେଶ୍ୱରୀ ଫୁଟ୍‌ବଲ କ୍ଲବ ଓ ମାରୋଡୋନା ଫୁଟ୍‌ବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ସମାପ୍ତି ପର୍ଯ୍ୟନ୍ତ ଦୁଇଟି ଦଳ ଗୋଟିଏ ଲେଖାଏ ଗୋଲ ଦେଇ ୧-୧ ପଏଣ୍ଟ ପାଇଥିଲେ। ନବିନ କୁମାର ନାଏକ, ଛବିଲାଲ ନାଏକ, ମନୋରଞ୍ଜନ ମାଝୀ ଓ ଉଦ୍ଧବ ମାଝୀ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅନାମ ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା, ଓଡ଼ିଶା କ୍ରିକେଟ ଆସୋସିଏଶନର ଉପସଭାପତି ତଥା ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ସଂସ୍ଥାର ଉପସଭାପତି ରାମ କୁମାର ଜୈନ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତ ସିଂ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦିର, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ସହରର ୭ ଦଳ ଭାଗ ନେଇଥିବାବେଳେ ଆସନ୍ତା ସେପ୍ଟେମ୍ବର ୮ରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।


ଉଭୟ ଦଳର ଖେଳାଳିଙ୍କ ସହ ଅତିଥିଗଣ।

# ରାସ୍ତା କାର୍ଯ୍ୟ ନ ସରୁଣୁ ଉଠିଲାଣି ପିଚୁ

**ନୂଆପଡ଼ା,୨୧।୮(ମକାରୁ ବେମାଲ)**


ପିଚୁ ଉଠି ରାସ୍ତା ଶୋଚନୀୟ ହୋଇପଡିଛି।

ରାସ୍ତା କାମ ସରିବା ପୂର୍ବରୁ ପିଚୁଉଠି ନଷ୍ଟହେବାକୁ ବସିଲାଣି। ଏପରି ଦୃଶ୍ୟ କୋମନା ବ୍ଲକ୍ ଅନ୍ତର୍ଗତ ବରକୋଟ ବିଜୁ ଏକ୍ସପ୍ରେସ୍ ଫୋର ୱେଠାରୁ ସୁନାବେଡ଼ାକୁ ସଂଯୋଗ କରୁଥିବା ରାସ୍ତାରେ ଦେଖିବାକୁ ମିଳିଛି। କୋମନା ବ୍ଲକ୍ ମିଛାପାଲି ପଞ୍ଚାୟତ ଚେରେଚୁଆଁଠାରୁ ଜାମଗାଁ ପର୍ଯ୍ୟନ୍ତ ୮.୧୦ କି.ମି. ପାହାଡ଼ିଆ ରାସ୍ତା ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୮୮୦.୧୭ ଲକ୍ଷ ଟଙ୍କା ମଞ୍ଜୁର ହୋଇ ରାସ୍ତା କାମ ଚାଲିଛି। କାର୍ଯ୍ୟ ଆରମ୍ଭ ୨୦୨୩ ସେପ୍ଟେମ୍ବର ୨୭ ଥିବାବେଳେ ଶେଷ ୨୦୨୪ ମାର୍ଚ୍ଚ ୨୬ ବୋଲି ନାମଫଳକରେ ଉଲ୍ଲେଖ ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଗୋଟେ ପଟେ କାର୍ଯ୍ୟ ଚାଲିଥିବା ବେଳେ ଅନ୍ୟପଟେ ରାସ୍ତାରୁ ପିଚୁ ଉଠିବାରେ ଲାଗିଛି। ରାସ୍ତା କାମ ଆରମ୍ଭ ସମୟରେ ସୁନାବେଡ଼ା ଓ ସୋସେଙ୍ଗ ପଞ୍ଚାୟତବାସୀ ସୁବିଧାରେ ଯିବାଆସିବା କରିବେ ବୋଲି ଖୁସି ହେଉଥିଲେ। ବର୍ତ୍ତମାନ ରାସ୍ତା ଅବସ୍ଥା ଦେଖି ଖୁସି ମଉଳି ଯାଇଛି। ଚେରେଚୁଆଁଠାରୁ ଜାମଗାଁ ପର୍ଯ୍ୟନ୍ତ ପାହାଡ଼ିଆ ରାସ୍ତା କଂକ୍ରିଟ ହୋଇଥିବାବେଳେ ତଳ ରାସ୍ତା ପିଚୁ ହୋଇଛି। ହେଲେ ପିଚୁ ଏବେ ଉଠିବାରେ ଲାଗିଲାଣି। ପୁଣି କଂକ୍ରିଟ ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ଓ ଡ୍ରେନ୍ ନିର୍ମାଣ କରା ନ ଯିବାରୁ ବର୍ଷାରେ ପାହାଡର ପାଣି ଓ ପଥର ଖସି ରାସ୍ତାରେ ଜମା ହେଉଛି। ବର୍ଷାପାଣିରେ କଂକ୍ରିଟ ତଳୁ ମାଟି ଧୋଇହୋଇ ଘାଇ ସୃଷ୍ଟି ହେଉଛି। ଫଳରେ ରାସ୍ତାରେ ଗଛ ପଡି ଯାତାୟାତରେ ବାଧା ସୃଷ୍ଟି କରୁଛି। ମା’ ସୁନାଦେଇଙ୍କୁ ଦର୍ଶନ ପାଇଁ ପ୍ରତି ଦିନ ଶତାଧିକ ଲୋକ ଯିବାଆସିବା କରିବା ସହ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତର ଲୋକେ ବ୍ଲକ କିମ୍ବା ଜିଲା ମୁଖ୍ୟାଳୟକୁ ଯିବା ପାଇଁ ସେହି ରାସ୍ତା ଉପରେ ନିର୍ଭର କରନ୍ତି। ହେଲେ ରାସ୍ତା ଶୋଚନୀୟ ଯୋଗୁ ଛୋଟବଡ ଦୁର୍ଘଟଣା ଘଟିବାରେ ଲାଗିଛି। ରାସ୍ତା ନିମ୍ନମାନର ନେଇ ସୁନାବେଡ଼ାବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପକରି ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ମଧୁସୂଦନ ଦାଶଙ୍କୁ ପଚାରିବାରୁ ରାସ୍ତା କାମର ତଦନ୍ତ କରାଯିବ। ବହୁ ଶୀଘ୍ର ପିଚୁ କେମିତି ଉଠିଲା ତା’ର ଅନୁଧ୍ୟାନ କରାଯିବ। ଯେଉଁ ସ୍ଥାନରେ ଗାଡୱାଲ ଆବଶ୍ୟକ ଅଛି ନିର୍ମାଣ କରାଯିବ। ରାସ୍ତା ମରାମତି ପାଇଁ ସମୟ ଅଛି। ଶୀଘ୍ର ଏହାର ସମାଧାନ ହେବ ବୋଲି କହିଥିଲେ।

# ବୃଦ୍ଧି ପାଉଛି ବେପରୁଆ ଗାଡ଼ି ଚାଳନା

ସୋନପୁର,୨୧।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ବେପରୁଆ ଗାଡି ଚାଳନା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ ପରିବହନ ବିଭାଗ ବିଫଳ ହୋଇଛନ୍ତି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଇବା ସହ ମୂଲ୍ୟବାନ ଧନଜୀବନ ହାନୀ ଘଟୁଛି। ସହର ଭିତରେ, ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରେ ଗାଡିର ବେଗ ନିୟନ୍ତ୍ରଣ ପାଇଁ ନୂଆ ମୋଟର ଯାନ ଆଇନରେ ବ୍ୟବସ୍ଥା ରହିଛି। ଟ୍ରାଫିକ୍ ନିୟମରେ ଉଲ୍ଲଂଘନ କଲେ ଗାଡି ମାଲିକଙ୍କୁ ଜରିମାନା ଦେବାକୁ ପଡିଥାଏ। ତେବେ ଜିଲାରେ ପରିବହନ ବିଭାଗର ଇଣ୍ଟରସେପ୍ଟର ଭେଇକିଲ୍ ନଥିବାରୁ ଗାଡିର ବେଗ ମପା ଯାଇପାରୁନି। ଏହାର ସୁଯୋଗରେ ଡ୍ରାଇଭରମାନେ ମନଇଚ୍ଛା ଅଧିକ ବେଗରେ ଗାଡି ଚାଳନା କରୁଥିବା ଅଭିଯୋଗ ହେଉଛି। ସେହିପରି ହେଲମେଟ୍ ପରିଧାନ ନକରି ବାଇକ୍ ଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆ ଯାଇପାରୁନି। ପରିବହନ ବିଭାଗ ପକ୍ଷରୁ ଏହି ଜିଲାକୁ ଏକ ଇଣ୍ଟରସେପ୍ଟର ଭେଇକିଲ୍ ଯୋଗାଇ ଦିଆଯାଇଥିଲା। ପରିବହନ ବିଭାଗ କର୍ମଚାରୀମାନେ ଭେଇକିଲ୍‌କୁ ରାସ୍ତାପାର୍ଶ୍ୱରେ ରଖି ଗାଡିର ବେଗ ମାପୁଥିଲେ। ଇଣ୍ଟରସେପ୍ଟରର ସ୍ପିଡି ଲେଜର ଗନ ଓ ହାଇ ରିଜୋଲୁସନ କ୍ୟାମେରା ଦ୍ୱାରା ପ୍ରାୟ ୫୦୦ମିଟର ଦୂରରୁ ଆସୁଥିବା ଗାଡିର ବେଗ ଓ ଫଟୋ ଉତ୍ତୋଳନ ହେଉଥିଲା। ହାଲୁକା ଯାନଗୁଡିକ ଧାର୍ଯ୍ୟ ବେଗଠାରୁ ଅଧିକ ବେଗରେ ଯାଉଥିଲେ ମାଲିକଙ୍କୁ ୨ହଜାର ଟଙ୍କା ଜରିମାନା ଦେବାକୁ ପଡୁଥିଲା। ସେହିପରି ଭାରିଯାନଗୁଡିକ ନିୟମ ଉଲ୍ଲଂଘନ କଲେ ୪ହଜାର ଟଙ୍କା ଜରିମାନା ଦେଉଥିଲେ। ସର୍ପରାଇଜ୍ ଚେକିଂରେ ଗାଡିର ବେଗ ଅଧିକ ରହିଲେ ମାଲିକଙ୍କ ମୋବାଇଲ ନମ୍ବରରେ ମେସେଜ ଯାଉଥିଲା। ଇଣ୍ଟରସେପ୍ଟର ଭୟରେ ଲୋକେ ସଚେତନ ହେଉଥିଲେ। କିନ୍ତୁ ଏବେ କୌଣସି କଟକଣା ନଥିବାରୁ ଜିଲାରେ ବିପଦପୂର୍ଣ୍ଣ ଗାଡିଚାଳନା ବୃଦ୍ଧି ପାଇଛି। ଜାତୀୟ ରାଜପଥରେ ଘଣ୍ଟାପ୍ରତି ୭୦କିଲୋମିଟର ବେଗରେ ଗାଡି ଚାଳନାର ନିୟମ ଥିବା ବେଳେ ୫୭ ନମ୍ବର ଜାତୀୟ ରାଜପଥରେ ହାଲୁକା ଓ ଭାରୀଯାନଗୁଡିକ ଅଧିକ ବେଗରେ ଯାଉଛନ୍ତି। ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା କୁହନ୍ତି, ରାଜ୍ୟ ସରକାର ଜିଲାକୁ ଯୋଗାଇ ଦେଇଥିବା ଇଣ୍ଟରସେପ୍ଟରଟି ୧୫ ବର୍ଷ ଅତିକ୍ରାନ୍ତ କରିସାରିଛି। ୨୦୨୪ ଜୁନ୍ ମାସରୁ ତାର କାର୍ଯ୍ୟକାଳ ସମାପ୍ତି ହୋଇଛି। ନୂଆ ଇଣ୍ଟରସେପ୍ଟର ଯୋଗାଇ ଦେବାକୁ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ରାଜ୍ୟ ପରିବହନ ବିଭାଗ ଲୋକଙ୍କ ଧନଜୀବନ ପ୍ରତି ଦୃଷ୍ଟି ଦେଇ ଜିଲାକୁ ଏକ ନୂଆ ଇଣ୍ଟରସେପ୍ଟର ଭେଇକିଲ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



କାର୍ଯ୍ୟକାଳ ସରିଥିବା ପୁରୁଣା ଇଣ୍ଟରସେପ୍ଟର ଭେଇକିଲ୍ ଆରଟିଓ ଅଫିସ ପରିସରରେ ପଡିରହିଛି।

### ବେଗ ମାପିବା ପାଇଁ ନାହିଁ ଇଣ୍ଟରସେପ୍ଟର ଭେହିକିଲ

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ


ଗୁରୁ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବୀରମହାରାଜପୁର,୨୧।୮(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ଗୁରୁବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ମୁଖ୍ୟ ଅତିଥି, ମୁଖ୍ୟବକ୍ତାଭାବେ ବୀରମହାରାଜପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ମେହେର ଯୋଗଦାନ କରି ବରିଷ୍ଠ ନାଗରିକମାନଙ୍କ ତ୍ୟାଗ ଓ ଆଦର୍ଶକୁ ସମ୍ମାନ ଜଣାଇବା ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଗୁରୁ ନବୀନ ଚନ୍ଦ୍ର ନାରାୟଣ ଦାସ, ଗୋକୁଳ ଭୋଇ ଏବଂ ସ୍ୱେଚ୍ଛାସେବୀ ଚମରା ମହାକୁରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ସୌମିତ୍ରୀ ମେହେର ସ୍ୱାଗତ ଭାଷଣ ଓ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କୃଷ୍ଣଚନ୍ଦ୍ର ପାଢ଼ୀ, ବାସୁଦେବ ପଣ୍ଡା, ଭୂଷଣ କୁମାର ପାତ୍ର, ଦିଲୀପ ମିଶ୍ର, ସନ୍ତୋଷ ଷଡ଼ଙ୍ଗୀ, ଶ୍ୟାମସୁନ୍ଦର ସେଠୀ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ସୁରୁ ସାହୁ, ନାରାୟଣ ପ୍ରସାଦ ନାୟକ, ଜୟଦେବ ସାହୁ, ରବି ନାରାୟଣ ବେହେରା, ସତ୍ୟ ଦାଶ, ରାଧେଶ୍ୟାମ ପୁରୋହିତ, ଅକ୍ରୁର ଚରଣ ଦନ୍ତା, ଜ୍ଞାନେନ୍ଦ୍ର ତ୍ରିପାଠୀ, ଅକ୍ଷୟ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ବଳରାମ କାଣ୍ଡ, ଜମ୍ବେଶର ପ୍ରଧାନ, ପୀତବାସ ପଣ୍ଡା, ସୁଦାମ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଅନୁଦାନ ଦାବିରେ ଅଧ୍ୟାପକ, କର୍ମଚାରୀଙ୍କ ଧାରଣା

ଅମରପାଲି,୨୧।୮(ପୀତାମ୍ବର ସାହୁ)

ସମାନ କାମକୁ ସମାନ ଦରମା ଦାବିରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାଦୋଦରସ୍ଥିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନେ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ସମେତ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏ ଦିଗରେ ସରକାର କର୍ଣ୍ଣପାତ କରୁ ନାହାନ୍ତି। ଏହାକୁ ବିରୋଧ କରି ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ କଲମ ଛାଡ଼ ଆନ୍ଦୋଳନରେ ଏହି କର୍ମଚାରୀମାନେ ସାମିଲ ହୋଇଛନ୍ତି। ଯାହା ଫଳରେ ମହାବିଦ୍ୟାଳୟଗୁଡିକରେ ପାଠପଢ଼ାରେ ବିଭ୍ରାଟ ପରିଲକ୍ଷିତ ହେଉଛି। ସରକାର ଦାବି ପୂରଣ ନ କରିବା ଯାଏ ଧାରଣା ଚାଲୁ ରହିବ ବୋଲି ସୁବର୍ଣ୍ଣପୁର ଜିଲା ସଂଯୋଜକ ଉଦ୍ଧବ ପଧାନ, ଉପଖଣ୍ଡ ସଂଯୋଜକ ସୁଶାନ୍ତ ଦେହୁରୀ, ଅଧ୍ୟାପକ ବାଳମକୁନ୍ଦ ବାରିକ, ରଞ୍ଜିତା ମିଶ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

# ନିନ୍ଦା କଲା ଲକ୍ଷେଘର ଗଣ୍ଡା ସମାଜ

ତରଭା,୨୧।୮(ମାନଭଞ୍ଜନ ମିଶ୍ର)

### ଜନପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣା

ଗତ ୧୨ ତାରିଖ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଯାଉଥିବା ତରଭା ବ୍ଲକର ଜନପ୍ରତିନିଧିଙ୍କ ଗାଡିକୁ ସୋନପୁର ପଟାଭାଡି ଛକରେ କେତେଜଣ ଅଟକାଇ ଭଙ୍ଗାରୁଜା କରିବା ସହ ଆକ୍ରମଣ ଘଟଣାକୁ ତରଭା ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ତରଫରୁ ନିନ୍ଦା କରାଯାଇଛି। ଗୁରୁବାର ଅପରାହ୍ନ ୩ଟାରେ ତରଭା ବାଳକ ହାଇସ୍କୁଲ ଖେଳ ପଡିଆରେ ସମାଜ ତରଫରୁ ଏକ ବୈଠକ ଆୟୋଜିତ ହୋଇଥିଲା। ସମାଜର ଉପଦେଷ୍ଟା ପ୍ରକାଶ ହରିପାଲଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ସମାଜର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ପଟାଭାଡିରେ ହୋଇଥିବା ଆକ୍ରମଣ ସମୟରେ ଜନପ୍ରତିନିଧିମାନଙ୍କ ସହ ଯାଇଥିବା ସମିତି ସଭ୍ୟ ମାର୍କଣ୍ଡ ନାଗ ଓ ସରଗଜ ସମିତି ସଭ୍ୟାଙ୍କ ପ୍ରତିନିଧି ଲକ୍ଷେଘର ଗଣ୍ଡା ସମାଜର ସାମିଲ ଥିଲେ। ଯେଉଁ ଦୁର୍ବୃତ୍ତମାନେ ଏମାନଙ୍କ ଉପରେ ଆକ୍ରମଣ କରିଥିଲେ ସେମାନେ ତରଭାର ଜନପ୍ରତିନିଧିଙ୍କ ନାମରେ ମିଥ୍ୟା ଏସସି/ଏସଟି ମାମଲା ରୁଜୁ କରି ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ଓ ତରଭା ଲକ୍ଷେଘର ଗଣ୍ଡା ସମାଜକୁ ବଦନାମ ଓ ଅପମାନିତ କରିଛନ୍ତି। ତରଭା ଲକ୍ଷେ ଘର ଗଣ୍ଡା ସମାଜ ତରଫରୁ ଲକ୍ଷେଘର ଗଣ୍ଡା ସମାଜର ସୋନପୁର ଜିଲା ସଭାପତି ମାଧବ କୁମ୍ଭାର ନ୍ୟାୟ ପ୍ରଦାନ ପାଇଁ ଆବେଦନ କରିଥିଲେ । ପରେ ତରଭା ଲକ୍ଷେ ଘର ଗଣ୍ଡା ସମାଜର କର୍ମକର୍ତ୍ତା, ଡୁଙ୍ଗୁରିପାଲି ସମାଜ କର୍ମକର୍ତ୍ତା, ଜିଲା ସଭାପତି କୁମ୍ଭାରଙ୍କ ସାଙ୍ଗରେ ଏସ୍‌ପି ନାରାୟଣ ନାଏକଙ୍କୁ ସାକ୍ଷାତ କରି ତରଭା ଜନପ୍ରତିନିଧିଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଏଥିରେ ଲକ୍ଷେଘର ଗଣ୍ଡା ସମାଜ ତରଭା ସଭାପତି ସୁଶୀଲ ମଲ୍ଲିକ, ଉପଦେଷ୍ଟା ପ୍ରକାଶ ହରିପାଲ, ସମ୍ପାଦକ ସୁଦାମ ଚରଣ ନାଗ, ମରାଡୁଗୁଛା ସମିତି ସଭ୍ୟ ମାର୍କଣ୍ଡ ନାଗ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ଅମରପାଲି ହାଇସ୍କୁଲ ସେଫ୍ଟି କମିଟି ଗଠିତ

ଅମରପାଲି,୨୧।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ସ୍କୁଲ ସେଫ୍ଟି କମିଟି ଗୁରୁବାର ଗଠିତ ହୋଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସର୍ବସମ୍ମତିକ୍ରମେ ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁଙ୍କୁ ସଭାପତି, ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା କନଭେନରଭାବେ ଚୟନ କରାଯାଇଛି। ଶିକ୍ଷକ ଶ୍ୟାମ ପଣ୍ଡା, ଅଭିଭାବକ ବିଷ୍ଣୁ ଚରଣ ଧଳ ଓ ରୀନା ସାହୁ, ସ୍ୱେଚ୍ଛାସେବୀ ପୀତାମ୍ବର ସାହୁ, ଛାତ୍ର ସିଦ୍ଧାର୍ଥ ଶଙ୍କର ସେଠୀ, ଛାତ୍ରୀ ଇତିଶ୍ମିତା ସାହୁ, ୱାର୍ଡସଭ୍ୟ ସଦାନନ୍ଦ ସେଠୀ, ଆଶାକର୍ମୀ ପୁଷ୍ପାଞ୍ଜଳି ପତି ଓ ଅଙ୍ଗନୱାଡ଼ି କର୍ମୀ ରଞ୍ଜିତା ପ୍ରଧାନଙ୍କୁ ସଭ୍ୟ ଭାବେ ଚୟନ କରାଯାଇଛି।

# ସାପ କାମୁଡ଼ାଜନିତ ମୃତ୍ୟୁ ହ୍ରାସ ପାଇଁ ସଚେତନତା


ସାପ କାମୁଡା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବିନିକା,୨୧।୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟ୍ସ କ୍ଲବ କାର୍ଯ୍ୟାଳୟରେ ଗୁରୁବାର ସାପ କାମୁଡାଜନିତ ମୃତ୍ୟୁ ହ୍ରାସ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୁବର୍ଣ୍ଣପୁରଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ରଷ୍ମା ଭୋଇ ଅଧ୍ୟକ୍ଷତା କରି ସାପ କାମୁଡିଲେ ଭୟଭୀତ ନ ହେବା, ଗୁଣି ଗାରେଡି ନ କରିବା, ତୁରନ୍ତ ହସ୍ପିଟାଲକୁ ଆଣି ଚିକିତ୍ସା କରାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଡା ମନୋଜ କୁମାର ପଧାନ ଯୋଗଦେଇ କେଉଁ ସାପ କାମୁ କ'ଣ ହୁଏ, କି ପ୍ରକାର ପ୍ରତିଷେଧକ କରିବା ସେ ବିଷୟରେ ଆଲୋକପାତ କରିଥିଲେ। ରାଜସ୍ୱ ପରିଦର୍ଶକ ପୁଷ୍ପାଞ୍ଜଳି ପଧାନ ମଞ୍ଚ ପରିଚାଳନା କରିଥିବାବେଳେ ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଶତାଧିକ ଅଙ୍ଗନବାଡି କର୍ମୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ରାଜସ୍ୱ ପରିଦର୍ଶକ ପ୍ରିୟବ୍ରତ ସେଠୀ, ରାଜସ୍ୱ କର୍ମଚାରୀ ରାଜୁ ମେହେର, କୁନା ମହାକୁଡ଼ ଏଥିରେ ସହଯୋଗ କରିଥିଲେ।

# ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା ମେହେନ୍ତର ଘାସି ସମାଜ



ମେହେନ୍ତର ଘାସି ସମାଜ ତରଫରୁ ବାହାରିଥିବା ଶୋଭାଯାତ୍ରା।

ବୀରମହାରାଜପୁର,୨୧।୮(ଯୁଗଳ କିଶୋର ମିଶ୍ର)

### ବୀରମହାରାଜପୁରକୁ ଏନ୍‌ଏସି ଘୋଷଣା ପ୍ରସଙ୍ଗ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରକୁ ରାଜ୍ୟ ସରକାର ଏନଏସି ଘୋଷଣା ନେଇ ଚିଠା ବିଜ୍ଞପ୍ତି ଘୋଷଣା ପରେ ବୀରମହାରାଜପୁର ସହରରେ ଉତ୍ସାହ ଦେଖାଦେଇଛି। ଗୁରୁବାର ସନ୍ଧ୍ୟା ୬ଟାରେ ବୀରମହାରାଜପୁର ଘାସି ସମାଜ କଲ୍ୟାଣ ସଂଘ ତରଫରୁ ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ତରଫରୁ ଏକ ବିରାଟ ପଟୁଆରରେ ରଥପୁର ଛକଠାରୁ ବିଧାୟକଙ୍କୁ ପାଛୋଟି ଅଣାଯାଇଥିଲା। ମୁଖ୍ୟ ଛକରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ମେହେନ୍ତର ସଂଘ ସଭାପତି ସୁରେଶ କଲତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଜଗଦଲାଙ୍କ ସମେତ ଜିଲା ଭାଜପା ସଭାପତି ବେଣୁଧର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଉଷା କୁମାରୀ, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ଯୁବନେତା ଏକଲବ୍ୟ ବେହେରା, ଅଶୋକ ସାହୁ, ବିଧାୟକ ନୋମିନି ପଦାର୍ଥ ଜଗଦଲା, ସତ୍ୟନାରାୟନ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ନେତୃବର୍ଗ କହିଥିଲେ ପୂର୍ବ ବିଜେଡି ସରକାର ଅମଳରେ ବୀରମହାରାଜପୁର ଅଞ୍ଚଳର ଆଖିଦୃଶିଆ ଉନ୍ନତି ହୋଇ ପାରିଲା ନାହିଁ। ହେଲେ ଭାଜପା ସରକାରର ମାତ୍ର ଏକ ବର୍ଷ ପୁରୀ ଥିବା ବେଳେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ବୀରମହାରାଜପୁରକୁ ଏନଏସି ଘୋଷଣା ରଖିଛନ୍ତି। କାର୍ଯ୍ୟକ୍ରମରେ ଶତାଧିକ ମେହେନ୍ତର ଘାସି ସମାଜ କର୍ମକର୍ତ୍ତା ଯୋଗଦେବା ସହିତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ଏହାପରେ ବୀରମହାରାଜପୁର ମୈତ୍ରୀ ସଦନଠାରେ ଆଉ ଏକ ସମ୍ବର୍ଦ୍ଧନା ଓ ମିଶ୍ରଣ କାର୍ଯ୍ୟକ୍ରମରେ ଭାଜପା ନେତା ସୁମନ୍ତ ଜଗଦଲା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ବିଧାୟକ ଜଗଦଲା, ଭାଜପା ଜିଲା ସଭାପତି ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୋଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଏମପି ନୋମିନୀ ପଣ୍ଡା, ଭାଜପା ନେତା ସତ୍ୟବ୍ରତ ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ବିଜେଡି ନେତା ଚମ୍ପେଶ୍ୱର ମିଶ୍ର ଆନୁଷ୍ଠାନିକ ଭାବରେ ଭାଜପାରେ ଯୋଗଦାନ କରିଥିଲେ।

# ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ


କମିଟି ବୈଠକରେ ଉପସ୍ଥିତ ସଦସ୍ୟ ଓ ଉପଦେଷ୍ଟା।

ସୋନପୁର,୨୧।୮(ମୃତ୍ୟୁଞ୍ଜୟ ଶତପଥୀ)

### ସୋନପୁର ବ୍ଲକ ଛକ ଦୁର୍ଗାପୂଜା କମିଟି ବୈଠକ

ସୋନପୁର ବ୍ଲକ ଛକ ଦୁର୍ଗାପୂଜା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୁର୍ଗା ମଣ୍ଡପରେ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅରବିନ୍ଦ ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ନିଶାନ୍ତ କୁମାର ମହାନ୍ତି ବିଗତ ବର୍ଷର ଆୟବ୍ୟୟ ସମ୍ପର୍କରେ ଆଲୋଚନା କରିବା ସହ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି ସଦସ୍ୟମାନେ ନିଜର ମତ ରଖିଥିଲେ। ଚଳିତବର୍ଷ ପରିଚାଳନା କମିଟିରେ ପୁଣି ଥରେ ସଭାପତି ଅରବିନ୍ଦ ବାରିକ, ଉପସଭାପତି ଶରତ ମହାପାତ୍ର, ସମ୍ପାଦକ ନିଶାନ୍ତ କୁମାର ମହାନ୍ତି, ସହ ସମ୍ପାଦକ ସରୁପ ପାତ୍ର, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର ଓ ପରାମର୍ଶଦାତାଭାବେ ଗଦାଧର ବାରିକ, ଆଦିକନ୍ଦ ପାଣିଗ୍ରାହୀ, ଶୈଳେନ୍ଦ୍ର ସାହୁ, ଡ.ଜ୍ୟୋତିରଞ୍ଜନ ବହିଦାର, ସୁଶିଲ ତ୍ରିପାଠୀ, ଶ୍ରୀବତ୍ସ ମଲ୍ଲିକ, ପ୍ରିୟବ୍ରତ ସାହୁ, ପରମାନନ୍ଦ ମିଶ୍ର, ସତ୍ୟନାରାୟଣ ତ୍ରିପାଠୀ, ଆଇନ ପରାମର୍ଶଦାତା ଭାବେ ବଳଦେବ ପ୍ରସାଦ ବେଦବାକ ରହିଛନ୍ତି। ସେହିପରି ଅନ୍ୟାନ୍ୟ କମିଟି ମଧ୍ୟରେ ପୂଜା କମିଟି, ରାବଣ ପୋଡ଼ି କମିଟି, ଚାନ୍ଦି ମେଢ଼ କମିଟି, ଅର୍ଥ କମିଟି, ସ୍ମରଣୀକା କମିଟି ଓ ପ୍ରଚାର ପ୍ରସାର କମିଟି ଗଠନ କରାଯାଇଛି। ପ୍ରାରମ୍ଭରେ କମିଟିର ଦିବଙ୍ଗତ ସଦସ୍ୟଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା। ଚଳିତ ବର୍ଷ ଜିଲାର ସଂସ୍କୃତି ପରମ୍ପରାକୁ ବଜାୟ ରଖି ଲୋକ ନାଚଗୀତକୁ ଅଗ୍ରାଧିକାର ଦେବାସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ମେଲୋଡି ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

### ଆର୍ଥିକ, ଡିଜିଟାଲ ସାକ୍ଷରତା ଶିବିର

ବିନିକା,୨୨।୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆର୍ଥିକ ଏବଂ ଡିଜିଟାଲ ସାକ୍ଷରତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବିନିକା ଆନୁକୂଲ୍ୟରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଭିନିତ ରାଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏଲଡିଏମ ସୋନପୁର କାର୍ତ୍ତିକେଶ୍ୱର ପଣ୍ଡା ଯୋଗଦେଇ ବିଭିନ୍ନ ବୀମା ବାବଦରେ ଅବଗତ କରାଇଥିଲେ। ଏଲଡିଓ (ଆର୍‌ବି ଆଇ) ରିତେଶ କୁମାର ପାତ୍ର, ଇ-କେୱାସି ବାବଦରେ ବୁଝାଇଥିଲେ। ଏଥିରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବିନିକା ଶାଖା ପରିଚାଳକ ମଧୁମିତା ଜେନା, କୌଡ଼ିଆମୁଣ୍ଡା ଶାଖା ପରିଚାଳକ ଆଶିଷ କୁମାର ନାଏକ ଯୋଗ ଦେଇଥିଲେ। ମଧୁମିତା ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ଲକ ପ୍ରକଳ୍ପ ପରିଚାଳକ ରଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କମିତ୍ର, ସିଆରପି, ଏମବିକେ, ଜିପିଏଲଏଫ ଇସି ମେମ୍ବରଙ୍କ ସମେତ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ଯୋଗ ଦେଇଥିଲେ।

# ବିକ୍ରି ମୂଲ୍ୟ ନ ପାଇବାରୁ ଚାଷୀଙ୍କ ଧାରଣା

ତରଭା, ୨୧।୮(ମାନଭଞ୍ଜନ ମିଶ୍ର)

### ମରାଡୁଗୋଛା ପାକ୍ସ

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମରାଡୁଗୋଛା ସେବା ସମବାୟ ସମିତିରେ ଚାଷୀମାନେ ବକେୟା ପାଉଣା ନ ପାଇବା ନେଇ ଗତ ୧୨ ତାରିଖରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନହେବାରୁ ଗୁରୁବାର ୯ ଜଣ ଚାଷୀ ଆମରଣ ଅନଶନରେ ବସିଥିଲେ। ଏହାକୁ ଦୃଷ୍ଟିରେ ରଖି ସନ୍ଧ୍ୟାରେ ବ୍ଲକ ସଭା ଗୃହରେ ଚାଷୀ ପ୍ରତିନିଧି ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନାରେ ସ୍ଥାନୀୟ ତହସିଲଦାର ସତୋଲିନା ମହାଣା, ସିଏସଓ ନିରଦ ରଞ୍ଜନ ଦାସ, ଡିଆରସିଏସ ସଞ୍ଜୟ ତ୍ରିପାଠୀ, ବ୍ଲକ କୃଷି ଅଧିକାରୀ ନିରୂପମା ଗଣିକ ଓ ଚାଷୀଙ୍କ ତରଫରୁ ମିତ୍ରବ୍ରତ ମିଶ୍ର, ସରପଞ୍ଚ ମନମୋହନ ସାହୁ, ବସୁ ସାହୁ, ସମିତି ସଭ୍ୟ ମାର୍କଣ୍ଡ ନାଗ, ବିନିକା କୃଷକ ସଙ୍ଗଠନର ଦେବାଶିଷ ଦାସ, ରମେଶ ଦାସ, ଶଙ୍କର ମହଲା, ଶିବ ନାଏକ, ପାକ୍ସ ସଭାପତି ସନ୍ତୋଷ ଡାଙ୍ଗ, ଡିଓ ସୁଶାନ୍ତ ମହଲା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ଚାଷୀଙ୍କ ପ୍ରାପ୍ୟ ନେଇ ତୁରନ୍ତ ପଦକ୍ଷେପ ନେବୁ, ଚାଷୀଙ୍କ ଧାନର ବକେୟା ପାଉଣା ପାଇବା ଯୁକ୍ତିଯୁକ୍ତ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ଆମରଣ ଅନଶନରୁ ହାଟିଥିଲେ ହେଁ ଧାରଣା ଜାରି ରଖିଥିଲେ। ଆମରଣ ଅନଶନରେ ଉଦୟ ଭୁଏ, ଶଙ୍କର ମହାନନ୍ଦ, ବୈକୁଣ୍ଠ ସା, କାର୍ତ୍ତିକ ସାହୁ, ଶେଷ ଡାଙ୍ଗ, ଶଙ୍କର୍ଷଣ ସାହୁ, ପଦ୍ମଲୋଚନ ଦଳବେହେରା, ଜୟଚନ୍ଦ୍ର ଭୁଏ ଓ କ୍ଷମା ଭରାସାଗର ପ୍ରମୁଖ ୯ ଜଣ ଚାଷୀ ବସିଥିଲେ।


ଚାଷୀମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ବିନା ଲାଇସେନ୍ସରେ ମଦ କାରବାର, ବ୍ୟବସାୟୀ ଗିରଫ

ରାଉରକେଲା,୨୧।୮(ଦିନେଶ ମିଶ୍ର)

ବିନା ଲାଇସେନ୍ସରେ ବିଦେଶୀ ମଦ କାରବାର ଅଭିଯୋଗରେ ରାଉରକେଲା ଅବକାରୀ ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସିଦ୍ଧାର୍ଥ କୁମାର ଲେଙ୍କା ଓରଫ ଲଣ୍ଡା (୩୧)। ତାଙ୍କଠାରୁ ସମୁଦାୟ ୩୨ ଲିଟର ବିଦେଶୀ ମଦ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୬/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ସେକ୍ଟର-୬ ଏଚ୍ ବ୍ଲକରେ ଏକ ଗୁମୁଟି ଘରେ ସିଦ୍ଧାର୍ଥ ବିନା ଲାଇସେନ୍ସରେ ବିଦେଶୀ ମଦ କାରବାର କରୁଥିଲେ। ରାଉରକେଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ଜନକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ଦିଲୀପ କୁମାର ନାୟକ ସଦଳବଳ ଗୁରୁବାର ଅପରାହ୍ଣ ସାଢେ ୩ଟାରେ ଚଢ଼ାଉ କରିଥିଲେ।

### ମାତା ରାଣୀସତୀଙ୍କ ମଙ୍ଗଳ ପାଠ

ରାଉରକେଲା,୨୧।୮(ଦିନେଶ ମିଶ୍ର)

ହନୁମାନ ବାଟିକା ପରିସରରେ ଥିବା ତ୍ରିଶକ୍ତି ମନ୍ଦିରରେ ମାତା ରାଣୀସତୀଙ୍କ ମଙ୍ଗଳପାଠ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ତ୍ରିଶକ୍ତି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମାତାଙ୍କୁ ସିଙ୍ଗାର କରାଯିବା ସହିତ ଦିବ୍ୟଜ୍ୟୋତି ପ୍ରଦୀପ ପ୍ରଜ୍ୱଳନ ସହ ୬୫ ଭୋଗ ଅର୍ପଣ କରାଯାଇଥିଲା। ସୂରଜ ବିଜୁରିକା ଶ୍ରଦ୍ଧାଳୁଙ୍କୁ ମଙ୍ଗଳପାଠ ଶୁଣାଇଥିଲେ। ମୁଖ୍ୟ ଯଜମାନ ଉମଙ୍ଗ ଅଗ୍ରୱାଲ ଓ ତାଙ୍କ ପତ୍ନୀ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଉତ୍ସବରେ ରାଉରକେଲା ସମେତ ବୀରମିତ୍ରପୁର, ରାଜଗାଙ୍ଗପୁର, ଚକ୍ରଧରପୁର ଓ ଟାଟାରୁ ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

# ସଚେତନତା ଅଭାବ, ବଢୁଛି ସାଇବର ଅପରାଧ

ରାଉରକେଲା,୨୧।୮(ସଙ୍ଗୀତା ଜେନା)

ସାଇବର ଅପରାଧ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ଅଭିଯୁକ୍ତମାନେ ନୂଆ ନୂଆ ଉପାୟରେ ସବୁ ବର୍ଗର ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଅପରାଧ ଘଟାଇ ଖସିଯାଉଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ଗତ ମେ ମାସରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନୂଆ ଇ-ଜିରୋ ଏଫ୍‌ଆଇଆର୍ ବ୍ୟବସ୍ଥା କରିଥିଲେ। ଭାରତୀୟ ସାଇବର ସମନ୍ୱୟ କେନ୍ଦ୍ର (ଆଇସିସିସିସି ବା ଆଇ୪ସି) ଏହି ନୂତନ ସଂସ୍କାରକୁ ଲାଗୁ କରିଥିଲେ। ପ୍ରାରମ୍ଭରେ ଏହି ପାଇଲଟ୍ ପ୍ରକଳ୍ପ ଦିଲ୍ଲୀରେ ଆରମ୍ଭ ହୋଇଥିଲା। ପରେ ଏହାକୁ ଦେଶବ୍ୟାପୀ କରାଯାଇଥିଲା। ତେବେ ସାଇବର ଅପରାଧ କ୍ଷେତ୍ରରେ ଏଭଳି ପଦକ୍ଷେପ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇ ନ ଥିବା କୁହାଯାଉଛି। ଫଳରେ ଅନ୍ୟତ୍ର ସାଇବର ଅପରାଧର ଶୀକାର ବ୍ୟକ୍ତି ନିଜ ରହିବା ସ୍ଥାନକୁ ଫେରିବା ପରେ ପୋଲିସ ନିକଟରେ ଏତଲା କରିବାକୁ ଉଚିତ ମଣୁଛନ୍ତି। ଅପରପକ୍ଷେ ପୋଲିସ ଓ ଲୋକଙ୍କ ମଧ୍ୟରେ ଉତ୍ତମ ତାଳମେଳ ନ ଥିବା ଯୋଗୁ ଲୋକେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଚେତନତା ଅଭାବ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ପୋଲିସ ସ୍ୱତନ୍ତ୍ର ଭାବେ ଦୁଇ ମାସ ବ୍ୟାପୀ ସାଇବର ସଚେତନତା କାର୍ଯ୍ୟକ୍ରମ କରୁଥିବା କହିଛି।

ସୂଚନା ଅନୁଯାୟୀ, ଯେଉଁଠାରେ ସାଇବର ଅପରାଧ ହୋଇଥିଲେ ମଧ୍ୟ



ରାଉରକେଲା ସାଇବର ଥାନା।

ପୀଡ଼ିତ ନିଜ ଇଚ୍ଛା ଅନୁସାରେ ଅନ୍ୟ କୌଣସି ସ୍ଥାନରେ ପୋଲିସ ନିକଟରେ ଉକ୍ତ ଅପରାଧକୁ ନେଇ ଇ-ଜିରୋ ଏଫ୍‌ଆଇଆର୍ କରିପାରିବେ। ଏହି ଏଫ୍‌ଆଇଆର୍ ପ୍ରାରମ୍ଭରେ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅପରାଧ ମାମଲାରେ କାର୍ଯ୍ୟକାରୀ ହୋଇଥାଏ। ତୁରନ୍ତ ଅପରାଧୀଙ୍କୁ ଧରିବା ଏହି ପଦକ୍ଷେପର ଲକ୍ଷ୍ୟ ଅଟେ। ଏହାଦ୍ୱାରା ସାଇବର ଅପରାଧର ମୂଳକୁ ଖୋଜି ବାହାର କରିବାରେ ସହଯୋଗୀ ସାବ୍ୟସ୍ତ ହେବ। ସୁତରାଂ ଭାରତକୁ ସାଇବର ସୁରକ୍ଷିତ କରିବା ସହ ସାଇବର ସିକ୍ୟୁରିଟି ଗ୍ରୀଡ୍‌କୁ ମଜଭୁତ କରାଯାଇପାରିବ। ସେହିପରି ସାଇବର ଅପରାଧ ରୋକିବା ଦିଗରେ ସମନ୍ୱୟ ବଢ଼ାଇବା ପାଇଁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକୁ ଆବଶ୍ୟକ ତାଞ୍ଚା ଓ ବ୍ୟବସ୍ଥା ଯୋଗାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରାଣଳୟ ଆଇ୪ସି ଗଠନ କରିଥିଲା। ତେବେ ସାଇବର ଆଇନଶୃଙ୍ଖଳା ବୃଦ୍ଧି ଦିଗରେ ଏହି ଜିରୋ ଏଫ୍‌ଆଇଆରର ଆଖିଦୃଶିଆ ପ୍ରଚାର ହେଉନାହିଁ। ବିଭିନ୍ନ ସମୟରେ ରାଉରକେଲା ପୋଲିସ ଜିଲାର ୨୪ଟି ଥାନା ଅଧୀନରେ ସାଇବର ଓ ଅନ୍ୟାନ୍ୟ ଅପରାଧ ନିରୋଧ ପାଇଁ ଆମ ପୋଲିସ ବୈଠକ କରାଯାଉଛି। ଏଥିରେ ଇ-ବ୍ୟାଙ୍କିଂ, ସୋସିଆଲ ମିଡ଼ିଆରେ ଲିଙ୍କ୍ ସେୟାର କରିବା ଓ ଫ୍ରଡ୍ ସମ୍ପର୍କରେ ବିସ୍ତୃତ ଆଲୋଚନା ହେଉଛି। ହେଲେ ନୂତନ ପଦକ୍ଷେପ ସମ୍ପର୍କରେ କୌଣସି ମତାମତ ରଖାଯାଉ ନ ଥିବା କୁହାଯାଉଛି।

ରାଉରକେଲା ସାଇବର ଥାନାରେ ୨୦୨୪ ଜାନୁଆରୀରୁ

### ହେଉନି ଇ-ଜିରୋ ଏଫ୍‌ଆଇଆର୍

ଡିସେମ୍ବର ପର୍ଯ୍ୟନ୍ତ ୩୫ଟି ଏବଂ ୨୦୨୫ ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ପ୍ରାୟ ୧୭ଟି ବଡ଼ଧରଣର ସାଇବର ଅପରାଧ ମାମଲା ରୁଜୁ ହୋଇଛି। ସେହିଭଳି ରାଜ୍ୟରେ ୬/୭ଟି ବଡ଼ଧରଣର ସାଇବର ମାମଲା ଏପର୍ଯ୍ୟନ୍ତ ନ୍ୟାୟିକ ସମାଧାନ ହୋଇଛି। ଯେଉଁଥିରେ ଦୋଷୀ ଦଣ୍ଡ ପାଇଛନ୍ତି। ଏ ସମ୍ପର୍କରେ ରାଉରକେଲା ସାଇବର ଥାନାଧିକାରୀ ସେରୋଫିନା ଖେସ୍‌ଙ୍କୁ ପଚରାଯିବାରୁ ସେ କହିଲେ, ଜିରୋ ଏଫ୍‌ଆଇଆର୍‌ର ପ୍ରମୁଖତା ରହିଛି। ପୀଡ଼ିତ ଯେଉଁ ସ୍ଥାନରେ ଠକେଇର ଶୀକାର ହୋଇଥିଲେ ମଧ୍ୟ ଯେଉଁ ସ୍ଥାନରେ ଚାହିଁବେ ଏଫ୍‌ଆଇଆର୍ କରିପାରିବେ। ପରେ ଉକ୍ତ ଏଫ୍‌ଆଇଆର୍ ପୀଡ଼ିତ ରହୁଥିବା ସ୍ଥାନକୁ ସ୍ଥାନାନ୍ତର କରାଯିବ ଏବଂ ତାହା ପୁନଃ ପଞ୍ଜୀକରଣ କରାଯିବ। ତେବେ ଏହାର ପ୍ରଚାର ପ୍ରସାର ପାଇଁ ଆୟୋଜନ କରାଯାଉଛି। ଚଳିତ ବର୍ଷ ଅଗଷ୍ଟ ୧ରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ସାଇବର ସଚେତନତା କରାଯାଉଛି। ମହିଳା ଉତ୍ପୀଡ଼ନ ମାମଲା ସହିତ ସାଇବର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପ୍ରାରମ୍ଭରେ ଉତ୍ତରପ୍ରଦେଶର ଜଣେ ଯୁବକ ସାଇବର ଅପରାଧରେ ପୀଡ଼ିତ ହୋଇଥିଲେ। ତାଙ୍କର ଜିରୋ ଏଫ୍‌ଆଇଆର୍ କରାଯାଇଥିଲା ବୋଲି ଖେସ୍ ସୂଚନା ପ୍ରଦାନ କରିଥିଲେ।

# ୩ ଅଭିଯୁକ୍ତ ଗିରଫ, ୧୬ ବାଇକ୍ ଜବତ


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା, ୨୧।୮(ସଙ୍ଗୀତା ଜେନା)

ରାଉରକେଲା ଓ ଆଖପାଖ ଅଞ୍ଚଳରୁ ବାଇକ୍ ଚୋରି କରାଯାଉଥିଲା। ସେଗୁଡ଼ିକୁ କୋଇଡା ଅଞ୍ଚଳରେ ଲୁଚାଇ ରଖାଯାଉଥିଲା। ପରେ ସମୟ ସୁବିଧା ଦେଖି ଉକ୍ତ ବାଇକ୍‌ଗୁଡିକର ନମ୍ବର ପ୍ଲେଟ୍ ଓ ଚେଚିସ୍ ନମ୍ବର ପରିବର୍ତ୍ତନ କରାଯାଉଥିଲା। ରାଜ୍ୟ ବାହାର ଲୋକଙ୍କୁ ଅତି ଶସ୍ତା ଦରରେ ଉକ୍ତ ବାଇକଗୁଡ଼ିକ ବିକ୍ରି କରାଯାଉଥିଲା। ଏପରି ଏକ ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ରାଉରକେଲା ପୋଲିସ। ଉକ୍ତ ଗ୍ୟାଙ୍ଗ୍‌ର ୩ ଜଣ ସଦସ୍ୟ ଧରାପଡ଼ିଥିବା ବେଳେ ସେମାନଙ୍କଠାରୁ ୧୬ଟି ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଲଦା ସି’ ବ୍ଲକରେ ରହୁଥିବା ଶଙ୍କର ଲୋହାର୯୩୬), ସୁନ୍ଦରଗଡ଼ କୋଇଡ଼ାର ରବି ଲୋହାର(୨୧) ଏବଂ ପଣ୍ଡା ମହାକୁଡ଼(୩୨)। ଏ ନେଇ ପୋଲିସ ଏକ ମାମଲା (ନଂ.୪୫୫/୨୫) ରୁଜୁ କରି ଅଧିକ ତଦନ୍ତ କରୁଛି। ଗୁରୁବାର ଅପରାହ୍ଣ ୧ଟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଏଥିରେ

### ବାଇକ୍ ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ

ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ଏବଂ ରଘୁନାଥପାଲୀ ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ମିଶ୍ର ସୂଚନା ଦେଇ କହିଲେ, ଉକ୍ତ ର୍‍ୟାକେଟ୍‌ର କିଙ୍ଗପିନ୍ ଶଙ୍କର ପ୍ରଥମେ ସୁନ୍ଦରଗଡ଼ କୋଇଡ଼ା ଅଞ୍ଚଳରେ ରହୁଥିଲେ। ପରେ ସେ ଜଲଦା ଅଞ୍ଚଳରେ ରହିଲେ। ଏହି ର୍‍ୟାକେଟ୍‌ରେ ଆହୁରି ଅଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି। ତେଣୁ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଶଙ୍କର ଓ ତାଙ୍କ ସହଯୋଗୀମାନେ ବାଇକ୍ ଚୋରି କରି ଅନ୍ୟ ରାଜ୍ୟରେ ଅନାୟାସରେ ବିକ୍ରି କରୁଥିଲେ। ସେମାନେ ପେଶାଦାର ଅଟନ୍ତି। କିଛିଦିନ ତଳେ ରଘୁନାଥପାଲୀ ଥାନାରେ ଏକ ବାଇକ୍ ଚୋରି ମାମଲାର ତଦନ୍ତ ସମୟରେ ସତ୍ୟ ଉନ୍ମୋଚନ ହୋଇ ଏହି ର୍‍ୟାକେଟ୍ ଧରାପଡ଼ିଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନାରେ ଚଢ଼ାଉ କରାଯାଇଥିଲା। ଧରାପଡ଼ିଥିବା ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ରଘୁନାଥପାଲୀ ଏବଂ ଟାଙ୍ଗରପାଲୀ ଥାନା ଅଞ୍ଚଳରେ ଚୋରି ବାଇକ୍‌ଗୁଡ଼ିକ ଜବତ ହୋଇଛି ବୋଲି ମିଶ୍ର କହିଥିଲେ।

# ତ୍ରୁଟିପୂର୍ଣ୍ଣ ସୂଚନା ପାଇଁ ଟ୍ରେନ୍ ଯାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

ରାଉରକେଲା, ୨୧।୮(ସଙ୍ଗୀତା ଜେନା)

ଦାନାପୁର-ଦୁର୍ଗ ସାଉଥ ବିହାର ଏକ୍ସପ୍ରେସ ଟ୍ରେନ୍‌ରେ ଏସି ବର୍ଗ ସମ୍ବନ୍ଧୀୟ ତ୍ରୁଟିପୂର୍ଣ୍ଣ ସୂଚନା ଯୋଗୁ ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳର ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପ୍ରବୋଧ ଘୋଷ(୫୨)। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜିଆର୍‌ପି ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ଏ ନେଇ ଜିଆର୍‌ପି ପୋଲିସ ଏକ ମାମଲା (ନଂ.୬୭/୨୫) ରୁଜୁ କରିଛି। ସୂଚନା ଅନୁଯାୟୀ, ବନ୍ଧମୁଣ୍ଡା ଅଞ୍ଚଳର ପ୍ରବୋଧ ଓ ତାଙ୍କ ସ୍ତ୍ରୀ ଭିଲାଇ ଯିବା ପାଇଁ ଗୁରୁବାର ଅପରାହ୍ଣ ୨ଟାରେ ରାଉରକେଲା ଷ୍ଟେଶନରେ ପହଞ୍ଚିଥିଲେ। ସେମାନଙ୍କ ରିଜର୍ଭ ସିଟ୍ ଏସି କୋଚ୍‌ରେ ଥିଲା। ଟ୍ରେନ୍ ୨ ନଂ. ପ୍ଲାଟଫର୍ମରେ ପହଞ୍ଚିବା ପୂର୍ବରୁ ଉକ୍ତ ଟ୍ରେନ୍‌ର ଏସି ବଗିଗୁଡ଼ିକ ସମ୍ମୁଖରେ ଥିବା ଘୋଷଣା ହୋଇଥିଲା। ଏହା ଶୁଣି ଦମ୍ପତି ଟ୍ରେନ ସମ୍ମୁଖ ଭାଗକୁ ଦୌଡ଼ି ଯାଇଥିଲେ। ପରେ ଏସି ବଗିଗୁଡ଼ିକ ଟ୍ରେନ ପଛରେ ଅଛି ବୋଲି ହଠାତ୍ ଘୋଷଣା ହୋଇଥିଲା। ଏଥିଯୋଗୁ ଦମ୍ପତି ଗହଳିରେ ଦୌଡ଼ି ପଛକୁ ଫେରିବା ସମୟରେ ପ୍ରବୋଧ ଟ୍ରେନ ନିକଟରେ ପଡ଼ିଯାଇଥିଲେ। ତୁରନ୍ତ ରେଳବାଇ ଡାକ୍ତର ଆସିଥିଲେ। ହେଲେ ସେତେବେଳକୁ ପ୍ରବୋଧଙ୍କ ମୃତ୍ୟୁ ହୋଇସାରିଥିଲା। ପରେ ମୃତକଙ୍କ ପୁଅ ଦେବଜିତ୍ ଘୋଷ ଓ ସମ୍ପର୍କୀୟମାନେ ପହଞ୍ଚି ରେଳବାଇ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ପ୍ରବୋଧ ନିଜ ଚିକିତ୍ସା ପାଇଁ ଛତିଶଗଡ଼ ଯାଉଥିବା ବେଳେ ଅଘଟଣର ଶୀକାର ହୋଇଥିଲେ ବୋଲି ଚର୍ଚ୍ଚା ହେଉଛି।

# ଲାଞ୍ଚ ନେବାବେଳେ ପାର୍ସଲ କିରାଣି ଧରାପଡ଼ିଲେ

ରାଉରକେଲା,୨୧।୮(ସଙ୍ଗୀତା ଜେନା)

ଏକ ଜେନେରେଟର ନେବା ପାଇଁ ୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ରାଉରକେଲା ରେଳଷ୍ଟେଶନ ପାର୍ସଲ ରୁମ୍‌ର ଜଣେ କିରାଣୀ ଗୁରୁବାର ଧରାପଡ଼ିଥିବା ସୂଚନା ମିଳିଛି। ସେ ହେଲେ ରାଜୀବ ନନ୍ଦନ। ସୂଚନା ଅନୁଯାୟୀ, ରାଜୀବ ଲାଞ୍ଚ ନେଉଥିବା ସିବିଆଇକୁ ପୂର୍ବରୁ ଜଣାଥିଲା। ତେଣୁ ଯୋଜନାବଦ୍ଧ ଭାବେ ଗୁରୁବାର ସେ ଲାଞ୍ଚ ନେବା ସମୟରେ ସିବିଆଇ ଅଧିକାରୀ ଉକ୍ତ କିରାଣୀଙ୍କୁ ଧରିଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଏ ସମ୍ପର୍କରେ ସିନିଅର ଡିସିଏମ୍ ଆଦିତ୍ୟ ଚୌଧୁରୀଙ୍କୁ ପଚରାଯିବାରୁ ସେ କହିଲେ, ସିବିଆଇ ଉକ୍ତ କିରାଣୀଙ୍କୁ ଗିରଫ କରିଥିବା ସୂଚନା ଅଛି। ହେଲେ ସବିଶେଷ ବିବରଣୀ ହସ୍ତଗତ ହୋଇନାହିଁ। ତେବେ ସନ୍ଧ୍ୟାରେ ରାଜୀବଙ୍କୁ କାର୍ଯ୍ୟରେ ଅବହେଳା ଯୋଗୁ ନିଲମ୍ବିତ କରାଯାଇଛି ବୋଲି ଚୌଧୁରୀ ସୂଚନା ପ୍ରଦାନ କରିଥିଲେ।



ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

# ପ୍ରଯୁକ୍ତି ବିଦ୍ୟାର ବିକାଶ, ବିନିଯୋଗକୁ ଗୁରୁତ୍ୱ

ରାଉରକେଲା,୨୧।୮(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଗୁରୁବାର ଆଇ ଟ୍ରିପଲ୍ ଇ ଇଣ୍ଡିଆ କାଉନସିଲ୍‌ର ଏକ ପ୍ରମୁଖ ବାର୍ଷିକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ୬ଷ୍ଠ ଇଣ୍ଟରନ୍ୟାଶନାଲ୍ ସବ୍‌ସେକ୍ସନ କନଫରେନ୍ସ ଇଣ୍ଡିସ୍କନ-୨୦୨୫ ଆରମ୍ଭ ହୋଇଛି। ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଇ ଟ୍ରିପଲ୍ ଇ ରାଉରକେଲା ଉପବିଭାଗ ଦ୍ୱାରା ଆଇ ଟ୍ରିପଲ ଇ ଇଣ୍ଡିଆ କାଉନ୍‌ସିଲ ସହଯୋଗରେ ଆୟୋଜିତ ସମ୍ମିଳନୀର ବିଷୟବସ୍ତୁ ‘ସମାଜ ପାଇଁ ସ୍ମାର୍ଟ ଓ ସ୍ଥାୟୀ ପ୍ରଯୁକ୍ତି ବିଦ୍ୟା’ ରହିଛି। ଏନ୍‌ଆଇଟି ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଡିସ୍କନ-୨୦୨୫ର ସାଧାରଣ ଅଧ୍ୟକ୍ଷ ପ୍ରଫେସର ପୁନମ ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଆର୍‌ଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲେଇ ମୁଖ୍ୟ ଅତିଥି, ଆମେରିକାର ଜନ୍ସ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ପ୍ରାକ୍ତନ ଏନ୍‌ଆଇଟି ଛାତ୍ର ଡ. ଆଶୁତୋଷ ଦତ୍ତ, ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ.

### ଏନ୍‌ଆଇଟିରେ ୬ଷ୍ଠ ଇଣ୍ଟରନ୍ୟାଶନାଲ ସବ୍‌ସେକ୍ସନ କନଫରେନ୍ସ ଇଣ୍ଡିସ୍କନ ଆରମ୍ଭ

ଉମା ମହେଶ୍ୱର ରାଓ ଏବଂ ଆଇ ଟ୍ରିପଲ ଇ ଇଣ୍ଡିଆ କାଉନସିଲ୍‌ର ଅଧ୍ୟକ୍ଷ ପ୍ରଫେସର ପ୍ରେରଣା ଗୌର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ଦତ୍ତ ବୃତ୍ତିଗତ ନେଟୱର୍କ ଗଠନ ସହିତ ପ୍ରଯୁକ୍ତି ବିଦ୍ୟାର ବିକାଶ ଓ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଇଣ୍ଡିସ୍କନ-୨୦୨୫ରେ ମୋଟ ୨୧ଟି ଦେଶରୁ ପ୍ରତିନିଧିତ୍ୱ କରୁଥିବା ଅଂଶଗ୍ରହଣକାରୀ ୩୫୭୦ଟି ପେପର ଦାଖଲ କରିଛନ୍ତି। ଏହି ହାଇବ୍ରିଡ୍ ମୋଡ୍ ସମ୍ମିଳନୀରେ କ୍ୟାମ୍ପସରେ ପ୍ରାୟ ୨୨୫ ଜଣ ଅଂଶଗ୍ରହଣକାରୀ ଏବଂ ପ୍ରାୟ ୨ଶହ ଜଣ ଅନ୍‌ଲାଇନ୍‌ରେ ଯୋଗଦାନ କରିଛନ୍ତି। ଆଗାମୀ ୩ ଦିନରେ ୪୨୫ଟି ପେପର ଉପସ୍ଥାପନ ହେବ। ଯେଉଁଥିରେ ୧୮ଜଣ ନିମନ୍ତ୍ରିତ ବକ୍ତୃତା ଓ ପ୍ୟାନେଲ, ଇଞ୍ଜିନିୟରିଂ ମହିଳା ଅଧିବେଶନର ଆଲୋଚନା ଅନ୍ତର୍ଭୁକ୍ତ ରହିଛି। ଅତିଥିମାନେ ଅତ୍ୟାଧୁନିକ ଗବେଷଣା ଆଗକୁ ବଢ଼ାଇବା ତଥା ଶିଳ୍ପ ଶିକ୍ଷା ସହଭାଗିତାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଆଇଟିରେ ପ୍ରାକ୍ତନ ଛାତ୍ର ତଥା ଏନ୍‌ଆଇଟି ୱାରଙ୍ଗଲର ନିର୍ଦ୍ଦେଶକ ପ୍ରଫେସର ବିଦ୍ୟାଧର ସୁବୁଦ୍ଧି ଓ ଏନ୍‌ଆଇଟି ଅଗରତାଲା ନିର୍ଦ୍ଦେଶକ ଶରତ କୁମାର ପାତ୍ର ପ୍ରମୁଖ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଇଣ୍ଡିସ୍କନ-୨୦୨୫ର ସଭାପତି ପ୍ରଫେସର ସୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଏହି ସମ୍ମିଳନୀ ସାମାଜିକ ପ୍ରଭାବ ସହିତ ଉଦୀୟମାନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଧାରଣା ଆଦାନପ୍ରଦାନ, ଗବେଷଣା ଉପସ୍ଥାପନ, ସମାଧାନ ଅନୁସନ୍ଧାନ ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥାଏ। ଏଥିରେ ଏଆଇ, ମେଶିନ ଲର୍ନିଂ, ଆଇଓଟି, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ରୋବୋଟିକ୍ସ, ସ୍ଥାୟୀ ପ୍ରଯୁକ୍ତିବିଦ୍ୟା, ଭିଏଲ୍‌ଏସ୍‌ଆଇ ଡିଜାଇନ୍, ଡିଜିଟାଲ ସ୍ୱାସ୍ଥ୍ୟସେବା ଆଦିକୁ ଅନ୍ତର୍ଭୁକ୍ତ କରୁଥିବା ସ୍ୱତନ୍ତ୍ର ଟ୍ରାକ୍ ରହିଛି। ସମସ୍ତ ସଂଗୃହୀତ ପେପର ବିଶ୍ୱସ୍ତରୀୟ ପ୍ରବେଶ ପାଇଁ ଆଇ ଟ୍ରିପଲ ଇ ଏକ୍ସପ୍ଲୋରରେ ଦାଖଲ କରାଯିବ ବୋଲି ସୂଚନା ମିଳିଛି।

# ଦକ୍ଷିଣ ରାଉରକେଲାରେ ବେଆଇନ ଘର ଉଚ୍ଛେଦ



ଜେସିବି ଦ୍ୱାରା ଘରଗୁଡ଼ିକୁ ଭଙ୍ଗାଯାଉଛି।

ରାଉରକେଲା, ୨୧।୮(ସଙ୍ଗୀତା ଜେନା)

ଦକ୍ଷିଣ ରାଉରକେଲା ସ୍ଥିତ ଆଇଡିଏଲ୍ ସ୍ୱପ୍ନେଶ୍ୱର ମନ୍ଦିରର କିଛି ଦୂରରେ ଥିବା ଜବରଦଖଲ ଜମିରେ ନିର୍ମାଣାଧୀନ ପ୍ରାୟ ୭ଟି ବେଆଇନ ଘରକୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ପୂର୍ବାହ୍ଣ ୧୧ଟାରେ ଭଙ୍ଗାଯାଇଛି। ରାଉରକେଲା ତହସିଲଦାର ନିବେଦିତା ପ୍ରଧାନଙ୍କ ସମେତ ରାଜସ୍ୱ ବିଭାଗ ଅଧିକାରୀ, ଟାଙ୍ଗରପାଲୀ ଥାନା ପୋଲିସ ଏହି ଉଚ୍ଛେଦରେ ସାମିଲ ଥିଲେ। ସକାଳ ପ୍ରାୟ ୧୦ଟାରେ ଜେସିବି ଓ ଅନ୍ୟ ଯନ୍ତ୍ରାଂଶ ସହ ପ୍ରଶାସନିକ ଅଧିକାରୀମାନେ ଜବରଦଖଲ ସ୍ଥାନରେ ପହଞ୍ଚିଥିଲେ। ପରେ ଶାନ୍ତିଶୃଙ୍ଖଳାର ସହ ଏହାକୁ ଭଙ୍ଗାଯାଇଥିଲା। ଏ ନେଇ ପୂର୍ବରୁ ପ୍ରଶାସନ ପକ୍ଷରୁ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ନୋଟିସ ପ୍ରଦାନ କରାଯାଇଥିଲା।

# ବର୍ଷା ହେଉଛି ସୃଷ୍ଟିର ମୂଳ କାରଣ

ରାଉରକେଲା,୨୧।୮(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୩ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ମା’ ଶୀଳତା ମନ୍ଦିର ପ୍ରାଙ୍ଗଣରେ ଗୁରୁବାର କବି ରାମକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉତ୍କଳ ଗୀତିକବି ସମାଜ ପକ୍ଷରୁ ମୌସୁମୀ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଏଥିରେ ଆଲୋଚକ ଭାବେ ଜ୍ଞାନରଞ୍ଜନ ମିଶ୍ର ଯୋଗଦେଇ ବର୍ଷା ସୃଷ୍ଟିର ମୂଳକାରଣ ବୋଲି କହିଥିଲେ। ସଭାର ପ୍ରଥମ ପର୍ଯ୍ୟାୟରେ ‘ମୌସୁମୀର ସିଦ୍ଧହସ୍ତା କବିକୁଳ’ ବିଷୟରେ ଆଲୋଚନା

### ମୌସୁମୀ କବିତା ଆସର

କରାଯାଇଥିଲା। ଏଥିରେ ବହୁ କବୟିତ୍ରୀ ଓ କବି ଉପସ୍ଥିତ ରହି ମୌସୁମୀର ଆଗମନ ଓ ବର୍ଷାରାଣୀର ପରିଚୟ ପ୍ରଦାନ କରିଥିଲେ। ଛୋଟ ପିଲାମାନଙ୍କ ପାଇଁ ବର୍ଷା କେତେ ଆମୋଦଦାୟକ ତାହା ମେଘ ବରସିଲା ଟୁପୁର ଟୁପୁର ପଦ୍ୟାଂଶରୁ ସହଜେ ଅନୁମେୟ ବୋଲି ମାଲକାନଗରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ। କବି ଗଗନ ବିହାରୀ ନାୟକ, ଇଞ୍ଜିନିୟର ବିଜୟ କୁମାର ସେନାପତି, କବି ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚେତନା ସହିତ ବର୍ଷାର ସମ୍ପର୍କ ନିବିଡ ବୋଲି ଗାୟକ ଗୌରବ ଭୋଳେଶ୍ୱର ବେହେରା କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବର୍ଷା ଭିତ୍ତିକ ସ୍ୱ ରଚିତ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବି କରୁଣାକର ସାହୁ, ସମୀରବାଳା ଦାଶ, ଅଭିମନ୍ୟୁ ବେହେରା, ଶ୍ରୀଧୀର ସୁନା, ମୋହନ ସିଂ ପ୍ରମୁଖ କବିତା ପାଠ କରିଥିଲେ। ଉତ୍କଳ ଗୀତିକବି ସମାଜର କର୍ମକର୍ତ୍ତା ସହଯୋଗ କରିଥିଲେ। ଶ୍ରୀସୁନା ଧନ୍ୟବାଦ ଅର୍ପଣ କରିଥିଲେ।


ସାହିତ୍ୟ ଆସରରେ ଉପସ୍ଥିତ ଅତିଥି।

# ଶକ୍ତି ବଜାର ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ରାଉରକେଲା,୨୧।୮(ଦିନେଶ ମିଶ୍ର)

ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ କୋଏଲନଗରସ୍ଥିତ ଇ’ ବ୍ଲକ ଅଞ୍ଚଳରେ ୨୦୧୯ ନଭେମ୍ବର ୫ ତାରିଖରେ ଲକ୍ଷାଧିକ ଟଙ୍କା ବ୍ୟୟ କରି ଶକ୍ତି ବଜାର ଖୋଲାଯାଇଥିଲା। ଏହି ବଜାରର ସମସ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ସହ ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା ଓ ସ୍ୱଚ୍ଛତା ପାଇଁ ଆର୍‌ଏମ୍‌ସିକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏହା ବର୍ତ୍ତମାନ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ବଜାରଟି ଅଧିକାଂଶ ସମୟ ବନ୍ଦ ରହୁଥିବାରୁ ସନ୍ଧ୍ୟାହେଲେ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି।

ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ କୋଏଲନଗର ଅଞ୍ଚଳରେ ଶକ୍ତି ବଜାର ଖୋଲାଯାଇଥିଲା। ଏଥିରେ ସମୁଦାୟ ୪୫ଟି ଦୋକାନ ଗୃହ ରହିଛି। ସେଥିମଧ୍ୟରୁ ୧୮ଟିରେ ଫୁଡ୍‌କୋର୍ଟ ଥିବାବେଳେ ଅନ୍ୟ ଦୋକାନ ଗୁଡିକରେ ଏସ୍‌ଏଚ୍‌ଜି ମହିଳାମାନେ ବ୍ୟବସାୟ କରୁଥିଲେ। ୨୦୨୦ରେ


ଶକ୍ତି ବଜାରରେ ଦୋକାନ ଗୃହ ଭଗ୍ନ ଅବସ୍ଥାରେ ପଡିଛି।

କରୋନା ମହାମାରୀ ପରେ ଏହି ବଜାରର ରକ୍ଷଣାବେକ୍ଷଣ କରାଯାଇ ନ ଥିଲା। ଫଳରେ ଦୋକାନ ଗୁଡିକର କେଉଁଠି କବାଟ ଝରକା ଭାଙ୍ଗି ନଷ୍ଟ ହୋଇଯାଇଥିଲା ତ ଆଉ କେଉଁଠି ଛାତରୁ ପାଣି ଝରୁଥିଲା। ଏ ନେଇ ମହିଳା ବ୍ୟବସାୟୀମାନେ ଆର୍‌ଏମ୍‌ସି ପାଖରେ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ମହିଳାମାନଙ୍କୁ ଶକ୍ତି ବଜାରରେ ମିଳିଥିବା ଦୋକାନ ଗୁଡିକ ବନ୍ଦ କରିବାକୁ ପଡିଥିଲା। ଦୋକାନ ଗୁଡିକ ବନ୍ଦ ପଡିବାରୁ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମିବା ସହ ବିଭିନ୍ନ ସାମଗ୍ରୀ ଚୋରି ହେଲା। ବଜାର

### ବେପାର ବନ୍ଦ, ଘରେ ବସିଛନ୍ତି ଏସ୍‌ଏଚ୍‌ଜି ମହିଳା

ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଲା। ଏଠାରେ ଲାଗିଥିବା ପାନୀୟ ଜଳ ଟ୍ୟାପ୍ ଓ ଲାଇଟ୍ ଗୁଡିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଶକ୍ତିବଜାର ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇପଡିଛି। ବଜାରରେ ଥିବା ୪୫ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାରୁ ଏସ୍‌ଏଚ୍‌ଜି ମହିଳାମାନେ ବ୍ୟବସାୟ କରି ନ ପାରି ହାତବାନ୍ଧି ଘରେ ବସିଛନ୍ତି। ତେଣୁ ଶକ୍ତିବଜାରର ପୁନରୁଦ୍ଧାର କରି ବ୍ୟବସାୟ ଉପଯୋଗୀ କରିବାକୁ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗୀରିଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ବର୍ତ୍ତମାନ ରାଉରକେଲାକୁ ନୂତନ ଭାବେ ଆସିଛି ଓ କିଛିଦିନ ହେବ କମିଶନର ପଦଭାର ଗ୍ରହଣ କରିଛି। କୋଏଲନଗର ଶକ୍ତି ବଜାରରେ ମହିଳାମାନଙ୍କ ପାଇଁ ଖୋଲାଯାଇଥିବା ଦୋକାନଗୁଡିକର ସ୍ଥିତି ମୁଁ ନିଜେ ସମୀକ୍ଷା କରିବା ପରେ ଉଚିତ ପଦକ୍ଷେପ ନେବି ବୋଲି ସେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ବଦଳି ବାତିଲ ଦାବି

**ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ପ୍ରେରଣ କଲେ ଶିକ୍ଷାବିତ୍**

ସମ୍ବଲପୁର,୨୧।୮(ବି.ଶଙ୍କର)

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ(ବିଦ୍ୟାଳୟ) ଅମୂଲ୍ୟ କୁମାର ପଧାନଙ୍କ ବଦଳିକୁ ନେଇ ସମ୍ବଲପୁର ଶିକ୍ଷା ପ୍ରେମୀଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗୁରୁବାର ଏନେଇ କେତେଜଣ ଶିକ୍ଷାବିତ୍ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କୁ ସ୍ମାରକ ପତ୍ର ପ୍ରେରଣ କରିଛନ୍ତି । ଗତ ଜୁଲାଇ ୩୦ ତାରିଖ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ଥିବା ପଧାନ ପଦୋନ୍ନତି ପାଇ ସମ୍ବଲପୁରଠାରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ। ଗୁଣାତ୍ମକ ଶିକ୍ଷାର ପ୍ରସାର ପ୍ରଚାର କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ମାତ୍ର ଦାୟିତ୍ୱ ନେବା ପରେ ସେ କାମ ଆରମ୍ଭ କରି ରୂପରେଖ ପ୍ରସ୍ତୁତ କରୁଥିଲେ । କିନ୍ତୁ ତାଙ୍କୁ ହଠାତ ମାସକ ଭିତରେ କଟକ ବୋର୍ଡ଼ ଅଫିସକୁ ବଦଳି କରାଯାଇଥିବା ନେଇ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନାପସନ୍ଦ କରାଯାଇଛି। ତୁରନ୍ତ ଏହାକୁ ବାତିଲ କରାଯାଇ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଭାବେ ବଳବତ୍ତର ରଖିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଯଦି ବଦଳି ବାତିଲ କରା ନ ଯାଏ ସମ୍ବଲପୁରବାସୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବେ ବୋଲି ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ଏବଂ ଡାକ୍ତର ରାଜରାମ ଷଡ଼ଙ୍ଗୀ ସୂଚିତ କରିଛନ୍ତି।

### ପ୍ରଶାସନ ଦ୍ୱାରା ୨୦୦ବସ୍ତା ସାର ଜବତ

କୁଚିଣ୍ଡା,୨୧।୮(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଚାଷୀ ୟୁରିଆ ସାର ପାଇଁ ବିକଳ ହେଉଥିବା ବେଳେ କିଛି ବ୍ୟବସାୟୀ ସାର କଳାବଜାର କରି ଚଢ଼ାଦରରେ ବିକ୍ରୀ କରୁଛନ୍ତି। ଏ ନେଇ ଅଭିଯୋଗ ପାଇ ଗୁରୁବାର ଅପରାହ୍ନରେ କୁଚିଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ତହସିଲଦାରଙ୍କ ନେତୃତ୍ୱରେ ଯୋଗାଣ ବିଭାଗ, ସମବାୟ ବିଭାଗ ଓ କୃଷି ବିଭାଗ ପକ୍ଷରୁ ମିଳିତ ଚଢ଼ାଉ ହୋଇଥିଲା। କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତର ଉଲୁଣ୍ଡା ଗ୍ରାମରେ ଥିବା ଶଙ୍କର ଫର୍ଟିଲାଇଜର(ହୋଲସେଲର) ସନ୍ଦିପ ଶଙ୍କର ପଟେଲଙ୍କ ଗୋଦାମରେ ଚଢ଼ାଉ ସମୟରେ ବେଆଇନ ଭାବେ ଗଚ୍ଛିତ ଥିବା ୧୨୫ ବସ୍ତା ୟୁରିଆ, ୪୮ ବସ୍ତା ଡିଏପି ଓ ୩୨ ବସ୍ତା ପଟାସ ସାରକୁ ଜବତ କରାଯିବା ସହ ଗୋଦାମକୁ କୃଷି ବିଭାଗ ସିଲ୍ କରିଦେଇଛି। ଏହି ଚଢ଼ାଉରେ କୁଚିଣ୍ଡା ତହସିଲଦାର ମିତାଲି ମଧୁମିତା ଦଲେଇ, ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ, ସମବାୟ ନିରୀକ୍ଷକ ସୌମିତ୍ରୀ ବେହେରା, ବ୍ଲକ କୃଷି ଅଧିକାରୀ ସୁସ୍ମିତା କିରୋ, ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କା ପ୍ରମୁଖ ସାମିଲ ହୋଇଥିଲେ।

# ସମ୍ବଲପୁରକୁ ଆସୁଛି ନକଲି ବିଡ଼ି

ସମ୍ବଲପୁର,୨୧।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ଦୀର୍ଘଦିନ ହେବ ନକଲି ବିଡି କାରବାର ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ତେବେ ସମ୍ବଲପୁରକୁ ନକଲି ବିଡ଼ି ଆସିଥିବା ଖବରପାଇ ଗୁରୁବାର ସିଟି ଜିଏସ୍‌ଟି ବିଭାଗ ଚଢ଼ାଉ କରିବା ପରେ ଏକଥା ସ୍ପଷ୍ଟ ପ୍ରମାଣିତ ହୋଇଛି। ସମ୍ବଲପୁର ସିଟି ଷ୍ଟେଶନ ନିକଟରେ ଚଢ଼ାଉବେଳେ ଏକ ଟାଟା ଏସିଇ ଗାଡ଼ିରୁ ୧୨ବସ୍ତା ଶିବା କମ୍ପାନୀର ନକଲି ବିଡ଼ି ଜବତ କରାଯାଇଛି। ଷ୍ଟେଶନ ନିକଟରେ ଗାଡ଼ିଟି ବିଡି ବସ୍ତା ନେଇ ଯାଉଥିବାବେଳେ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗର ଏକ ଟିମ୍ ଗାଡିକୁ ଅଟକାଇ କାଗଜପତ୍ର ଦେଖାଇବାକୁ ଡ୍ରାଇଭରଙ୍କୁ କହିଥିଲେ। ହେଲେ ଗାଡି ଚାଳକ କୌଣସି ବୈଧ କାଗଜପତ୍ର ବା ବିଲ୍ ଦେଖାଇ ପାରି ନ ଥିଲେ। ଏହାପରେ ସେହି ଗାଡିରେ ଥିବା ୧୨ ବସ୍ତା ନକଲି ଶିବା ବିଡ଼ିକୁ ସିଟି ଜିଏସ୍‌ଟି ବିଭାଗ ଜବତ କରିଥିଲା। ମାଲକାନାଗିରିରୁ ବସ୍ ଯୋଗେ ଅଇଁଠାପାଲି ପହଞ୍ଚିବା


ଜିଏସ୍‌ଟି ବିଭାଗ ପକ୍ଷରୁ ଜବତ କରାଯାଇଥିବା ଗାଡି।

ପରେ ତାହାକୁ ସୁନାପାଲିକୁ ବୋଝେଇ କରି ନେଉଥିବା ଗାଡି ଡ୍ରାଇଭର ସୂଚନା ଦେଇଛନ୍ତି। ତେବେ ଏହି ଶିବା ବିଡିର ଅସଲି ଡିଷ୍ଟ୍ରିବ୍ୟୁଟର ରହିଥିବା ସମ୍ବଲପୁର ରାଜାନଗର ଅଞ୍ଚଳର ସୟଦ୍ ମୁକ୍ତାର ଅହମ୍ମଦ ଘଟଣାସ୍ଥଳରେ ପହଞ୍ଚି ଧରାପଡିଥିବା ବିଡ଼ି ନକଲି ଶିବା ମାର୍କା ଲଗାଇ ବିକ୍ରି କରାଯାଉଥିବା ଜଣାଇଥିଲେ। ସେ କହିଛନ୍ତି, ଶିବା ବିଡିର ଅସଲ ଡିଷ୍ଟ୍ରିବ୍ୟୁଟର ସେ ନିଜେ ଅଟନ୍ତି। ହେଲେ ଅନେକ ସମୟରେ ସମ୍ବଲପୁରକୁ ନକଲି ଶିବା ବିଡ଼ି ସପ୍ଲାଇ ହେଉଥିବା ନେଇ ଖବରପାଇ ସେ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ। ଏପରି କି ସୁନାପାଲି ଅଞ୍ଚଳର ଜଣେ ବ୍ୟକ୍ତି ଏହି ନକଲି ବିଡି କାରବାର କରୁଥିବା ନେଇ ସେ ପୋଲିସ ଏବଂ ଜିଏସ୍‌ଟି ବିଭାଗକୁ ଜଣାଇଥିଲେ। ହେଲେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେ କହିଛନ୍ତି। ଅପରପକ୍ଷରେ ସିଟି ଜିଏସ୍‌ଟି ଅଧିକାରୀ ମାନସ ମଲ୍ଲିକ କହିଛନ୍ତି, ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ପାରି ନ ଥିବାରୁ ୧୨ ବସ୍ତା ବିଡ଼ି ଜବତ କରାଯାଇଛି। ସମ୍ପୃକ୍ତ ଡ୍ରାଇଭରଙ୍କୁ ପଚରାଉଚରା କରାଯିବା ପରେ ବିଡ଼ି ଆମଦାନୀ କରିଥିବା ଜାହିର ଖାନ୍‌ଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଫାଇନ୍ କରାଯାଇଛି। ଆମେ କେବଳ ଜିଏସ୍‌ଟି କାଗଜପତ୍ର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ। ନକଲି ବିଡ଼ି କାରବାର ନେଇ ଆମେ କିଛି କହି ପାରିବୁ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

- ଅସଲି ଡିଷ୍ଟ୍ରିବ୍ୟୁଟରଙ୍କ ଅଭିଯୋଗ
- ୧୨ବସ୍ତା ନକଲି ବିଡି ଜବତ
- ଫାଇନ କାଟି ଜିଏସ୍‌ଟି ବିଭାଗର ଦାୟିତ୍ୱ ଶେଷ

## ୨୬ମାସରେ ନାବାଳିକା ବଳାତ୍କାର ମାମଲାର ରାୟ

**ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ**

ସମ୍ବଲପୁର,୨୧।୮(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲି ଥାନା ଦେହେରିପାଲି ଅଞ୍ଚଳରେ ୨୦୨୩ ଜୁନ ମାସରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ୨୬ମାସ ମଧ୍ୟରେ ମାମଲାର ରାୟ ପ୍ରକଶ କରିଛନ୍ତି ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି। ଏହି ମାମଲାରେ ବିଚାରପତି ୧୨ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ବରଗଡ଼ ଜିଲା ସଦର ଥାନା ବାରାହାଗୁଡ଼ା ଧାଙ୍ଗେର ଗ୍ରାମର ଟିକେଶ୍ୱର ଭୋସାଗର(୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୬ ପୋକ୍‌ସୋ ଆଇନ୍‌ରେ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାଦେଶ ହୋଇଛି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡ଼ିତଙ୍କୁ କ୍ଷତିପୂରଣ ବାବଦକୁ ୮ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

୧୦ମ ଶ୍ରେଣୀର ପଢୁଥିବା ୧୪ ବର୍ଷୀୟା ପୀଡ଼ିତା ନାବାଳିକାଙ୍କ ସହିତ ଅଭିଯୁକ୍ତ ଟିକେଶ୍ୱରଙ୍କର ଇନଷ୍ଟାଗ୍ରାମ ଜରିଆରେ ପରିଚୟ ହୋଇଥିଲା। କାଳକ୍ରମେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା। ୨୦୨୩ ଜୁନ ୧୦ରେ ଅଭିଯୁକ୍ତ ପୀଡ଼ିତାଙ୍କୁ ସାକ୍ଷାତ କରିବାକୁ ଅଇଁଠାପାଲି ଛକକୁ ଡାକିଥିଲେ। ସେଠାରୁ ଅଭିଯୁକ୍ତ ପୀଡ଼ିତାଙ୍କୁ ବସ ଯୋଗେ ବରଗଡ଼ ଜିଲା ଅତାବିରାରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ନେଇଥିଲେ। ସେଠାରେ ସେ ତାଙ୍କୁ ବଳାତ୍କାର କରିଥିଲେ। ଇତିମଧ୍ୟରେ ପୀଡ଼ିତାଙ୍କ ପିତା ଅଇଁଠାପାଲି ଥାନାରେ ଝିଅ ନିଖୋଜ ନେଇ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଖୋଜାଖୋଜି କରି ପୋଲିସ ପୀଡ଼ିତାଙ୍କୁ ବରଗଡ଼ ସଦର ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲା। ଏହାସହ ଅଭିଯୁକ୍ତଙ୍କୁ ଗିରଫ କରି ଅଇଁଠାପାଲି ଥାନାକୁ ଆଣିଥିଲା। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଅଇଁଠାପାଲି ଥାନାରେ ଦଫା ୩୬୩, ୩୬୬, ୩୭୬(୨)(ଏନ୍), ୩୬୭(୩), ୬ ପୋକ୍‌ସୋ ଆଇନ୍‌ରେ ଏକ ମାମଲା (ନଂ. ୨୮୧/୨୩)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# ଫଟୋଗ୍ରାଫି ଏକ କଳା


ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏସନ୍ ପକ୍ଷରୁ ସିନ୍ଦୁରପଙ୍କ ଜନାର୍ଦ୍ଦନ ପୂଜାରୀ ଉଚ୍ଚବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ।

ସମ୍ବଲପୁର,୨୧।୮(ବି.ଶଙ୍କର)

ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏଶନ୍ ପକ୍ଷରୁ ଦୁଇଦିନିଆ ବିଶ୍ୱ ଫଟୋଗ୍ରାଫି ଦିବସ ବୁଧବାର ଓଡିଶା ସାଂସ୍କୃତିକ ସମାଜ ଭବନରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଅକ୍ଷୟ କୁମାର ପଣ୍ଡାଙ୍କ ପରିଚାଳନାରେ କର୍ମଶାଳା ଓ ନିଃଶୁଳ୍କ କ୍ୟାମେରା ମରାମତି ଶିବିର ହୋଇଥିଲା। ସଂଘ ସମ୍ପାଦକ ତାପସ ଦାଶ, ଉପସଭାପତି ବିପିନ ନାୟକ, କୋଷାଧ୍ୟକ୍ଷ ନିକେତ ମେହେଟା, ଯୁଗ୍ମ ସମ୍ପାଦକ ନରେଶ ସିଂଙ୍କ ତତ୍ତ୍ୱାବଧାନରେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକାରୀ କମିଟି ସଭ୍ୟ ଅଶୋକ ପଟେଲ, ଅଶୋକ ରାଉତ, ରାଜେଶ ବେହେରା, ମହାମ୍ମଦ ଇକବାଲ, ସତ୍ୟଜିତ ପଣ୍ଡା, ମାନସ ରଞ୍ଜନ ମିସ୍ତ୍ରୀ ଓ ଆଶିଷ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ସେହିପରି ୧୯ ତାରିଖ ପୂର୍ବାହ୍ନରେ ସମ୍ବଲପୁର ଜିଲା ସିନ୍ଦୁରପଙ୍କସ୍ଥିତ ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କୁଲ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ସହିତ ବିଶ୍ୱ ଫଟୋଗ୍ରାଫି ଦିବସ କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା । ସେମାନେ କଳା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା ଏବଂ ପ୍ରତିଭା ପ୍ରଦର୍ଶନ କରିଥିଲେ । ଫଟୋଗ୍ରାଫିକୁ ଏକ କଳା ଭାବରେ ପ୍ରୋତ୍ସାହିତ କରିବା ସହିତ ପ୍ରକୃତିକୁ ଫେରାଇ ଦେବାର ଗୁରୁତ୍ୱକୁ ମଧ୍ୟ ଉଜ୍ଜ୍ୱଳ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ଏହି ଅବସରରେ ପରିବେଶ ସଂରକ୍ଷଣ ଏବଂ ସ୍ଥାୟିତ୍ୱକୁ ଗୁରୁତ୍ୱାରୋପ କରି ବୃକ୍ଷରୋପଣ ଅଭିଯାନ କରାଯାଇଥିଲା। ସନ୍ଧ୍ୟାରେ ସମ୍ବଲପୁର ବୀରସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ହରଜିତ ସମ୍ମିଳନୀ କକ୍ଷରେ ଅଲୋଚନା ଚକ୍ର ହୋଇଥିଲା । ବିଶ୍ୱ ଫଟୋଗ୍ରାଫି ଦିବସ ହେଉଛି ଫଟୋଗ୍ରାଫିର କାହାଣୀ କହିବା, ଭାବନା ଜାଗ୍ରତ କରିବା ଏବଂ ଆମ ଚାରିପାଖର ବିଶ୍ୱର ସୌନ୍ଦର୍ଯ୍ୟକୁ କ୍ୟାମେରାରେ ସୁରକ୍ଷିତ କରିବାର ଶକ୍ତିକୁ ସ୍ମରଣ କରାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

## ଓଡ଼ିଶା ଭାଜପା ବ୍ୟାପାର ପ୍ରକୋଷ୍ଠର ବୈଠକ

ସମ୍ବଲପୁର,୨୧।୮(ଭବାନୀ ଶଙ୍କର ଭୋଇ)

ଓଡ଼ିଶା ଭାଜପା ବ୍ୟାପାର ପ୍ରକୋଷ୍ଠ ତରଫରୁ ଗୁରୁବାର ବୀର ସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ଏକ ହୋଟେଲରେ ସମ୍ବଲପୁରର ବିଭିନ୍ନ ବ୍ୟବସାୟୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକୋଷ୍ଠ ଅଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବ୍ୟବସାୟୀମାନେ ଯୋଗଦେଇ ଓଡ଼ିଶା ସରକାରଙ୍କ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ବିଶେଷ କରି ବ୍ୟବସାୟରେ ଜିଏସ୍‌ଟି ଉପରେ ବ୍ୟବସାୟୀମାନେ ମତ ରଖିଥିଲେ। ଆଗାମୀ ଦୀପାବଳୀ ଅବସରରେ ଜିଏସ୍‌ଟିର ସ୍ଲାବ ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବାରୁ ବୈଠକରେ ଏହାକୁ ସ୍ୱାଗତ କରାଯାଇଥିଲା । ପ୍ରକୋଷ୍ଠ ଅଧ୍ୟକ୍ଷ ଗୋବିନ୍ଦ ଅଗ୍ରୱାଲ ଆସନ୍ତା ୨୩ ତାରିଖରେ ନୂଆଦିଲୀଠାରେ ରାଷ୍ଟ୍ରୀୟ ବ୍ୟାପାର ପ୍ରାକୋଷ୍ଠ ପକ୍ଷରୁ ଆୟୋଜନ ହେବାକୁ ଥିବା ଏକ ରାଷ୍ଟ୍ର ଏକ ନିର୍ବାଚନ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା ଉଦ୍ୟୋଗୀ ସବିତା ପୋଦ୍ଦାନି ଏବଂ ଖଇଲ ଦାସଙ୍କୁ ବ୍ୟବସାୟିକ ଦକ୍ଷତା ପାଇଁ ଉପଢ଼ୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା । ବୈଠକରେ ସହରର ବିଶିଷ୍ଟ ବ୍ୟବସାୟୀ ଅଶୋକ ଜଲାନ, ଯଶବୀର ସିଂ ହୁରା, ଅରୁଣ ମୁଖାର୍ଜୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଏସ୍‌ଟି ଯୁଗ୍ମ କମିଶନର ଆଶୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଏସଟି ସଫଳତା ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ବସ୍ ମାଲିକ ସଂଘ ସଭାପତି ଜିତୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକ ଆୟୋଜନରେ ଦୁର୍ଗା ମାଧବ ମିଶ୍ର, ଆଇନଜୀବୀ ପ୍ରଦୀପ ସୂପକାର, ରଞ୍ଜନ ହୋତା, କର୍ତ୍ତାର ସିଂ, ସୁନୀଲ ନନ୍ଦ, ଶୈଳେନ୍ଦୁ ମହାକୁଡ ସହଯୋଗ କରିଥିଲେ।

## କ୍ରୀଡ଼ା ଛାତ୍ରୀଙ୍କ ଦକ୍ଷତାକୁ ବିକଶିତ କରିଥାଏ


ଦୌଡ଼ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ଛାତ୍ରୀମାନେ।

**ରାଜ୍ୟସ୍ତରୀୟ ଖେଳ ପ୍ରତିଯୋଗିତା**

କୁଚିଣ୍ଡା,୨୧।୮(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଗୁରୁବାର ପଞ୍ଚମ ରାଜ୍ୟସ୍ତରୀୟ ଛାତ୍ରୀ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋସ୍ନାପ୍ରିୟା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ବିଦ୍ୟାଳୟର ଡିଏଲସି ସଭ୍ୟ ରଞ୍ଜନ କୁମାର ମହାପାତ୍ର ମୁଖ୍ୟଅତିଥି, ଅନ୍ୟତମ ଡିଏଲସି ସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, କିର୍ମିରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ସିଂ, ଲହୁଣୀପଡ଼ା ଅଧ୍ୟକ୍ଷ ଶୀତଳ ପ୍ରସାଦ, କୁଚିଣ୍ଡା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁବୋଧ କୁମାର ନାୟକ, କୁଚିଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଜୟନ୍ତ କୁଆଁ, କୁଚିଣ୍ଡା ଅଗ୍ନିଶମ ଅଧିକାରୀ ଜୀବନ ପ୍ରତାପ ଟପ୍ପୋ, ଭୋଜପୁର ଏସ୍‌ଏସ୍‌ଡି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣା, କୁଚିଣ୍ଡା ଏକଲବ୍ୟ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଚକ୍ରଧର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତା ପିଲାଙ୍କ ଦକ୍ଷତା ବିକାଶର ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ଉଜ୍ଜ୍ୱଳ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରାଧା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୩୧ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୩୪୬ ଜଣ ଛାତ୍ରୀଙ୍କ ସହ କୁଚିଣ୍ଡା ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗୀତାକୁ ସାହେରା ଖାତୁନ ଓ ରିୟାସତ ଅଲ୍ଲୀ ପରିଚାଳନା କରିଥିଲେ। ତିନିଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମର ପ୍ରଥମ ଦିନରେ ୧୦ଟି ଇଭେଣ୍ଟ ହୋଇଥିଲା।

## ଗୋବିନ୍ଦତୋଳା ଦୁର୍ଗାପୂଜାର କର୍ତ୍ତା ବରଣ କାର୍ଯ୍ୟକ୍ରମ

ସମ୍ବଲପୁର,୨୧।୮(ବି.ଶଙ୍କର): ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜାକୁ ଆକର୍ଷଣ କରିବା ନେଇ ସମ୍ବଲପୁର ସହରସ୍ଥିତ ଗୋବିନ୍ଦତୋଳା ଦୁର୍ଗାପୂଜା କମିଟିରେ ପ୍ରସ୍ତୁତି ଜୋରଦାର ଭାବେ ଚାଲିଛି। ଏହିକ୍ରମରେ ଗୁରୁବାର ଦୁର୍ଗାପୂଜା ପାଇଁ କର୍ତ୍ତା ବରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଚଳିତବର୍ଷର କର୍ତ୍ତା ଦାଶରଥି ପଣ୍ଡାଙ୍କର ଘରକୁ ଗମନ କରି ଦୁର୍ଗାପୂଜା କମିଟି ପକ୍ଷରୁ ପୂଜାବିଧି ଓ ପରମ୍ପାନୁସାରେ ବରଣ କରଯାଇଥିଲା। ପୂର୍ବବର୍ଷର କର୍ତ୍ତା ଇଞ୍ଜିନିୟର ସଞ୍ଜୟ ତ୍ରିପାଠୀଙ୍କଠାରୁ ଆଜ୍ଞା ପାଇଲା ପରେ ଚଳିତ କର୍ତ୍ତା ଦାଶରଥି ପଣ୍ଡାଙ୍କୁ କର୍ତ୍ତାଭାବେ ଗୁଆ ନାରିକେଳ ଓ ଅକ୍ଷତ ଦେଇ ବରଣ କରାଯାଇଥିଲା। କମିଟି ପକ୍ଷରୁ ଦୁଲଦୁଲି, ଘଣ୍ଟ ଶଙ୍ଖ ସହ ଗୋବିନ୍ଦତୋଳା ଛକରୁ ଏକ ଶୋଭାଯାତ୍ରାରେ ବାହାରି କର୍ତ୍ତାଙ୍କର ଘରକୁ ସମସ୍ତେ ଯାଇଥିଲେ। ଏହି ଅବସରରେ ପୂଜା କମିଟିର ସଭାପତି ପ୍ରଦୀପ ପାଢ଼ୀଙ୍କ ସମେତ ଦୀପକ ପଣ୍ଡା, ଗୌରୀଦାସ ପଣ୍ଡା, ରଞ୍ଜିତ ରଥ, ସୂର୍ଯ୍ୟ ପାଣିଗ୍ରାହୀ, ଜୟନାରାୟଣ ଶତପଥୀ, ବସନ୍ତ ଦାସ, ରାଜକିଶୋର ପୁରୋହିତ, ଅଜୟ ସାହୁ, ଅନିଲ ନାୟକ, ସଞ୍ଜୟ ସାହୁ, ଉମ୍ବରୁଧର ରଣା, ଦିଲୀପ ଠାକୁର ଏବଂ ପୂଜା କମିଟିର ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

## ହୀରାକୁଦ ପ୍ରବେଶପଥ ଜଳମଗ୍ନ, ପଥଚାରୀଙ୍କୁ ବିପଦ

**ତୁରନ୍ତ ମରାମତି ଦାବି**

ସମ୍ବଲପୁର,୨୧।୮(ପ୍ରମୋଦ ବହିଦାର)

ହୀରାକୁଦର ପ୍ରବେଶ ପଥ ରେମେଡ୍-ହୀରାକୁଦ ମୁଖ୍ୟରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷାଜଳ ଜମି ରହି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ବିଶେଷ କରି ହୀରାକୁଦ ବିହାରୀରପଡ଼ା ନିକଟରେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ଏହି ରାସ୍ତରେ ପ୍ରତିଦିନ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସରକାରୀ ଓ କମ୍ପାନୀ କର୍ମଚାରୀ, ଶ୍ରମିକଙ୍କ ସମେତ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଯାନବାହନ ସମେତ ଭାରୀଯାନ ଯାତାୟାତ କରିଥାଏ। ମରାମତି ଅଭାବରୁ ସମ୍ପୂର୍ଣ୍ଣ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଛି। ଏଥିରେ ପୁଣି ବର୍ଷା ଯୋଗୁଁ ଏହି ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଯାଇଥିବାରୁ ଗର୍ତ୍ତମାନ ଦୃଶ୍ୟମାନ ହେଉ ନାହିଁ। ବର୍ଷାଜଳ ଲହଡ଼ି ଭାଙ୍ଗୁଥିବା ଏହି ରାସ୍ତାରେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଯାନବାହନ ଗୁଡିକ ଯାତାୟାତ କରୁଛନ୍ତି। ଫଳରେ ଏହି ରାସ୍ତାରେ ପଥଚାରୀ ବିଶେଷ କରି ଦୁଇଚକିଆ ଆରୋହୀଙ୍କ ପାଇଁ ବିପଦ ଆଶଙ୍କା ସୃଷ୍ଟି କରୁଛି। ମାତ୍ର ଏହାକୁ ମହାନଗର ନିଗମ ପକ୍ଷରୁ ଅଣଦେଖା କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ତେବେ ରାସ୍ତାକୁ ନିର୍ମାଣ କରି ଜଳ ଅପସାରଣର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଖାଲଖମାରେ ପରିପୂର୍ଣ୍ଣ ଜଳମଗ୍ନ ରାସ୍ତାରେ ଭାରୀଯାନ ଚଳାଚଳ କରୁଛି।

## ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କୁ ସରକାରୀ ମାନ୍ୟତା ଦିଅ

**ଜିଲାପାଳଙ୍କ ଜରିଆରେ ୫ ଦଫା ଦାବିପତ୍ର ପ୍ରଦାନ**

ସମ୍ବଲପୁର,୨୧।୮(ପ୍ରମୋଦ ବହିଦାର)

ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦାବି କରିଛନ୍ତି ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ସଂଘ। ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ସଂଘର ସମ୍ବଲପୁର ଶାଖା ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଜାତୀୟ ସମ୍ପାଦିକା ମମତା ପଟେଲଙ୍କ ନେତୃତ୍ୱରେ ବହୁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାବାଦ ସଂଘର ଏକ ପ୍ରତିନିଧି ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବି ମଧ୍ୟରେ ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ କରି ସହ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ସରକାରୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ କର୍ମୀ ଓ ସହାୟକାମାନଙ୍କୁ ଯଥାକ୍ରମେ ମାସିକ ୧୮ ହଜାର ଓ ୯ ହଜାର ଟଙ୍କା ଭତ୍ତା ପ୍ରଦାନ, ଅବସର ପରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ, ଏହାସହ ସେମାନଙ୍କୁ ପେନ୍‌ସନ ବାବଦକୁ ଅଙ୍ଗନୱାଡ଼ି କର୍ମୀଙ୍କୁ ମାସିକ ୫ହଜାର ଓ ସହାୟିକାଙ୍କୁ ୩ ହଜାର ଟଙ୍କା ପ୍ରଦାନ ଆଦି ଦାବି କରାଯାଇଛି। ସେମାନେ କହିଛନ୍ତି ଯେ, ଉନ୍ନତ ମାନର ମୋବାଇଲ୍ ଅଭାବରୁ ଅନ ଲାଇନ୍ କାର୍ଯ୍ୟ କରିବାରେ ସମସ୍ୟା ହେଉଛି। ଫଳରେ ଅନେକ ହିତାଧିକାରୀ ସେମାନଙ୍କ ସେବା ପାଇବାରୁ ବାରମ୍ବାର ବଞ୍ଚିତ ହୋଇ ଫେରିବାକୁ ବାଧ୍ୟ ହେଉଛନ୍ତି। ସମସ୍ୟା ସମ୍ପର୍କରେ ଦୀର୍ଘ ଦିନରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସରକାଙ୍କୁ ନିବେଦନ କରାଯାଇଥିଲା। ମାତ୍ର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ରାଜ୍ୟ ସଂଘର ନିଷ୍ପତ୍ତି ଓ ନିର୍ଦ୍ଦେଶ କ୍ରମେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି ବୋଲି କହିଛନ୍ତି ରାଜ ସମ୍ପାଦିକା ପଟେଲ।


ଅଙ୍ଗନବାଡ଼ି ସଂଘର ପ୍ରତିନିଧିଙ୍କଠାରୁ ଡେପୁଟି କଲେକ୍ଟର ଦାବିପତ୍ର ଗ୍ରହଣ କରୁଛନ୍ତି ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years






ଗଣେଶ ପୂଜାକୁ ଆଉ ୬ଦିନ ଥିବାବେଳେ କଟକ ଶିଳ୍ପୀ କୁମ୍ଭାର ସାହିରେ ଜଣେ କାରିଗର ଗଣେଶ ମୂର୍ତ୍ତିରେ ରଙ୍ଗ ଲଗାଇ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

## ସାମ୍ବିଧାନିକ ପଦାଧିକାରୀ କାର୍ଯ୍ୟ ନ କଲେ ଅଦାଲତ ହାତବାନ୍ଧି ବସିପାରିବେ କି

**ସାମ୍ବିଧାନିକ ପଦାଧିକାରୀମାନେ ଯଦି ସେମାନଙ୍କ କର୍ତ୍ତବ୍ୟ ପାଳନ ନ କରନ୍ତି କିମ୍ବା ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ଉପରେ ରାଜ୍ୟପାଳ କୌଣସି ପଦକ୍ଷେପ ନ ନେଇ ବସିରହନ୍ତି, ତେବେ ସାମ୍ବିଧାନିକ ଅଦାଲତ ହାତବାନ୍ଧି ବସିପାରିବେ କି ବୋଲି ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଯଦି କୌଣସି ରାଜ୍ୟପାଳ ବିଲ୍ ଉପରେ ଚୁପ୍ ରହୁଛନ୍ତି, ତେବେ ରାଜ୍ୟଗୁଡ଼ିକ ଏହାର ରାଜନୈତିକ ସମାଧାନ ପନ୍ଥା ବାହାର କରିବା ଆବଶ୍ୟକ; ନ୍ୟାୟିକ ସମାଧାନ ନୁହେଁ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ କହିବା ପରେ ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।**

**ନୂଆଦିଲ୍ଲୀ,୨୧।୮(ପି.ଟି.)**

ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ଉପରେ ନିଷ୍ପତ୍ତି ନେବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ କରିପାରିବେ କି ବୋଲି ପ୍ରଶ୍ନ ଉଠିଥିଲା। ପ୍ରେସିଡେନ୍ସିଆଲ୍ ରିଫରେନ୍ସର ଶୁଣାଣି ପାଇଁ ଗଠିତ ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପି.ଏସ୍. ନରସିମ୍ହା ଏବଂ ଏ.ଏସ୍. ଚନ୍ଦୁରକର ରହିଛନ୍ତି। ଯଦି କୌଣସି ଭୁଲ୍ ରହିଛି, ତେବେ ତାହାର ସମାଧାନର ଉପାୟ ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

ମେହେଟ୍ଟା କହିଥିଲେ, ଅଦାଲତରେ ସବୁ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏକ ଗଣତନ୍ତ୍ରରେ ଆଲୋଚନାକୁ ପ୍ରାଧାନ୍ୟ ଦେବାକୁ ହେବ। ଏହା ଉପରେ ଜଷ୍ଟିସ୍ କାନ୍ତ ପ୍ରଶ୍ନ କରିଥିଲେ, ଯଦି ବିଭିନ୍ନ ରାଜ୍ୟରେ ରାଜ୍ୟପାଳ କାର୍ଯ୍ୟ ନ କରନ୍ତି ଏବଂ ସମ୍ପୃକ୍ତ ରାଜ୍ୟ ଅଦାଲତଙ୍କ ଦ୍ୱାରସ୍ଥ ହୁଅନ୍ତି, ତେବେ ସେଭଳି କ୍ଷେତ୍ରରେ ନ୍ୟାୟିକ ସମୀକ୍ଷାକୁ ସମ୍ପୂର୍ଣ୍ଣ ବର୍ଜନ କରାଯାଇପାରିବ କି? ତେବେ ସମାଧାନ କ'ଣ ହୋଇପାରିବ ଜଣାଇବାକୁ ସେ ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଜବାବରେ ସଲିସିଟର ଜେନେରାଲ କହିଥିଲେ, ରାଜ୍ୟପାଳ ବିଲ୍‌କୁ ପକାଇ ରଖୁଥିଲେ, ଏହାର ରାଜନୈତିକ ସମାଧାନକୁ ଗ୍ରହଣ କରାଯାଇପାରେ। ସବୁଠାରେ ମୁଖ୍ୟମନ୍ତ୍ରୀ କୋର୍ଟକୁ ଯାଉନାହାନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରୁଥିବାର ବହୁ ନଜିର ରହିଛି। ☞ପୃଷ୍ଠା-୪

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**



## ଆଇପିଏସ୍ ସ୍ତରରେ ବଡ଼ ଅଦଳବଦଳ

- **୮ ଜିଲ୍ଲାର ଏସ୍‌ପି ସ୍ତରରେ ଅଦଳବଦଳ**
- **ପୁରୀ ଏସ୍‌ପି ହେଲେ ପ୍ରତୀକ ସିଂ, ସନ୍ତୋଷ ବାଲାଙ୍କୁ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ବଦଳି**

**ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଗୁରୁବାର ଆଇପିଏସ୍ ସ୍ତରରେ ଏକ ବଡଧରଣର ଅଦଳବଦଳ କରିଛନ୍ତି। ଏହିକ୍ରମରେ ୮ ଜିଲ୍ଲାର ଏସ୍‌ପି ବଦଳିଛନ୍ତି। ପୁରୀରେ ପୁଣିଥରେ ନୂଆ ଏସ୍‌ପି ଭାବେ ପ୍ରତୀକ ସିଂଙ୍କୁ ଦାୟିତ୍ୱ ମିଳିଛି। ରଥଯାତ୍ରା ଦଳଚକଟାରେ କେତେଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପରେ ପୁରୀ ଏସ୍‌ପିଙ୍କୁ ସରକାର ପରିବର୍ତ୍ତନ କରି ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ପୁଣିଥରେ ସରକାର ପୁରୀ ଏସ୍‌ପିଙ୍କୁ ବଦଳାଇଥିବାରୁ ଏହାକୁ ନେଇ ଚର୍ଚ୍ଚା ହେଲାଣି।

୧୯୯୫ ବ୍ୟାଚ୍ ଆଇପିଏସ୍ ଅଫିସର ସନ୍ତୋଷ ବାଲାଙ୍କୁ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେ ପୂର୍ବରୁ ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଏବଂ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ୨୦୦୨ ବ୍ୟାଚ୍ ଆଇପିଏସ୍ ଅଫିସର୍ ପ୍ରବୀଣ କୁମାରଙ୍କୁ ପୋଲିସ୍ ପ୍ରୋଭିଜନିଂର ଆଇଜି ଭାବେ ନୂଆ ଦାୟିତ୍ୱ ମିଳିଛି। ୨୦୦୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସଶସ୍ତ୍ର ପୋଲିସ୍ ବଳର ଆଇଜି, ୨୦୦୩ ବ୍ୟାଚ୍ ଆଇପିଏସ୍ ଅଫିସର୍ ସଞ୍ଜୟ କୁମାର କୌଶଲଙ୍କୁ ଇଓଡବ୍ଲ୍ୟୁର ଆଇଜି, ୨୦୦୭ ବ୍ୟାଚ୍ ଆଇପିଏସ୍ ଅଫିସର ଅଶ୍ୱିନୀ କୁମାରଙ୍କୁ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକ, ୨୦୦୮ ବ୍ୟାଚ୍ ଆଇପିଏସ୍ ଅଫିସର୍ ସତ୍ୟଜିତ୍ ନାୟକଙ୍କୁ ସେଣ୍ଟ୍ରାଲ ରେଞ୍ଜ ଡିଆଇଜି, ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର୍ ପିନାକ ମିଶ୍ରଙ୍କୁ ଇଷ୍ଟର୍ଣ୍ଣ ରେଞ୍ଜ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ପିନାକ ମିଶ୍ର ରଥଯାତ୍ରା ଚାଲିଥିବା ବେଳେ ପୁରୀ ଏସ୍‌ପି ଥିଲେ। ସେହିପରି ୨୦୧୩ ବ୍ୟାଚ୍ ଆଇପିଏସ୍ ଅଫିସର ☞ପୃଷ୍ଠା-୪

## ୩ ପାକ୍ସ ସମ୍ପାଦକଙ୍କ ପରେ ଡିଆର୍‌ସିଏସ୍ ନିଲମ୍ବିତ

### ଚାଷୀ ପଞ୍ଜୀକରଣ ବେଳେ ଥାଇଲାଣ୍ଡ ଗସ୍ତ

**ବୌଦ୍ଧ,୨୧।୮(ଅଜିତ କୁମାର ବାରିକ)**

ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସମୟରେ ଥାଇଲାଣ୍ଡ ବୁଲିବା ପାଇଁ ଯିବା ଅଭିଯୋଗରେ ଗୁରୁବାର ବୌଦ୍ଧ ଜିଲ୍ଲା ଡିଆରସିଏସ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସେ ହେଲେ ଗିରିଶ ଚନ୍ଦ୍ର ପୁରୋହିତ। ନିଲମ୍ବନ ସମୟରେ ଡିଆର୍‌ସିଏସ୍ ପୁରୋହିତ ଭୁବନେଶ୍ୱରଠାରେ ଆର୍‌ସିଏସ୍ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ରହିଛି। ସୂଚନା ଅନୁସାରେ, ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଚାଲିଥିବାବେଳେ ବୌଦ୍ଧ ଓ ସୋନପୁର ଜିଲ୍ଲା ସମବାୟ ବିଭାଗର ଅଧିକାରୀ ଓ କେତେଜଣ ପାକ୍ସ ସମ୍ପାଦକ ଗତ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡ ବୁଲିବାକୁ ଯାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସମବାୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଦେଶ ବୁଲା ଘଟଣାରେ ଗତ ୧୨ ତାରିଖରେ ସୋନପୁର ଜିଲ୍ଲା ସମବାୟ ସମିତି ନିବନ୍ଧକ ଓ ୩ ଜଣ ପାକ୍ସ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ଗତ ବୁଧବାର ବୌଦ୍ଧ ଜିଲ୍ଲାର ଲୁଣିବାହାଲ, ବୌଦ୍ଧ ଓ ଖୁଣ୍ଟବନ୍ଧ ପାକ୍ସ ସମ୍ପାଦକ ନିଲମ୍ବିତ ହୋଇଥିବା ବେଳେ ଗୁରୁବାର ସମବାୟ ବିଭାଗ ପକ୍ଷରୁ ବୌଦ୍ଧ ଡିଆର୍‌ସିଏସ୍ ପୁରୋହିତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

## ବିଏସ୍‌ଇ, ସିଏଚ୍‌ଏସ୍‌ଇକୁ ମିଶାଇ ହେବ ଗୋଟିଏ ବୋର୍ଡ

**ଆସନ୍ତା ୩ ବର୍ଷରେ ପୂରଣ ହେବ ୪୪,୪୩୩ ଶିକ୍ଷକ ପଦବୀ**

- **ସ୍କିମାଟିକ୍ ପ୍ରାଥମିକ ଶିକ୍ଷକଙ୍କୁ ନିୟମିତ କରିବାକୁ ନିଆଯିବ ପଦକ୍ଷେପ**
- **ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ପଦବୀ ସୃଷ୍ଟି କରାଯିବ**
- **୩୦୦ ପିଲାଙ୍କ ପାଇଁ ଜଣେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ ହେବେ**

**ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)**

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଗୁରୁବାର ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷାକରି ଏହି ପରାମର୍ଶ ଦେବା ସହ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷାନୀତି ଅନୁଯାୟୀ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ୪୫,୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ଶିକ୍ଷକ ପଦବୀ ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ଟି ପଦବୀ ସୃଷ୍ଟି କରାଯିବ। ଏହାସହ ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ଟି ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ।

ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ, ସିଏଚ୍‌ଏସଇ) କୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି। ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଶିକ୍ଷାର ଆବଶ୍ୟକତା ସହିତ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ଲାଗି ଏନ୍‌ଏମ୍ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ୩୦୦ ପିଲାଙ୍କ ପାଇଁ ଜଣେ ଏଏନ୍‌ଏମ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ ପ୍ରକ୍ରିୟାରେ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଛି।

ସେହିପରି ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ପିଲାମାନଙ୍କ ସହ ଭାଷାଗତ ଯୋଗାଯୋଗରେ ସୁବିଧା ହେବ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହିତ ଏସ୍‌ସିଏସ୍‌ଟିଆର୍‌ଟିଆଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ। ସେହିପର ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକମାନଙ୍କୁ ଯେଉଁମାନେ ବିଏଡ୍ କରିଥିବେ, ସେମାନଙ୍କୁ ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବେ ନିଯୁକ୍ତି ଦିଆଯିବ। ଏନ୍‌ସିଇଆର୍‌ଟି ଢାଞ୍ଚାରେ ଏସ୍‌ସିଇଆର୍‌ଟି କୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଡାଇରେକ୍ଟର ଅଫ୍ ଟେକ୍ସଟ୍‌ବୁକ୍ ପବ୍ଲିକେଶନ ଆଣ୍ଡ ମାର୍କେଟିଂ ସଂସ୍ଥାର ସୁଦୃଢ଼ୀକରଣ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି।

ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରହିବ ୫%, ୧୮% ସ୍ଲାବ୍: ୯୦% ସାମଗ୍ରୀ ଶସ୍ତା ହେବ

**ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନକୁ ମନ୍ତ୍ରୀଗୋଷ୍ଠୀର ସମର୍ଥନ**




**ନୂଆଦିଲ୍ଲୀ,୨୧।୮**

ଦେଶର ଟିକସ ବ୍ୟବସ୍ଥାକୁ ଅଧିକ ସରଳ କରିବା ପ୍ରକ୍ରିୟାକୁ ମନ୍ତ୍ରୀଗୋଷ୍ଠୀ (ଜିଓଏମ୍) ସମର୍ଥନ ଜଣାଇଛି। ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ପୂର୍ବରୁ ରହିଥିବା ୧୨% ଓ ୨୮% ସ୍ଲାବ୍‌କୁ ହଟାଇ କେବଳ ୫% ଓ ୧୮% ସ୍ଲାବ୍ ରଖିବା ପାଇଁ କେନ୍ଦ୍ର ସରକାର ଆଣିଥିବା ପ୍ରସ୍ତାବ ଗୁରୁବାର ଅନୁଷ୍ଠିତ ମନ୍ତ୍ରୀଗୋଷ୍ଠୀ ବୈଠକରେ ଗୃହୀତ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଲୋକାଭିମୁଖୀ ନିଷ୍ପତ୍ତି ସପକ୍ଷରେ ସବୁ ରାଜ୍ୟ ସହମତ ଥିବା ବୈଠକ ଶେଷରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ଏହାଦ୍ୱାରା କେତେ ରାଜସ୍ୱ କ୍ଷତି ହେବ ତାହାର ଆକଳନ କରିବାକୁ ରାଜ୍ୟଗୁଡ଼ିକ କହିଥିଲେ। ପରବର୍ତ୍ତୀ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଏହା ଉପସ୍ଥାପନ କରାଯିବ। ଦୁଇଥାକିଆ ଜିଏସ୍‌ଟି ବ୍ୟବସ୍ଥା ଲୋକାଭିମୁଖୀ। ତେବେ ରାଜ୍ୟଗୁଡ଼ିକ ଯେତେବେଳେ ରାଜସ୍ୱ ହରାଇବେ, ତାହା ପରୋକ୍ଷରେ ସାଧାରଣ ଲୋକଙ୍କ ଉପରକୁ ଯିବ। ତେଣୁ ତାହାର ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ଭଟ୍ଟାଚାର୍ଯ୍ୟ କହିଥିଲେ। ୬ ଜଣିଆ ଜିଓଏମ୍ ବୈଠକରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଓ କେରଳର ଅର୍ଥ ଓ ରାଜସ୍ୱ ମନ୍ତ୍ରୀମାନେ ଯୋଗଦେଇଥିଲେ।

କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଜିଏସ୍‌ଟି ବ୍ୟବସ୍ଥା ଅନୁଯାୟୀ ଅତ୍ୟାବଶ୍ୟକ ଏବଂ ସମାଜ ଓ ବ୍ୟକ୍ତିବିଶେଷ ପାଇଁ ଉତ୍ତମ ବିବେଚିତ ସାମଗ୍ରୀଗୁଡ଼ିକ ଉପରେ ୫% ଜିଏସ୍‌ଟି ଲାଗୁ ହେବାକୁ ଥିବାବେଳେ ଅନ୍ୟ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ୧୮% ଜିଏସ୍‌ଟି ଲାଗିବ। ଏବେ ୯୯ ପ୍ରତିଶତ ସାମଗ୍ରୀ ଉପରେ ୧୨% ଜିଏସ୍‌ଟି ଲାଗୁ ହେଉଥିବାବେଳେ ସେଗୁଡ଼ିକ ଉପରେ ୫% ଜିଏସ୍‌ଟି ଲାଗୁ ହେବ। ସେହିପରି ୨୮% ଟିକସ ଲାଗୁଥିବା ସାମଗ୍ରୀଗୁଡ଼ିକୁ ୧୮% ସ୍ଲାବ୍ ଅଧୀନକୁ ଅଣାଯିବ। ଏହା ଦ୍ୱାରା ପ୍ରାୟ ୯୦ ପ୍ରତିଶତ ସାମଗ୍ରୀ ଶସ୍ତା ହୋଇପାରେ ବୋଲି କୁହାଯାଉଛି। ଏହାବ୍ୟତୀତ ବିଳାସପୂର୍ଣ୍ଣ ଦ୍ରବ୍ୟ ଓ ତମାଖୁ ଆଦି କ୍ଷେତ୍ରରେ ୪୦% ଜିଏସ୍‌ଟି ଲାଗୁ କରାଯିବା ପ୍ରସ୍ତାବ ରହିଥିବା ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା କହିଛନ୍ତି। ଅତ୍ୟାଧୁନିକ ଓ ବିଳାସପୂର୍ଣ୍ଣ କାର୍ ଉପରେ ୪୦%ରୁ ଅଧିକ ଜିଏସ୍‌ଟି ଲାଗୁ କରିବାକୁ ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ, ଆଗାମୀ ଦୀପାବଳି ସୁଦ୍ଧା ଜିଏସ୍‌ଟିରେ ସଂସ୍କାର କାର୍ଯ୍ୟକାରୀ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାଧୀନତା ଦିବସ ଭାଷଣରେ ଘୋଷଣା କରିଥିଲେ।

## ଅନ୍‌ଲାଇନ ଗେମିଂ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ,୨୧।୮**

ରାଜ୍ୟ ସଭାରେ ଗୁରୁବାର ବିରୋଧୀ ସଦସ୍ୟମାନଙ୍କ ପ୍ରତିବାଦ ଓ ହୋହଲ୍ଲା ମଧ୍ୟରେ ପ୍ରମୋଶନ ଆଣ୍ଡ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ ଗେମିଂ ବିଲ୍ ଗୃହୀତ ହୋଇଯାଇଛି। ବୁଧବାର ଏହି ବିଲ୍‌କୁ ଲୋକ ସଭାର ଅନୁମୋଦନ ମିଳିଥିଲା। ବିଲ୍ ଆଗତ କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଅର୍ଥ ଆଧାରିତ ଗେମ୍‌ଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଏହି ବିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଟଙ୍କା ବାଜି ଲଗାଇ ଖେଳାଯାଉଥିବା ଅନ୍‌ଲାଇନ୍ ଗେମ୍‌ଗୁଡ଼ିକୁ ବ୍ୟାନ୍ କରିବା ପାଇଁ ପ୍ରମୋଶନ୍ ଆଣ୍ଡ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍-୨୦୨୫ ଲୋକ ସଭାରେ ଧ୍ୱନିମତରେ ପାରିତ ହୋଇଥିଲା। ଦେଶରେ ଦିନକୁ ଦିନ ବଢ଼ିଚାଲିଥିବା ଆର୍ଥିକ ଠକେଇ, ମନି ଲଣ୍ଡରିଂ ଓ ଗେମିଂ ଆଡିକ୍ସନକୁ ରୋକିବା ଉଦ୍ଦେଶ୍ୟରେ ଅଣାଯାଇଥିବା ଏହି ବିଧେୟକ ଗୁରୁବାର ରାଜ୍ୟ ସଭାରେ ପାରିତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ପରେ ଏହା ଆଇନରେ ପରିଣତ ହେବ।

## ପାଟଣାରେ ପ୍ରତିଷ୍ଠା ହେବ ଇସ୍ପାତ କାରଖାନା



ପାଟଣାରେ ଇସ୍ପାତ କାରଖାନା ପ୍ରତିଷ୍ଠା ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥିଭବନଠାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସଙ୍ଗଠନ ଓ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

- **ପୋସ୍କୋ ଓ ଜେଏସ୍‌ଡବ୍ଲ୍ୟୁ ମିଳିତ ଆନୁକୂଲ୍ୟରେ ପ୍ରତିଷ୍ଠା ହେବ**
- **ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଜିଲ୍ଲାର ବିଭିନ୍ନ ସଙ୍ଗଠନ ଓ ନାଗରିକ ମଞ୍ଚ**
- **କେନ୍ଦୁଝର ସମୃଦ୍ଧ ହେଲେ ରାଜ୍ୟର ବିକାଶ ହେବ: ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)**

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ LHB / SGAC ଟାଇପ୍ AC କୋଚ୍, ପାୱାର କାର, ପ୍ୟାଣ୍ଟ୍ରି କାର, ହାଇବ୍ରିଡ୍ ଟାଇପ୍ LHB AC କୋଚ୍ ଏବଂ RA / ପର୍ଯ୍ୟବେକ୍ଷଣ କାର୍ / WCD / LOMS କୋଚ୍‌ଗୁଡ଼ିକ ଭଳି ଅନ୍ୟାନ୍ୟ ସ୍ୱତନ୍ତ୍ର କୋଚ୍‌ଗୁଡ଼ିକରେ ଲାଗିଥିବା RMPUs ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 11,29,27,274.82, EMD : ₹ 7,14,600/-
(2) ବିଜ୍ଞପ୍ତି ସଂ.: e-Tender-Elect-G-36-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ସ୍ଥାନରେ 164 ଗୁମଟିଗୁଡ଼ିକରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସହିତ ପ୍ରିସିଜନ (Precision) ACsର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,77,48,350.00, EMD : ₹ 6,38,800/-
(3) ବିଜ୍ଞପ୍ତି ସଂ.: e-Tender-Elect-G-37-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଷ୍ଟେସନଗୁଡ଼ିକରେ କଲର ଲାଇଟ୍ ସିଗ୍ନାଲିଙ୍ଗ୍ ପ୍ୟାନେଲ ନିମନ୍ତେ ଅତ୍ୟଧିକ ପୁରୁଣା (Over aged) ଅଟୋ ଚେଞ୍ଜଓଭର ପ୍ୟାନେଲର ପୁନଃସ୍ଥାପନ ସହିତ ବୈଦ୍ୟୁତିକ ସମ୍ପତ୍ତିର (Asset) ବୃଦ୍ଧିକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 7,47,21,425.70, EMD : ₹ 5,23,600/-
ଶେଷ ହେବା ଅବଧି : 36 ମାସ (କ୍ରମ ସଂ. 1 ପାଇଁ), 04 ମାସ (କ୍ରମ ସଂ. 2 ପାଇଁ) ଏବଂ 06 ମାସ (କ୍ରମ ସଂ. 3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍
PR-499/Q/25-26

# ନୂଆଁଖାଇ ଛୁଟି ୩ ଦିନ କରିବାକୁ ଦାବି

ବରଗଡ଼, ୨୧।୮ (ପ୍ରେମାନନ୍ଦ ଖମାରୀ)



ଜିଲାପାଳଙ୍କ କାର୍ଯ୍ୟାଳୟରେ କୋଶଲ ଛାତ୍ର ସଂଗଠନର ପ୍ରତିନିଧିମାନେ।

ବରଗଡ଼ କୋଶଳ ଛାତ୍ର ସଂଗଠନ ନେତୃତ୍ୱରେ ଗୁରୁବାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏବଂ ସଂଗଠନର ସଦସ୍ୟମାନେ ୩ଦଫା ଦାବି ନେଇ ଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ହେଉଛି ନୂଆଁଖାଇ। ଏହି ପର୍ବରେ ଅମଳ କରିଥିବା ନୂଆଁଧାନକୁ ପ୍ରଥମ ଅଧିଷ୍ଠାତ୍ରୀ ଦେବୀ ଦେବୀଙ୍କୁ ପୂଜା କରି ପରିବାରର ସମସ୍ତ ସଦସ୍ୟ ଯେତେ ଦୂରେ ଥିଲେ ମଧ୍ୟ ଆସି ସମସ୍ତେ ଏକା ସାଙ୍ଗେ ବସି ଭୋଗକୁ ସେବନ କରିଥାନ୍ତି। ଏହି ପର୍ବ ହେଉଛି ପଶ୍ଚିମ ଓଡ଼ିଶା (କୋଶଲାଞ୍ଚଳ)ର ମହାନ ଗଣପର୍ବ। କିନ୍ତୁ ବର୍ଷ ବର୍ଷ ଧରି ଦାବି ଜଣାଇଲା ପରେ ମଧ୍ୟ ସରକାର ପଶ୍ଚିମ ଓଡ଼ିଶାକୁ ସବୁବେଳେ ଅଣଦେଖା କରି ଆସିଥିବା ଅଭିଯୋଗ ହୋଇଛି। ନୂଆଁଖାଇରେ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନକୁ ୩ଦିନ ଛୁଟି ଘୋଷଣା କରିବାକୁ ସଙ୍ଗଠନ ଦାବି କରିଛି। ସେହିପରି ବରଗଡ଼ ଜିଲା କେବଳ ଓଡ଼ିଶାରେ ନୁହେଁ, ବରଂ ଦେଶରେ ଧାନ ଉତ୍ପାଦନ ପାଇଁ ବେଶ ଜଣାଶୁଣା ହୋଇଥିବା ବେଳେ ରାଜ୍ୟର ଭାତହାଣ୍ଡି ଭାବେ ସୁପରିଚିତ। ଏହି ଜିଲାର ପ୍ରାୟ ୭୦ ଭାଗ ଲୋକ କୃଷି ଜୀବିକା ଉପରେ ନିର୍ଭର କରନ୍ତି ଏବଂ ଅଞ୍ଚଳର ଅର୍ଥନୀତି ମଧ୍ୟ କୃଷିଭିତ୍ତିକ ଅଟେ। ବରଗଡ଼ ଜିଲା ଏସିଆର ସବୁଠାରୁ ବୃହତ ନଦୀ ବନ୍ଧ ହୀରାକୁଦ ଜଳଭଣ୍ଡାରରୁ ପ୍ରାୟ ୧ଲକ୍ଷ ହେକ୍ଟର ଜମି ଜଳସେଚିତ ଏବଂ ଗଭୀର ନଳକୂପ ମାଧ୍ୟମରେ ଅଧିକାଂଶ ଜମି ପାଣି ପାଉଛି। ଖରିଫ ଋତୁରେ ୨ଲକ୍ଷ ୫୦ ହଜାର ହେକ୍ଟର ଜମିରେ ଧାନ, ୮୦ ହଜାର ହେକ୍ଟରରେ ପନିପରିବା, ୩୩ହଜାର ୫୭୬ ହେକ୍ଟର ଡାଲି ଜାତୀୟ ଚାଷ ହେଉଥିବା ଯୋଗୁ ଏଠାରେ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଏହା ସହିତ ପଶ୍ଚିମଓଡ଼ିଶାକୁ ସ୍ୱତନ୍ତ୍ର କୋଶଲ ରାଜ୍ୟ ମାନ୍ୟତା ପାଇଁ ଦାବି ହୋଇଛି। କୋଶଳ ଛାତ୍ର ସଂଗଠନର ପ୍ରତିଷ୍ଠାତା ଇଂ ଅଭିଷେକ ନାୟକ, ନୀଲେଶ ପ୍ରଧାନ, ସିକୁନ ଦାଶ, ତେଜରାଜ ସାହୁ, ସୁବ୍ରତ ବୁଡ଼େକ, ଭବେଶ ସାହୁ, ଜିତ ପ୍ରଧାନ, ଦେବବ୍ରତ ସାହୁ, ଧର୍ମେନ୍ଦ୍ର ପାମୁଆଁ, ଶତ୍ରୁଘନ ଖଙ୍କାର, ନାରାୟଣ ଜାଲ, ରୋଶନ ଭୁଏ, ଅମିତ ଭେତ୍ରା, ଶୁଭେନ୍ଦୁ ବିଶି, ଅଭିନନ୍ଦନ ମିଶ୍ର, ଅର୍ଜୁନ ମହାରଣା, ଆକାଶ ମେହେର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ୩ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

## ହତ୍ୟା ଉଦ୍ୟମ ମାମଲା

ସୋହେଲା, ୨୧।୮ (ଅଶ୍ୱିନୀ କୁମାର ପାତ୍ର)

ସୋହେଲା ଥାନା ଅନ୍ତର୍ଗତ ବାଇପାଲି ଗ୍ରାମରେ ୨୦୧୭ ଅଗଷ୍ଟ ୨୭ ତାରିଖରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲାରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥି ସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ସ୍ଥାନୀୟ ସବ୍‌ଜଜ୍ ଚିନ୍ମୟୀ ରଥ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ପୁଣି ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଅନନ୍ତ ପଧାନ, ବିଶ୍ୱ ପଧାନ ଓ ରଞ୍ଜିତ ପଧାନ।

୨୦୧୭ ଅଗଷ୍ଟ ୨୭ ତାରିଖରେ ସୋହେଲା ଥାନା ଅନ୍ତର୍ଗତ ବାଇପାଲି ଗ୍ରାମର ଅତିଶୀଳା ପଧାନ, ତାଙ୍କ ସ୍ୱାମୀ ଓ ପୁଅ ଜମିରେ କାମ କରୁଥିଲେ। ଏହି ସମୟରେ ଅତିଶୀଳାଙ୍କ ଦିଅର ଅନନ୍ତ ପଧାନ ତାଙ୍କର ଦୁଇ ପୁଅ ବିଶ୍ୱ ଏବଂ ରଞ୍ଜିତ ବଳଦ ହିଡ଼ ଉପରେ ନେଇଥିଲେ। ହିଡ଼ଟି ଭାଙ୍ଗି ଯିବାରୁ ଅତିଶୀଳା ପ୍ରତିବାଦ କରିଥିଲେ। ଏଥିରେ ରାଗିଯାଇ ଅଭିଯୁକ୍ତମାନେ ଏକ ଟାଙ୍ଗିଆରେ ଅତିଶୀଳାଙ୍କ ସ୍ୱାମୀଙ୍କୁ ପଛ ପଟରୁ ଚୋଟ ମାରିଥିଲେ। ତାଙ୍କ ପୁଅଙ୍କୁ ମଧ୍ୟ ହତ୍ୟା ଉଦ୍ୟମ କରିଥିଲେ। ଏପରି କି ଅଭିଯୁକ୍ତମାନେ ଅତିଶୀଳାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଆକ୍ରମଣରେ ଗୁରୁତର ଅତିଶୀଳାଙ୍କ ସ୍ୱାମୀ ଏବଂ ପୁଅଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ବରଗଡ଼ ଏବଂ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତା' ପରଦିନ ଅତିଶୀଳା ଥାନାକୁ ଆସି ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ. ୧୫୨/୧୭) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ସ୍ଥାନୀୟ କୋର୍ଟକୁ ଚାଲାଣ କରିଥିଲା। ଏହି ମାମଲା ସେସନ୍ସ କୋର୍ଟରେ ବିଚାରାଧୀନ ହୋଇଥିବାରୁ ସୋହେଲାରୁ ପଦ୍ମପୁର ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାଟି ସୋହେଲା ସବ ଜଜ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଏହି ମାମଲାର ଶୁଣାଣି କରି ସବଜଜ୍ ଚିନ୍ମୟୀ ରଥ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରୀ ଓକିଲ ଅଶୋକ କୁମାର ବାରିକ ଏହି ମାମଲାଟିକୁ ପରିଚାଳନା କରିଥିଲେ।

# ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ ଦାବି

ଝାରବନ୍ଧ, ୨୧।୮ (ଦେବେନ୍ଦ୍ର ସାହୁ)



ଦାବିପତ୍ର ପ୍ରଦାନ କରାଯାଉଛି।

ସୁଭଦ୍ରା ଯୋଜନାରେ ମହିଳାମାନେ ସ୍ୱାବଲମ୍ବୀ ହେବାକୁ ସରକାର ଆର୍ଥିକ ସହଯୋଗ କରୁଛନ୍ତି। କିନ୍ତୁ କେତେକ ସରକାରୀ କର୍ମଚାରୀଙ୍କ ଭୁଲ୍ ଆକଳନ ଯୋଗୁ ପ୍ରକୃତ ହିତାଧିକାରୀ ସହଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି ଏକ ଦୃଷ୍ଟାନ୍ତ ଲଉ ଗ୍ରାମପଞ୍ଚାୟତ ଶିକାରିପାଲି ଗାଁରେ ଦେଖିବାକୁ ମିଳୁଛି। ତେଣୁ ଉକ୍ତ ଗ୍ରାମର ଯୋଗ୍ୟତାସମ୍ପନ୍ନ ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ଗୁରୁବାର ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ କୁମାର କଣ୍ଡୁଲନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସେମାନଙ୍କୁ ଅଧିକ ଜମିର ଅଧିକାରୀ ଭାବରେ ବଞ୍ଚିତ କରିଛନ୍ତି, ତେବେ ସରକାର ତାଙ୍କ ଜମି ଚିହ୍ନଟ କରନ୍ତୁ। ଯାହା ଫଳରେ ସେମାନେ ଚାଷ କରିବା ସହ ଫସଲ ବୀମା, ଧାନକାର୍ଡ କରି ପାରିବେ। ତାଙ୍କର ଜମି ନାହିଁ କି ସୁଭଦ୍ରା ଯୋଜନାରେ ଆର୍ଥିକ ସହଯୋଗ ମିଳୁନାହିଁ। ତେଣୁ ଅଧିକାରୀବୃନ୍ଦ ଦୃଷ୍ଟିଦେବାକୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସାଏବାନି କଲାରଗିଁଆ, ବଲ୍ଲବୀ ଶିକୁଆ, ଉମଳ ମଲ୍ଲିକ, ବୀଣାପାଣି ଶିକୁଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିକ୍ଷକ ରଙ୍କମଣି ବାରିକଙ୍କ ପରଲୋକ

ପାଇକମାଲ, ୨୧।୮ (ବଡ଼ ଶତପଥୀ): ପାଇକମାଲ ବ୍ଲକ ପଲସଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରଙ୍କମଣି ବାରିକଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଏକା ଧାରରେ ଜଣେ ଆଦର୍ଶ ଶିକ୍ଷକ, ସମାଜ ସୁଧାରକ, ସ୍ୱାଭିମାନୀ, ପରୋପକାରୀ, ଲେଖକ ଥିଲେ। ରଙ୍କମଣି ଗତ କିଛିଦିନ ହେବ ଶ୍ୱାସ ରୋଗରେ ପୀଡ଼ିତ ହୋଇ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ୍ୟୁ ସମୟରେ ତାଙ୍କ ପୁଅ, ଝିଅ ଜ୍ୱାଇଁ, ନାତି, ନାତୁଣୀ ତଥା ଭଣଜା ଉପସ୍ଥିତ ଥିଲେ।



ରଙ୍କମଣି ବାରିକ।

# ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ




ଉପସ୍ଥିତ ଅତିଥିମାନେ।

ବରପାଲି, ୨୧।୮ (ଚିତ୍ତରଞ୍ଜନ ସାହୁ)

ବରପାଲି ଶିରିଡି ସାଇ ମନ୍ଦିର ପରିସରରେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଏବଂ ବରିଷ୍ଠ ନାଗରିକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ଚିକିତ୍ସାଧିକାରୀ ଡା. କାଳୀଚରଣ ଦାଶ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଏବଂ ସରସ୍ୱତୀ ବରିଷ୍ଠ ନାଗରିକ ସଂଘ ବରପାଲିର ସଭାପତି ସୁମନା ଦାଶ ଓ ଉପସଭାପତି ପ୍ରତିଭା ବାରିକ, ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଯୋଗଦେଇଥିଲେ। ଶିକ୍ଷକ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥିଙ୍କ ପରିଚୟ ପ୍ରଦାନ ପରେ ସମ୍ମାନିତ ଅତିଥି ପ୍ରତିଭା ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସୁମନା ଦାଶ ବରିଷ୍ଠ ନାଗରିକଙ୍କୁ ସୁଖୀ ଜୀବନ ବିତେଇବାକୁ କିଛି ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଡା.ଦାଶ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ସୂଚିତ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ଅତିଥିମାନଙ୍କୁ ସ୍ମାରକ ଉପହାର ପ୍ରଦାନ କରିଥିଲେ। ବିଦ୍ୟାଳୟର ୨୫ବର୍ଷର ପୂର୍ତ୍ତି ଅବସରରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କାଳୀଚରଣ ଦାଶ, ଅର୍ଥୋପେଡିକସ ଡାକ୍ତର ନାରାୟଣ ମିଶ୍ର, ଡା. ଅନୁପମା ମେହେର, ଡେଣ୍ଟାଲ ସର୍ଜନ ଡା. ଦୀପ୍ତି ବାରିକ, ନର୍ସିଂ ଅଫିସର ମିନୁ ଦାଶ, ମଲ୍ଟି ପର୍ପୋଜ ହେଲ୍‌ଥ ୱାର୍କର ରୀନା ଦୀପ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଏହି ଶିବିରରେ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଶିକ୍ଷୟିତ୍ରୀ ସୁଷମା ଦାଶ, କଳ୍ପନା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସରସ୍ୱତୀ ସଂଘ ଓ ବିଦ୍ୟାଳୟର କର୍ମକର୍ତ୍ତାଗଣ ସହଯୋଗିତାରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ଆନ୍ତଃଜିଲା ଭଲିବଲ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ଝାରବନ୍ଧ, ୨୧।୮ (ଦେବେନ୍ଦ୍ର ସାହୁ): ଗତ ବର୍ଷ ଛାତ୍ରୀଛାତ୍ରମାନଙ୍କ ବରଗଡ଼ ଜିଲା ସ୍ତରୀୟ କବାଡ଼ି ପ୍ରତିଯୋଗିତାର ସୁପରିଚାଳନାରେ ଉଲ୍ଲେଖନୀୟ କାର୍ଯ୍ୟକଳାପ ପରେ ଚଳିତବର୍ଷ ପୁଣି ଭଲିବଲ ପ୍ରତିଯୋଗିତା କରିବା ପାଇଁ ଝାରବନ୍ଧ ବ୍ଲକ ସୁଯୋଗ ପାଇଛି। ସେଥିପାଇଁ ଝାରବନ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକମାନେ ଯୋଗଦାନ କରିଥିଲେ। ଅନେକ ଆଲୋଚନା ପରେ ଏହି ପ୍ରତିଯୋଗିତା ଚଣ୍ଡିଭଟା ଉଚ୍ଚ ବିଦ୍ୟାଳୟ ପରିସରରେ ଆସନ୍ତା ୩ତାରିଖରେ କରିବାକୁ ପ୍ରସ୍ତାବ ଗୃହୀତ ହେଲା। ସମସ୍ତ ଶିକ୍ଷକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି, ଏବିଇଓ ଦୟାନିଧି କୈବର୍ତ୍ତ, ବ୍ଲକ କ୍ରୀଡ଼ା ସମ୍ପାଦକ ସୁମନ୍ତ ସାହୁ ଶିକ୍ଷକମାନଙ୍କୁ ସରକାରଙ୍କ ପତ୍ରାଙ୍କ ଓ ନୀତି ନିୟମ ଉପସ୍ଥାପନା କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ମଞ୍ଚାସୀନ ଅତିଥି।

ପଦ୍ମପୁର, ୨୧।୮ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ସମ୍ମେଳନ ପ୍ରକୋଷ୍ଠରେ ଶିକ୍ଷା ବିଭାଗର ନବାଗତ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷ ଖଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଦୀପିକା ଏବଂ ଛାତ୍ରୀବୃନ୍ଦ ଏକ ସ୍ୱାଗତ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବିଭାଗୀୟ ମୁଖ୍ୟ ଡ. ତୁଷାରକାନ୍ତ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ନିଜ ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ସଫଳତା ଏବଂ ଅଭିନବ ଶିକ୍ଷାଦାନ ପଦ୍ଧତିଗୁଡ଼ିକୁ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଉଲ୍ଲେଖ କରି ସମସ୍ତଙ୍କର ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ଭେଙ୍କଟେଶ୍ୱର ମେହେର ସମସ୍ତଙ୍କୁ ଜାତୀୟ ଶିକ୍ଷା ନୀତି ୨୦୨୦ର ମୁଖ୍ୟ ସଂସ୍କାର ଗୁଡିକ ଉପରେ ଆଲୋକପାତ କରି ଜୀବନ ଦକ୍ଷତା, ଶାନ୍ତି ଶିକ୍ଷା, ଆବେଗିକ ବୁଦ୍ଧି, ନୈତିକ ମୂଲ୍ୟବୋଧ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ସୁଶ୍ରୀ ସସ୍ମିତା ମେହେର ନିଜ ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରକଳ୍ପ କର୍ମଚାରୀ ଶ୍ରୀକାନ୍ତ ସାହୁ ନିଜ ଅଭିଭାଷଣରେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାର ଗୁଣବତ୍ତା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନା ମଞ୍ଜୁ ବାଲମ କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭମ, ସ୍ନେହମୟୀ, ଶାଲିନି, ରଞ୍ଜନ, ହେମାନନ୍ଦ, ଜିତେଶ୍ୱର, ଗୌରବ, ସଞ୍ଜୀବ, ଶୋଭିତ, ସମୀର, ପ୍ରଦୀପ, ପ୍ରମୋଦ, ରିତୁ ପ୍ରମୁଖଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

TPNODL

TP Northern Odisha Distribution Limited
(A Tata Power & Odisha Govt. Joint Venture)
Regd. Off: Corp Office, Januganj, RemunaGolei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

NOTICE INVITING TENDER (NIT) August 22nd, 2025

TP Northern Odisha Distribution Limited invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001047 | Rate Contract for Supply of Ring type LTCT's of different ratings for FY 25-26. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

Chief- Contracts & MM

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଏଏମ୍‌ସିସି ନୟାଗଡ଼
ଜିଲ୍ଲା: ନୟାଗଡ଼
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଏହାପରେ ଆକ୍ଟ କୁହାଯିବ) ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ସେମାନେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣ ଆକାଉଣ୍ଟକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ସେଗୁଡ଼ିକ ଦିଆଯାଇ ନପାରି ଫେରସ୍ତ ଆସିଅଛି, ଏବଂ ଏଥିପାଇଁ ସେମାନଙ୍କୁ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଅବଗତ କରାଯାଉଅଛି।

| ଏସିବି ଓଡଗାଁ ଶାଖା / ଆକାଉଣ୍ଟ ନଂ. /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଥିବା ସମ୍ପତ୍ତି ଠିକଣା | ନୋଟିସ୍ ତାରିଖ / ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| ଆକାଉଣ୍ଟ ନଂ.: ୩୩୪୮୭୭୯୧୮୭ (ସିସି) ଋଣଗ୍ରହୀତା: ଶ୍ରୀମତୀ ବସନ୍ତ ମଞ୍ଜରୀ ଆଚାରୀ, ସ୍ୱାମୀ: ଶ୍ରୀ ଶଶି ଭୂଷଣ ଆଚାରୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଶି ଭୂଷଣ ଆଚାରୀ, ଉଭୟଙ୍କ ଠିକଣା- ସା: ଲକ୍ଷ୍ମୀ ବଜାର, ଓଡଗାଁ, ଜିଲ୍ଲା: ନୟାଗଡ଼ | ଶ୍ରୀ ଶଶି ଭୂଷଣ ଆଚାରୀଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓଡଗାଁ, ଥାନା: ଓଡଗାଁ, ତହସିଲ ନଂ.: ୨୯୯, ଜିଲ୍ଲା: ନୟାଗଡ, ଖାତା ନଂ.: ୮୩୯/୩୭୪, ପ୍ଲଟ୍ ନଂ.: ୨୨୪୪/୩୦୧୦, କ୍ଷେତ୍ର: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୨୨୪୬/୩୦୧୧, କ୍ଷେତ୍ର: ଏକର୦.୦୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇନ୍ଦ୍ରମଣୀ ସାହୁ, ପଶ୍ଚିମ: ଇନ୍ଦୁମତୀ ମହାପାତ୍ର, ଉତ୍ତର: ଶଶି ଭୂଷଣ ଆଚାରୀ, ଦକ୍ଷିଣ: ରାସ୍ତା | ୦୧.୦୭.୨୦୨୫ / ୩୦.୦୬.୨୦୨୫ | ୦୧.୦୭.୨୦୨୫ ସୁଦ୍ଧା ଟ.୧୫,୩୪,୫୪୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାମାନଙ୍କୁ ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟିଦାତାମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର ୬୦ଦିନ ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

ସ୍ଥାନ: ନୟାଗଡ଼, ତାରିଖ : ୨୧.୦୮.୨୦୨୫ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

न्यायालय कलेक्टर
जिला सारंगढ़-बिलाईगढ़ (छ.ग.)
सूचना पत्र

क्रमांक/464/रीडर/2025 सारंगढ़, दिनांक : 14.08.2025
प्रति,
1. श्री इन्द्रजीत बाघ, पिता: सत्यानंद बाघ
साकिन-कुड़ापाली, थाना: अम्बाभौना, जिला: बरगढ़ (उड़ीशा)
2. श्री नरसिंग राणा उर्फ विनोद, पिता: पुनाऊ राणा
साकिन-जामपाली, थाना: अम्बाभौना, जिला: बरगढ़ (उड़ीशा)
3. श्री लक्ष्मण प्रसाद ओग्रे, पिता: बट्टूलाल ओग्रे (वाहन स्वामी)
ग्राम: पामगढ़, जिला: जांजगीर-चांपा

विषय: प्रकरण की सुनवाई हेतु उपस्थित होने बाबत्। पेशी दिनांक 16.09.2025.
आपको पेपर प्रकाशन के जरिये सूचित किया जाता है कि इस न्यायालय के छ.ग. आबकारी अधिनियम के तहत लंबित प्रकरण क्रमांक 202505321300007/अ-47क (2)/2024-2025 पक्षकार छ.ग. शासन बनाम इन्द्रजीत बाघ वगै. में आगामी पेशी दिनांक 16.09.2025 को नियत है। उक्त सुनवाई तिथि में आपकी उपस्थिति अनिवार्य है। निर्धारित तिथि को उपस्थित नहीं होने की दशा में आपके विरूद्ध एक पक्षीय कार्यवाही कर दी जावेगी।
(कले. महो. द्वारा आदेशित)
G-252602931/1 स्वा:/- अपर कलेक्टर, सारंगढ़-बिलाईगढ़

OFFICE OF THE EXECUTIVE ENGINEER
LIFT IRRIGATION DIVISION, BHADRAK
No.CAD-1477
E-mail : eelidbdk@gmail.com
E-Procurement Notice
Bid Identification No.01/2025-26 (3047)/OLIC (BDK)/ Dt.14.08.2025

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 11 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs.23.84 Lakh to Rs.24.10 Lakh |
| 3. | Cost of Tender Paper | Rs.7080/- (including GST @ 18%) as mentioned against each L.I. Project through online mode as mentioned in DTCN |
| 4. | Date and Time of Publication | Dt.25.08.2025 from 11.00 A.M. |
| 5. | Date & Time of Closing with Seeking Clarification | Dt.03.09.2025 up to 5.00 P.M. |
| 6. | Date & Time of Opening of Bid | Dt.04.09.2025 at 11.00 A.M. |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR-32239/11/0003/2526 Sd./- Executive Engineer

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. MSM-HYDPNE-SBP-KBJ-19-25
କାର୍ଯ୍ୟର ନାମ : ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹40,35,968.00, EMD : ₹80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 05.09.2025, 1500 ଘଣ୍ଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଞ୍ଜିନିୟର (ପରିବହନ) / ସମ୍ବଲପୁର
PR-501/Q/25-26

ପୂର୍ବ ତଟ ରେଳପଥ
(1) ବିଜ୍ଞପ୍ତି ସଂ.: e-Tender-Elect-G-35-25
କାର୍ଯ୍ୟର ବିବରଣୀ : ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର କୋଚିଂ ଡିପୋ ଠାରେ LHB / SGAC ଟାଇପ୍ AC କୋଚ୍, ପାୱାର କାର, ପ୍ୟାଣ୍ଟ୍ରି କାର, ହାଇବ୍ରିଡ୍ ଟାଇପ୍ LHB AC କୋଚ୍ ଏବଂ RA / ପର୍ଯ୍ୟବେକ୍ଷଣ କାର୍ / WCD / LOMS କୋଚ୍‌ଗୁଡ଼ିକ ଭଳି ଅନ୍ୟାନ୍ୟ ସ୍ୱତନ୍ତ୍ର କୋଚ୍‌ଗୁଡ଼ିକରେ ଲାଗିଥିବା RMPUs ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹11,29,27,274.82, EMD : ₹7,14,600/-
(2) ବିଜ୍ଞପ୍ତି ସଂ.: e-Tender-Elect-G-36-25
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସ୍ଥାନରେ 164 ଗୁମଟିଗୁଡ଼ିକରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସହିତ ପ୍ରିସିଜନ (Precision) ACsର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹9,77,48,350.00, EMD : ₹6,38,800/-
(3) ବିଜ୍ଞପ୍ତି ସଂ.: e-Tender-Elect-G-37-25
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଷ୍ଟେସନଗୁଡ଼ିକରେ କଲର ଲାଇଟ୍ ସିଗ୍ନାଲିଂ ପ୍ୟାନେଲ ନିମନ୍ତେ ଅତ୍ୟଧିକ ପୁରୁଣା (Over aged) ଅଟୋ ଚେଞ୍ଜଓଭର ପ୍ୟାନେଲର ପୁନଃସ୍ଥାପନ ସହିତ ବୈଦ୍ୟୁତିକ ସମ୍ପତ୍ତିର (Asset) ବୃଦ୍ଧିକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹7,47,21,425.70, EMD : ₹5,23,600/-
ଶେଷ ହେବା ଅବଧି : 36 ମାସ (କ୍ରମ ସଂ. 1 ପାଇଁ), 04 ମାସ (କ୍ରମ ସଂ. 2 ପାଇଁ) ଏବଂ 06 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.09.2025ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼
PR-499/Q/25-26

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**କୁଆଁରମୁଣ୍ଡା,୨୧।୮(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିହିରିଆ ଗ୍ରାମର ମଙ୍ଗରୁ ବାର୍ଲା(୩୦)ଙ୍କ ବିଷାକ୍ତ ସାପ କାମୁଡାରେ ଗୁରୁବାର ମୃତ୍ୟୁ ଘଟିଛି। ଏନେଇ ବୀରମିତ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ.୩୬/୨୫) ରୁଜୁ ହୋଇଛି। ପୋଲିସ ରାଉରକେଲା ସରକାରୀ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୨ଟାରେ ମଙ୍ଗରୁ ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ କୁଆଁମୁଣ୍ଡା ସିଏଚସି ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ୨ ବାଲି ବୋଝେଇ ହାଇୱା ଜବତ

**ଲହୁଣୀପଡା,୨୧।୮(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ତୁମକଲା ବ୍ରାହ୍ମଣୀ ନଦୀରେ ବେନିୟମ ଭାବେ ବାଲି ବୋଝେଇ ହେଉଥିବା ଖବରପାଇ ମାଇନିଂ ବିଭାଗ କର୍ମଚାରୀ ଗୁରୁବାର ଚଢ଼ାଉ କରିଥିଲେ। ସେମାନେ ୨ଟି ହାଇୱା ଟ୍ରକ ଓ ଗୋଟିଏ ପକଲିନ ଜବତ କରି ଲହୁଣୀପଡା ଥାନା ପୋଲିସକୁ ଜିମା ଦେଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ, ଯେ ତୁମକଲା ଗ୍ରାମ ବ୍ରାହ୍ମଣୀ ନଦୀରେ ବଢି ପାଣି କମି ଯାଇଥିବାରୁ ଗୁରୁବାର ମଧ୍ୟାହ୍ନରେ ଓଡି -୧୪ଭି -୫୧୦୧ ଓ ଓଡି -୧୪ଏଏଫ- ୧୨୯୮ ହାଇୱା ଟ୍ରକରେ ଏକ ପକଲିନ ସାହାଯ୍ୟରେ ବେନିୟମ ଭାବେ ବାଲି ଲୋଡିଂ ହେଉଥିବା ଖବରପାଇ ରାଉରକେଲା ମାଇନିଂ ବିଭାଗର ଏକ ଦଳ ଆସି ଚଢ଼ାଉ କରିଥିଲେ।

# ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**ବାଲିଶଙ୍କରା,୨୧।୮( ସତ ସେଠ)**

ତଳସରା ଥାନା ଅନ୍ତର୍ଗତ ରାମପୁର ପଞ୍ଚାୟତ ଖମପୁର ଗ୍ରାମ ଖଡ଼ିଆପଡାର ଦୀପକ ପ୍ରଧାନ (୧୯) ପରିବାରର ଅଭାବ ଅନଟନକୁ ଦେଖି ଦାଦନ ଖଟିବାକୁ ଯାଇଥିବାବେଳେ ଶବ ହୋଇ ଘରକୁ ଫେରିଛନ୍ତି। ସୂଚନା ଅନୁଯାୟୀ, ତୀର୍ଥ ପ୍ରଧାନଙ୍କ ଏକମାତ୍ର ପୁଅ ଦୀପକ ଅଗଷ୍ଟ ୫ରେ ଦାଦନ ଖଟିବାକୁ ମାଙ୍ଗାଲୋର ଯାଇଥିଲେ। ସେଠାରେ ଏକ କମ୍ପାନୀରେ ମାଛ ଧରାଳିଭାବେ କାର୍ଯ୍ୟ କରୁଥିଲେ। ଗତ ୧୬ ତାରିଖ ରାତି ୧୦ଟାରେ ସମୁଦ୍ର ଭିତରେ ମାଛ ଧରିବା ସମୟରେ ବୋଟରୁ ଖସି ପଡି ନିଖୋଜ ହୋଇଯାଇଥିଲେ। ୧୮ ତାରିଖରେ ସମୁଦ୍ର କୂଳରେ ମୃତଦେହ ଭାସୁଥିବା ଦେଖି ସାଙ୍ଗସାଥୀମାନେ ନିକଟସ୍ଥ ବୋଟରେ କାର୍ଯ୍ୟ କରୁଥିବା ତାଙ୍କ କାକା ସଞ୍ଜୀବ ପ୍ରଧାନଙ୍କୁ ଖବର ଦେଇଥିଲେ। ଖବର ପାଇ କାକା ସଞ୍ଜୀବ ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ଗାଁକୁ ନେବା ପାଇଁ ପାଖରେ ସମ୍ବଳ ନ ଥିବାରୁ କାକା କମ୍ପାନୀର ସହାୟତା ମାଗିଥିଲେ। ସମ୍ପୂର୍ଣ୍ଣ ସହାୟତା ଦେବା ପାଇଁ କମ୍ପାନୀ ଅକ୍ଷମ ପ୍ରକାଶ କରିବାରୁ ଅଧା ଟଙ୍କା ନିଜେ ବହନ କରି ଆମ୍ବୁଲାନ୍ସ ସାହାଯ୍ୟରେ ସେଠାରୁ ୧୯ ତାରିଖରେ ମୃତଦେହ ଆଣିଥିଲେ। ୨୧ ତାରିଖ ଅପରାହ୍ନ ୧ଟାରେ ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରକାଶ ଯେ, ତୀର୍ଥଙ୍କ ଏକମାତ୍ର ପୁତ୍ର ଓ ଗୋଟିଏ ୧୨ ବର୍ଷର ଝିଅ ଥିବା ଜଣାପଡିଛି। ମୃତକ ଦୀପକ ରୋଜଗାରିଆ ପୁଅ ଥିଲେ। ରାମପୁର ସରପଞ୍ଚ ଖବର ପାଇ ହରିଶ୍ଚନ୍ଦ୍ର ଯୋଜନାରେ ଶବଦାହ ପାଇଁ ୩ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି।



ଦୀପକ ପ୍ରଧାନ।



ହାତୀ ଆକ୍ରମଣରୁ ବର୍ତ୍ତିଥିବା ବାଇକ୍ ଚାଳକ।

# ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଲେ ବାଇକ୍ ଚାଳକ

**କୁତ୍ରା,୨୧।୮(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ବଡ଼ଗାଁ ବନାଞ୍ଚଳର ପଞ୍ଚରା ସେକ୍ସନ ଅଧୀନସ୍ଥ ନୂଆଗାଁ ଅଞ୍ଚଳରେ ପୁଣିଥରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ପ୍ରାୟ ୨୩ଟି ବଣୁଆ ହାତୀ ବର୍ତ୍ତମାନ ଏହି ଅଞ୍ଚଳରେ ଘୂରି ବୁଲୁଛନ୍ତି। ଗୁରୁବାର ପୂର୍ବାହ୍ନରେ ନୂଆଗାଁ ଗ୍ରାମର ହମରାଜ ସାହୁ ନାମକ ଜଣେ ବ୍ୟକ୍ତି ହାତୀ ହାବୁଡ଼ରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ବାଇକ୍ ଯୋଗେ ଯାଉଥିବା ବେଳେ ହାତୀ ରାସ୍ତା ପାର ହେଉଥିଲେ। ନିଜର ସଚେତନତା ଓ ବୁଦ୍ଧିମତ୍ତାରୁ ସେ ନିଜକୁ ରକ୍ଷା କରିପାରିଥିଲେ। ଏହି ହାତୀ ହାବୁଡ଼ରୁ ରକ୍ଷା ପାଇବାର ଦୃଶ୍ୟ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହାତୀପଲ କୁସୁମଡେଗି ଅଞ୍ଚଳରେ ଥିବା ବେଳେ ବିଲରେ ପଶି ଧାନ ଖାଇବା ସହିତ ଦଳି ମକଚି ନଷ୍ଟ କରିଛନ୍ତି। ଏହି ହାତୀଙ୍କ ମଧ୍ୟରେ ଛୁଆ ହାତୀ ମଧ୍ୟ ଥିବା ଜଣାପଡିଛି।

### ବସ୍ ପଛକୁ ପଟିଲା ବାଇକ୍: ଚାଳକ ମୃତ

**ବାଲିଶଙ୍କରା,୨୧।୮( ସତ ସେଠ)**

ତଳସରା ଥାନା ଅନ୍ତର୍ଗତ ତୁମୁଲିଆ ବଣ୍ଡା ପୋଲ ଉପରେ ବୁଧବାର ବସ ପଛରେ ବାଇକ ପଟି ହୋଇଥିଲା। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକହେଲେ ଦେଓଭୁବନପୁର ପଞ୍ଚାୟତ ଟାଙ୍ଗରଯୋର ଗ୍ରାମର ରୋହନ ଛତ୍ରିଆ (୨୩)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରୋହନ ବାଇକ୍ ଯୋଗେ ସବ୍‌ଡେଗାରୁ ଘରକୁ ଫେରୁଥିବାବେଳେ ତୁମୁଲିଆ ବଣ୍ଡା ପୋଲ ଉପରେ ଏକ ବସ ପଛ ପଟେ ଭାରସାମ୍ୟ ହରାଇ ପିଟି ହୋଇଥିଲେ। ଫଳରେ ବାଇକରୁ ଝିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସବ୍‌ଡେଗା ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ରୋହନଙ୍କ ବାପା ଦେବାନନ୍ଦ ଛତ୍ରିଆ ତଳସରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଆସ ସ୍କୁଲ ଯିବା ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ଗ୍ରାମବାସୀ ଏବଂ ଅନ୍ୟମାନେ।

**କୁତ୍ରା,୨୧।୮(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଆସ ସ୍କୁଲ ଯିବା ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଅଭିଭାବକଙ୍କୁ ନେଇ ବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ ହୋଇଥିଲା। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟକ୍ରମକୁ ନେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ୮ ଜଣ ନୂତନ ଭାବେ ନାମ ଲେଖାଇଥିଲେ। ଶିକ୍ଷକ ସୁମିତ ଖାଲଖୋ, ରୋଶନ ପ୍ରସାଦ, ଶିକ୍ଷୟିତ୍ରୀ ପୂଜାରିଣୀ ଦେବସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୋକାନ ଶଟର ତାଲା ଭାଙ୍ଗି ରାଶନ ସାମଗ୍ରୀ ଚୋରି

**ବଡ଼ଗାଁ,୨୧।୮(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଛକଠାରେ ଥିବା ଏକ ରାଶନ ଦୋକାନର ଶଟର ତାଲା ଭାଙ୍ଗି ୨୦ ଟିଣ ତେଲ, ୮ ବସ୍ତା ଚାଉଳ, ୨ ପେଟି ସାବୁନ, ବହୁ ସଂଖ୍ୟକ ଛତା ଚୋରମାନେ ନେଇ ଯାଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ହୋଇଥିବା ଏହି ଚୋରି ଘଟଣା ସିସିଟିଭିରେ କଏଦ ହୋଇଛି। ଚୋରମାନେ ଅନ୍ୟ ସ୍ଥାନରୁ ଚୋରି କରିଥିବା ୫ ପେଟି ମୋବିଲ ଯାହାର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ, କାରରେ ଜାଗା ନ ହେବାରୁ ରାଶନ ଦୋକାନ ସମ୍ମୁଖରେ ଛାଡି ଚାଲି ଯାଇଥିଲେ। ବଡ଼ଗାଁ ଥାନାରେ ରାଶନ ଦୋକାନ ମାଲିକ ଦୀପକ ସେନାପତି ଗୁରୁବାର ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ସଚେତନ ମହଲରେ ଦାବି ହେଉଛି।

**ଗାଡ଼ିରେ ଜାଗା ନ ହେବାରୁ ୫ ପେଟି ମୋବିଲ ଛାଡ଼ି ଚାଲିଗଲେ**



କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଜୀବନ କୌଶଳ ଶିକ୍ଷା ନେଇଥିବା ଛାତ୍ରୀ।

# ଛାତ୍ରୀଙ୍କୁ ଜୀବନ କୌଶଳ ଶିକ୍ଷା ପ୍ରଦାନ

**କୁତ୍ରା,୨୧।୮(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଛାତ୍ରୀଙ୍କୁ ଜୀବନ କୌଶଳ ଶିକ୍ଷା ପ୍ରଦାନ କରାଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି କାଲୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବରେ ସିଡିପିଓ ଆନ୍ନାଭାଲେରିଆ କୁଜୁର, ସେକ୍ଟର ସୁପରଭାଇଜର ତୁଳସା ଲାକ୍ରା, ଏସପାଏର ସଦସ୍ୟା ପୁନମ ଜ୍ୟୋତି ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଝିଅମାନେ ପାଠ ପଢ଼ିବା ସହିତ ତାଙ୍କର ପରିବାର ପ୍ରତି, ସମାଜ ପ୍ରତି କ'ଣ କର୍ତ୍ତବ୍ୟ ରହିଛି ସେ ବିଷୟରେ ବୁଝାଇଥିଲେ। ଏହାସହିତ ଆତ୍ମ ବିଶ୍ୱାସ, ସମୟ ପରିଚାଳନା, ଆର୍ଥିକ ପରିଚାଳନା ବିଷୟରେ ବୁଝାଇଥିଲେ। ଝିଅମାନଙ୍କ ଜୀବନର ଲକ୍ଷ କ'ଣ ରହିବା କଥା ଓ ଏହାକୁ କେମିତି ପୂରଣ କରିବେ ତାହା ପ୍ରକାଶ କରିଥିଲେ। ବାଲ୍ୟ ବିବାହରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ। ନିଜକୁ ଅସୁରକ୍ଷିତ ମନେ କଲେ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବା ପାଇଁ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁରକ୍ଷିତ ସଫେଇ ଅଭିଯାନ

**ସମ୍ବଲପୁର,୨୧।୮(ପ୍ରମୋଦ ବହିଦାର)**

ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍ସି) ପକ୍ଷରୁ ନିରାପଦ ଓ ମର୍ଯ୍ୟାଦାପୂର୍ଣ୍ଣ ପରିମଳ ଅଭ୍ୟାସର ପ୍ରୋତ୍ସାହନ ପାଇଁ 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଏସ୍ଏମ୍ସି ସମ୍ମିଳନୀ କକ୍ଷରେ ମହାନଗର ନିଗମ ଆୟୁକ୍ତ ରୋହନ ଖତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଅନୁଷ୍ଠିତ ସଭାରେ ଅତିରିକ୍ତ କମିଶନର, ଡେପୁଟି କମିଶନର(ପରିମଳ), ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ପର୍ଯ୍ୟବେକ୍ଷକ, ୱାର୍ଡ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ସହରର ସଫେଇ ଓ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ ଆବଶ୍ୟକ ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଥିଲା।

**TPNODL**
**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp Office, Januganj, RemunaGolei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) August 22nd, 2025**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001047 | Rate Contract for Supply of Ring type LTCT's of different ratings for FY 25-26. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଏଏମ୍‌ସିସି ନୟାଗଡ଼
ଜିଲ୍ଲା: ନୟାଗଡ଼
**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଏହାପରେ ଆକ୍ଟ କୁହାଯିବ) ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍ୱାରା ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ରଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ସେମାନେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣ ଆକାଉଣ୍ଟକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ସେଗୁଡ଼ିକ ଦିଆଯାଇ ନପାରି ଫେରସ୍ତ ଆସିଅଛି, ଏବଂ ଏଥିପାଇଁ ସେମାନଙ୍କୁ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଅବଗତ କରାଯାଉଅଛି।

| ଏସିବି ଓଡଗାଁ ଶାଖା / ଆକାଉଣ୍ଟ ନଂ. /ରଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଥିବା ସମ୍ପତ୍ତି ଠିକଣା | ନୋଟିସ୍ ତାରିଖ / ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| ଆକାଉଣ୍ଟ ନଂ.: ୩୩୪୮୭୭୯୧୮୭ (ସିସି) ରଣଗ୍ରହୀତା: ଶ୍ରୀମତୀ ବସନ୍ତ ମଞ୍ଜରୀ ଆଚାରୀ, ସ୍ୱାମୀ: ଶ୍ରୀ ଶଶି ଭୂଷଣ ଆଚାରୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଶି ଭୂଷଣ ଆଚାରୀ, ଉଭୟଙ୍କ ଠିକଣା- ସା: ଲକ୍ଷ୍ମୀ ବଜାର, ଓଡଗାଁ, ଜିଲ୍ଲା: ନୟାଗଡ଼ | ଶ୍ରୀ ଶଶି ଭୂଷଣ ଆଚାରୀଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓଡଗାଁ, ଥାନା: ଓଡଗାଁ, ତହସିଲ ନଂ.: ୨୯୯, ଜିଲ୍ଲା: ନୟାଗଡ, ଖାତା ନଂ.: ୮୩୯/୩୭୪, ପ୍ଲଟ୍ ନଂ.: ୨୨୪୪/୩୦୧୦, କ୍ଷେତ୍ର: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୨୨୪୬/୩୦୧୧, କ୍ଷେତ୍ର: ଏକର୦.୦୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇନ୍ଦ୍ରମଣୀ ସାହୁ, ପଶ୍ଚିମ: ଇନ୍ଦୁମତୀ ମହାପାତ୍ର, ଉତ୍ତର: ଶଶି ଭୂଷଣ ଆଚାରୀ, ଦକ୍ଷିଣ: ରାସ୍ତା | ୦୧.୦୭.୨୦୨୫ / ୩୦.୦୬.୨୦୨୫ | ୦୧.୦୭.୨୦୨୫ ସୁଦ୍ଧା ଟ.୧୫,୩୪,୫୪୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ରଣଗ୍ରହୀତାମାନଙ୍କୁ ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟିଦାତାମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏତଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର ୬୦ଦିନ ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

ସ୍ଥାନ: ନୟାଗଡ଼, ତାରିଖ : ୨୧.୦୮.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**न्यायालय कलेक्टर**
**जिला सारंगढ़-बिलाईगढ़ (छ.ग.)**
**सूचना पत्र**

क्रमांक/464/रीडर/2025 — सारंगढ़, दिनांक : 14.08.2025
प्रति,
1. श्री इन्द्रजीत बाघ, पिता: सत्यानंद बाघ
साकिन-कुड़ापाली, थाना: अम्बाभौना, जिला: बरगढ़ (उड़ीशा)
2. श्री नरसिंग राणा उर्फ विनोद, पिता: पुनाऊ राणा
साकिन-जामपाली, थाना: अम्बाभौना, जिला: बरगढ़ (उड़ीशा)
3. श्री लक्ष्मण प्रसाद ओग्रे, पिता: बट्टूलाल ओग्रे (वाहन स्वामी)
ग्राम: पामगढ़, जिला: जांजगीर-चांपा

**विषय:** प्रकरण की सुनवाई हेतु उपरिस्थत होने बाबत्। पेशी दिनांक 16.09.2025.
आपको पेपर प्रकाशन के जरिये सूचित किया जाता है कि इस न्यायालय के छ.ग. आबकारी अधिनियम के तहत लंबित प्रकरण क्रमांक 202505321300007/अ-47क (2)/2024-2025 पक्षकार छ.ग. शासन बनाम इन्द्रजीत बाघ वगै. में आगामी पेशी दिनांक 16.09.2025 को नियत है। उक्त सुनवाई तिथि में आपकी उपस्थिति अनिवार्य है। निर्धारित तिथि को उपस्थित नहीं होने की दशा में आपके विरूद्ध एक पक्षीय कार्यवाही कर दी जावेगी।
(कले. महो. द्वारा आदेशित)
G-252602931/1 — स्वा: / - अपर कलेक्टर, सारंगढ़-बिलाईगढ़

No.CAD-1477
**OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK**
E-mail : eelidbdk@gmail.com
**E-Procurement Notice**
**Bid Identification No.01/2025-26 (3047)/OLIC (BDK)/ Dt.14.08.2025**

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 11 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs.23.84 Lakh to Rs.24.10 Lakh |
| 3. | Cost of Tender Paper | Rs.7080/- (including GST @ 18%) as mentioned against each L.I. Project through online mode as mentioned in DTCN |
| 4. | Date and Time of Publication | Dt.25.08.2025 from 11.00 A.M. |
| 5. | Date & Time of Closing with Seeking Clarification | Dt.03.09.2025 up to 5.00 P.M. |
| 6. | Date & Time of Opening of Bid | Dt.04.09.2025 at 11.00 A.M. |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR-32239/11/0003/2526 — Sd./- Executive Engineer

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.
MSM-HYDPNE-SBP-KBJ-19-25
**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 40,35,968.00, EMD : ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 05.09.2025, 1500 ଘଣ୍ଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର (ପରିବହନ) / ସମ୍ବଲପୁର
PR-501/Q/25-26

**ପୂର୍ବ ତଟ ରେଳପଥ**
(1) ବିଜ୍ଞପ୍ତି ସଂ.: e-Tender-Elect-G-35-25
**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ LHB / SGAC ଟାଇପ୍ AC କୋଚ୍, ପାୱାର କାର, ପ୍ୟାଣ୍ଟ୍ରି କାର, ହାଇବ୍ରିଡ୍ ଟାଇପ୍ LHB AC କୋଚ୍ ଏବଂ RA / ପର୍ଯ୍ୟବେକ୍ଷଣ କାର୍ / WCD / LOMS କୋଚ୍‌ଗୁଡ଼ିକ ଭଳି ଅନ୍ୟାନ୍ୟ ସ୍ୱତନ୍ତ୍ର କୋଚ୍‌ଗୁଡ଼ିକରେ ଲାଗିଥିବା RMPUs ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 11,29,27,274.82, EMD : ₹ 7,14,600/-
(2) ବିଜ୍ଞପ୍ତି ସଂ.: e-Tender-Elect-G-36-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ସ୍ଥାନରେ 164 ଗୁମଟିଗୁଡ଼ିକରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସହିତ ପ୍ରିସିଜନ (Precision) ACsର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,77,48,350.00, EMD : ₹ 6,38,800/-
(3) ବିଜ୍ଞପ୍ତି ସଂ.: e-Tender-Elect-G-37-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଷ୍ଟେସନଗୁଡ଼ିକରେ କଲର ଲାଇଟ୍ ସିଗ୍ନାଲିଙ୍ଗ୍ ପ୍ୟାନେଲ ନିମନ୍ତେ ଅତ୍ୟଧିକ ପୁରୁଣା (Over aged) ଅଟୋ ଚେଞ୍ଜଓଭର ପ୍ୟାନେଲର ପୁନଃସ୍ଥାପନ ସହିତ ବୈଦ୍ୟୁତିକ ସମ୍ପତ୍ତିର (Asset) ବୃଦ୍ଧିକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 7,47,21,425.70, EMD : ₹ 5,23,600/-
ଶେଷ ହେବା ଅବଧି : 36 ମାସ (କ୍ରମ ସଂ. 1 ପାଇଁ), 04 ମାସ (କ୍ରମ ସଂ. 2 ପାଇଁ) ଏବଂ 06 ମାସ (କ୍ରମ ସଂ. 3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.09.2025ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍
PR-499/Q/25-26

# ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଦେବଗଡ଼ ବନ୍ଦ



ଦେବଗଡ଼ ବାଇପାସ୍ ଛକ ନିକଟରେ ରାସ୍ତା ଅବରୋଧ କରାଯାଇଛି।

- ସାମିଲ ହେଲେ ରାଜନୈତିକ ଦଳର ନେତୃବୃନ୍ଦ, ଆଇନଜୀବୀ, ବୁଦ୍ଧିଜୀବୀ
- ଯାନବାହନ ଚଳାଚଳ ବାଧାପ୍ରାପ୍ତ
- ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଲେ ଉପଜିଲାପାଳ

**ଦେବଗଡ଼,୨୧।୮(ଶଶାଙ୍କ ଶେଖର ଝାଙ୍କର)**

ଜିଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ଡାକରାରେ ଗୁରୁବାର ଦେବଗଡ଼ ବନ୍ଦ ପାଳନ କରାଯାଇଥିଲା। ଏହି ବନ୍ଦ ପାଳନରେ ବହୁ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର କର୍ମକର୍ତ୍ତା, ଆଇନଜୀବୀ, ବୁଦ୍ଧିଜୀବୀ, ବ୍ୟବସାୟୀଙ୍କ ସମେତ ସହରର ଶତାଧିକ ମହିଳା, ପୁରୁଷ ସାମିଲ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ସକାଳ ୬ଟାରୁ ଜିଲା ଯୁବ ଏକତା ମଞ୍ଚର ସଦସ୍ୟଙ୍କ ସମେତ ବହୁ ଜନସାଧାରଣ ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକ, ନୀଳବର୍ଣ୍ଣେ ସାହିସ୍ଥିତ ବିର୍ସା ମୁଣ୍ଡା ଛକ ଓ ରଜାମୁଣ୍ଡାସ୍ଥିତ ଆମ୍ବେଦକର ଛକଠାରେ ଜାତୀୟ ରାଜପଥ ଉପରେ ବସି ପିକେଟିଂ କରିଥିଲେ। ଫଳରେ ଜରୁରିକାଳୀନ ସେବାରେ ନିୟୋଜିତ ଯାନବାହନକୁ ଛାଡ଼ିଦେଲେ ବହୁସଂଖ୍ୟକ ଗାଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ପିକେଟିଂ କରାଯିବା ଦ୍ୱାରା ଶିକ୍ଷାନୁଷ୍ଠାନ ସମେତ ଦୋକାନବଜାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା।

ପୂର୍ବାହ୍ନ ପ୍ରାୟ ୧୦ଟାରେ ଆନ୍ଦୋଳନକାରୀମାନେ ଭିନ୍ନ ଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ୍ ବନ୍ଦ କରିଥିଲେ। ଅପରାହ୍ନରେ ଦେବଗଡ଼ ବାଇପାସ୍ ଛକ ନିକଟ ଆନ୍ଦୋଳନ ସ୍ଥଳରେ ଉପଜିଲାପାଳ ପରିକ୍ଷିତ ସାହୁ ପହଞ୍ଚି ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାରଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୩୦ ଦିନ ମଧ୍ୟରେ ନୂତନ ଡାକ୍ତର ନିଯୁକ୍ତି ସହ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଅପରାହ୍ନ ପ୍ରାୟ ୩ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହେବାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ବନ୍ଦ ପାଳନରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା କଂଗ୍ରେସ ସଂଯୋଜକ ସେମ ହେମ୍ବ୍ରମ, ଜିଲା ଓକିଲ ସଂଘ ସଭାପତି ସଚ୍ଚିକାନ୍ତ ଦାଶ, ସମ୍ପାଦକ ସିଦ୍ଧେଶ୍ୱର ଗୁରୁ, ଆଇନଜୀବୀ ମନୋଜ କୁମାର ପାଢ଼ୀ, ସୁରଞ୍ଜିତ ମହାପାତ୍ର, ପ୍ରତାପ କୁମାର ଦେବ, ସାମାଜିକ କର୍ମୀ ପ୍ରଫୁଲ୍ଲ ନାୟକ, ନବୀନ କୁମାର ପାଣି, ମାର୍କଣ୍ଡେଶ୍ୱର ଶତପଥୀ, ମିତ୍ରଭାନୁ ମହାପାତ୍ର, ଜନ୍ମେଜୟ ନାୟକ, ପୂର୍ବତନ କାଉନ୍‌ସିଲର ମଞ୍ଜୁଲତା ନାୟକ, ରଞ୍ଜିତା ସାହୁ ଓ ରାଜଶ୍ରୀ ପାତ୍ରଙ୍କ ସମେତ ବହୁ ଜନସାଧାରଣ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କାଳୀ ମନ୍ଦିର ପରିଦର୍ଶନ କଲେ ହସ୍ତତନ୍ତ ଓ ବୟନଶିଳ୍ପ ସଚିବ



କାଳୀ ମନ୍ଦିରରେ ସଚିବ ଗୁହା ପୁନମ ତାପସ କୁମାର ଓ ଅନ୍ୟମାନେ।

**ଝାରସୁଗୁଡ଼ା, ୨୧।୮(ଆଶିଷ ରଞ୍ଜନ ଦାଶ)**

ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ସଚିବ ଗୁହା ପୁନମ ତାପସ କୁମାର ଗୁରୁବାର ଝାରସୁଗୁଡ଼ା ସହରସ୍ଥିତ କାଳୀ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସହରର ବରିଷ୍ଠ ନାଗରିକଙ୍କ ସହିତ ଆଲୋଚନା କରିଛନ୍ତି। ସେ କିଛି ସରକାରୀ କାର୍ଯ୍ୟକ୍ରମ ପାଇଁ ଝାରସୁଗୁଡ଼ା ଜିଲା ଗସ୍ତରେ ଅଛନ୍ତି। ପୂର୍ବରୁ ସେ ଝାରସୁଗୁଡ଼ା ଜିଲାପାଳ ଥିବାରୁ ସହରର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ତାଙ୍କର ପରିଚୟ ରହିଛି। ତେଣୁ ସେ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ଜିଲା ଓ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ବରିଷ୍ଠ ନାଗରିକଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ପୂର୍ବତନ ପୌରାଧ୍ୟକ୍ଷ ତାପସ ରାୟ ଚୌଧୁରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

## ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ବିକ୍ଷୋଭ କରୁଛନ୍ତି।

**ଝାରସୁଗୁଡ଼ା, ୨୧।୮(ଆଶିଷ ରଞ୍ଜନ ଦାଶ)**

ଭାରତୀୟ ମଜଦୁର ସଂଘ ସଂଲଗ୍ନ ଓଡ଼ିଶାର ଝାରସୁଗୁଡ଼ା ଶାଖା ଅଙ୍ଗନୱାଡ଼ି ୱାର୍କର୍ସ ସଂଘ ବିଭିନ୍ନ ଦାବି ନେଇ ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିରେ ଜିଲା ଅଙ୍ଗନୱାଡ଼ି ୱାର୍କର୍ସ ସଂଘର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଓ ସହାୟିକା ସାମିଲ ହୋଇଥିଲେ। ଏହାପରେ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ସରକାରୀ ଘୋଷଣା, କର୍ମୀଙ୍କୁ ୧୮ ହଜାର ଏବଂ ସହାୟିକାଙ୍କୁ ୯ ହଜାର ଟଙ୍କା ମାସିକ ପ୍ରଦାନ, କର୍ମୀଙ୍କୁ ୧୦ ଲକ୍ଷ ଓ ସହାୟିକାଙ୍କୁ ୫ ଲକ୍ଷ ଲେଖାଏ ଅବସରକାଳୀନ ସହାୟତା ରାଶି ସହିତ ୫ ହଜାର ଟଙ୍କା ପେନସନ୍ ପ୍ରଦାନ ଭଳି ଅନେକ ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଝାରସୁଗୁଡ଼ା ଜିଲା ଅଙ୍ଗନୱାଡ଼ି କର୍ମୀ ସଂଘର ସଭାପତି ଜ୍ୟୋତ୍ସ୍ନା ମହାନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ ନାବାଳକ ମୃତ

**ଲଖନପୁର, ୨୧।୮(ଗୌତମ ସାହୁ)**– ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଝାରୁପଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ହେବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାରୁପଡ଼ା ଗ୍ରାମର ପ୍ରେମସାଗର ରୋହିଦାସ(୧୬)। ଅପରାହ୍ନ ପ୍ରାୟ ସାଢେ ୩ଟାରେ ପ୍ରେମସାଗର ତାଙ୍କ ବାପା ହେମନ୍ତ ରୋହିଦାସଙ୍କ ସହିତ କ୍ଷେତରୁ କାମ ସାରି ଗ୍ରାମକୁ ଫେରୁଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟଙ୍କୁ ଚିକିତ୍ସା ପାଇଁ ବେଲପାହାଡ଼ସ୍ଥିତ ଟିଆର୍ଏଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରେମସାଗରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଫୁଟ୍‌ବଲ ପ୍ରତିଯୋଗିତା: ସେମିରେ ବିହାଜୋର୍ ଟିମ୍

**ବ୍ରଜରାଜନଗର, ୨୧।୮ (ବିଜୟ ବରାଡ଼)**– ରାଜପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟାପାଲି ଫୁଟ୍‌ବଲ ପଡିଆରେ ୩୦ତମ ନୂଆଖାଇ ଭେଟ୍‌ଘାଟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପଞ୍ଚମ ଦିନରେ ସୁନ୍ଦରଗଡ଼ର ବିହାଜୋର୍ ଏବଂ ମା' ଅନ୍ଧାରୀ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିହାଜୋର୍ ଟିମ୍ ୬–୧ ଗୋଲ୍‌ରେ ବିଜୟୀ ହୋଇ ପ୍ରଥମ ଟିମ୍ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲା କ୍ରୀଡ଼ା ସମ୍ପାଦକ ତାପସ ରାୟ ଚୌଧୁରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଗଣପତି କ୍ଲବ୍‌ର ସଦସ୍ୟମାନେ ମଞ୍ଚାସୀନ ଥିଲେ।

# କାଉନ୍‌ସିଲର କପ୍ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

**ଦେବଗଡ଼,୨୧।୮(ଶଶାଙ୍କ ଶେଖର ଝାଙ୍କର)**

ଜିଲା କ୍ରୀଡ଼ା ସଂସଦ ଓ ଦେବଗଡ଼ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ କାଉନ୍‌ସିଲର କପ୍ ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ୫ ନମ୍ବର ୱାର୍ଡ କାଉନ୍‌ସିଲର ଯତିନ କୁମାର ନାୟକ, ୧୦ ନମ୍ବର ୱାର୍ଡ କାଉନ୍‌ସିଲର ଇତିଶ୍ରୀ ମିଶ୍ର, କ୍ରୀଡ଼ା ସଂସଦ ଉପସଭାପତି ସତ୍ୟ ନାରାୟଣ ମିଶ୍ର ଓ ସହସମ୍ପାଦକ ପ୍ରଦୀପ ଅମାନ୍ତ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ୪ ନମ୍ବର ୱାର୍ଡକୁ ୪–୦ ଗୋଲ୍‌ରେ ପରାସ୍ତ କରି ୧୦ ନମ୍ବର ୱାର୍ଡ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌କୁ ରେଫରି ଭାବେ ସୌରଭ ନାୟକ, ଜୟନାରାୟଣ ସାହୁ, କେଦାର ମୁଣ୍ଡା ଓ କୁମାରୀ ବୁଲି ମୁଣ୍ଡା ପରିଚାଳନା କରିଥିବାବେଳେ ହେମନ୍ତ କୁମାର ମହାପାତ୍ର ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତା ଆୟୋଜନରେ ଉପସଭାପତି ଭୁବନେଶ୍ୱର ପ୍ରଧାନ, ଜିଲା କ୍ରୀଡ଼ା ସଂସଦ ସହସମ୍ପାଦକ ଡିଲେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଭାତ କୁମାର ପ୍ରଧାନ, ଫୁଟ୍‌ବଲ ସମ୍ପାଦକ ପ୍ରଦୀପ କୁମାର ବେହେରା, କବାଡ଼ି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇ, ସୁଧୀର କୁମାର ଦାସ, କିଶୋର ରାୟ, ଡିଲେଶ୍ୱର ସ୍ୱାଇଁ, ବାତ୍ସଲ୍ୟ ବିଶ୍ୱାଳ ଓ ମୁକୁନ୍ଦ ବେହେରାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ପ୍ରଶମନ ସଚେତନତା ଶିବିର



ବିପର୍ଯ୍ୟୟ ପ୍ରଶମନ ଉପରେ ତାଲିମ ପ୍ରଦାନ କରାଯାଇଛି।

**ରେଢାଖୋଲ, ୨୧।୮(ଅଚ୍ୟୁତାନନ୍ଦ ପୁରୋହିତ) :** ସମ୍ବଲପୁର ଜିଲା ରେଢାଖୋଲ ଭୀମ ଭୋଇ ମହାବିଦ୍ୟାଳୟରେ ଗୁରୁବାର ଏନ୍‌ଡିଆରଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଅମୂଲ୍ୟକୃଷ୍ଣ ପାଢୀ ଅଧ୍ୟକ୍ଷତା କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଅଞ୍ଜନ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କଲେଜ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପାଇଁ ଉପଯୁକ୍ତ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ପରେ ଏନଡିଆରଏଫର ତୃତୀୟ ବାଟାଲିୟନ ମୁଣ୍ଡୁଳିରୁ ଆସିଥିବା ଇନ୍ସପେକ୍ଟର ନବକିଶୋର ପ୍ରଧାନ ଏବଂ ସବଇନ୍ସପେକ୍ଟର ପୁଷ୍ପେନ୍ଦୁ ଦୁହାନଙ୍କ ନେତୃତ୍ୱରେ ଏନ୍‌ଡିଆରଏଫ ସଦସ୍ୟମାନେ ବିପର୍ଯ୍ୟୟ ପରିଚାଳନା ଏବଂ ସମ୍ମୁଖୀନ ହେବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ସେମାନେ ମୁଖ୍ୟତଃ ଭୂମିକମ୍ପ, ବଜ୍ରପାତ, ସଡ଼କ ଦୁର୍ଘଟଣା, ଅଗ୍ନିଜନିତ ଦୁର୍ଘଟଣା ଓ ଜଳଜନିତ ଦୁର୍ଘଟଣା ଇତ୍ୟାଦି ସମୟରେ ସୁରକ୍ଷିତ ରହିବାର ଉପାୟ ସମ୍ପର୍କରେ ଅବଗତ କରାଇବା ସହ ସିପିଆର ଟ୍ରେନିଂ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ସୁପ୍ରିୟା କୁମାରୀ ମଲ୍ଲିକ, ପ୍ରାଧ୍ୟାପିକା ମମତା ମହାପାତ୍ର, ପ୍ରାଧ୍ୟାପକ ଡ.ମନୋରଞ୍ଜନ ମହନ୍ତ, ଅଧ୍ୟାପକ ଡ.ବିରଞ୍ଚି ଖଡିଆ ଓ ମାନଭଞ୍ଜନ କହଁର ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ କଲେଜର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।


TPNODL
TP Northern Odisha Distribution Limited
(A Tata Power & Odisha Govt. Joint Venture)
Regd. Off: Corp Office, Januganj, RemunaGolei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

NOTICE INVITING TENDER (NIT) August 22nd, 2025

TP Northern Odisha Distribution Limited invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001047 | Rate Contract for Supply of Ring type LTCT's of different ratings for FY 25-26. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

Chief- Contracts & MM



SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଏଏମ୍‌ସିସି ନୟାଗଡ଼
ଜିଲ୍ଲା: ନୟାଗଡ଼
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଏହାପରେ ଆକ୍ଟ କୁହାଯିବ) ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ସେମାନେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣ ଆକାଉଣ୍ଟକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ସେଗୁଡ଼ିକ ଦିଆଯାଇ ନପାରି ଫେରସ୍ତ ଆସିଅଛି, ଏବଂ ଏଥିପାଇଁ ସେମାନଙ୍କୁ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଅବଗତ କରାଯାଉଅଛି।

| ଏସିବି ଓଡଗାଁ ଶାଖା / ଆକାଉଣ୍ଟ ନଂ. /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଥିବା ସମ୍ପତ୍ତି ଠିକଣା | ନୋଟିସ୍ ତାରିଖ / ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| ଆକାଉଣ୍ଟ ନଂ.: ୩୩୪୮୭୭୯୧୮୮୭ (ସିସି) ଋଣଗ୍ରହୀତା: ଶ୍ରୀମତୀ ବସନ୍ତ ମଞ୍ଜରୀ ଆଚାରୀ, ସ୍ୱାମୀ: ଶ୍ରୀ ଶଶି ଭୂଷଣ ଆଚାରୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଶି ଭୂଷଣ ଆଚାରୀ, ଉଭୟଙ୍କ ଠିକଣା- ସା: ଲକ୍ଷ୍ମୀ ବଜାର, ଓଡଗାଁ, ଜିଲ୍ଲା: ନୟାଗଡ଼ | ଶ୍ରୀ ଶଶି ଭୂଷଣ ଆଚାରୀଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓଡଗାଁ, ଥାନା: ଓଡଗାଁ, ତହସିଲ ନଂ.: ୨୯୯, ଜିଲ୍ଲା: ନୟାଗଡ, ଖାତା ନଂ.: ୮୩୯/୩୭୪, ପ୍ଲଟ୍ ନଂ.: ୨୨୪୪/୩୦୧୦, କ୍ଷେତ୍ର: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୨୨୪୬/୩୦୧୧, କ୍ଷେତ୍ର: ଏକର୦.୦୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇନ୍ଦ୍ରମଣୀ ସାହୁ, ପଶ୍ଚିମ: ଇନ୍ଦୁମତୀ ମହାପାତ୍ର, ଉତ୍ତର: ଶଶି ଭୂଷଣ ଆଚାରୀ, ଦକ୍ଷିଣ: ରାସ୍ତା | ୦୧.୦୭.୨୦୨୫ / ୩୦.୦୬.୨୦୨୫ | ୦୧.୦୭.୨୦୨୫ ସୁଦ୍ଧା ଟ.୧୫,୩୪,୫୪୧/- + ସେବାବନ୍ଦ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାମାନଙ୍କୁ ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟିଦାତାମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏତଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର ୬୦ଦିନ ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

ସ୍ଥାନ: ନୟାଗଡ଼, ତାରିଖ : ୨୧.୦୮.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



न्यायालय कलेक्टर
जिला सारंगढ़-बिलाईगढ़ (छ.ग.)
सूचना पत्र

क्रमांक/464/रीडर/2025 — सारंगढ़, दिनांक : 14.08.2025

प्रति,
1. श्री इन्द्रजीत बाघ, पिता: सत्यानंद बाघ
साकिन-कुड़ापाली, थाना: अम्बाभौना, जिला: बरगढ़ (उड़ीशा)
2. श्री नरसिंग राणा उर्फ विनोद, पिता: पुनाऊ राणा
साकिन-जामपाली, थाना: अम्बाभौना, जिला: बरगढ़ (उड़ीशा)
3. श्री लक्ष्मण प्रसाद ओग्रे, पिता: बट्टूलाल ओग्रे (वाहन स्वामी)
ग्राम: पामगढ़, जिला: जांजगीर-चांपा

विषय: प्रकरण की सुनवाई हेतु उपस्थित होने बाबत्। पेशी दिनांक 16.09.2025.
आपको पेपर प्रकाशन के जरिये सूचित किया जाता है कि इस न्यायालय के छ.ग. आबकारी अधिनियम के तहत लंबित प्रकरण क्रमांक 202505321300007/अ-47क(2)/2024-2025 पक्षकार छ.ग. शासन बनाम इन्द्रजीत बाघ वगै. में आगामी पेशी दिनांक 16.09.2025 को नियत है। उक्त सुनवाई तिथि में आपकी उपस्थिति अनिवार्य है। निर्धारित तिथि को उपस्थित नहीं होने की दशा में आपके विरूद्ध एक पक्षीय कार्यवाही कर दी जावेगी।
(कले. महो. द्वारा आदेशित)
G-252602931/1 — स्वा:/- अपर कलेक्टर, सारंगढ़-बिलाईगढ़



No.CAD-1477
OFFICE OF THE EXECUTIVE ENGINEER
LIFT IRRIGATION DIVISION, BHADRAK
E-mail : eelidbdk@gmail.com
E-Procurement Notice
Bid Identification No.01/2025-26 (3047)/OLIC (BDK)/ Dt.14.08.2025

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 11 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs.23.84 Lakh to Rs.24.10 Lakh |
| 3. | Cost of Tender Paper | Rs.7080/- (including GST @ 18%) as mentioned against each L.I. Project through online mode as mentioned in DTCN |
| 4. | Date and Time of Publication | Dt.25.08.2025 from 11.00 A.M. |
| 5. | Date & Time of Closing with Seeking Clarification | Dt.03.09.2025 up to 5.00 P.M. |
| 6. | Date & Time of Opening of Bid | Dt.04.09.2025 at 11.00 A.M. |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR-32239/11/0003/2526 — Sd./- Executive Engineer



ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. MSM-HYDPNE-SBP-KBJ-19-25
କାର୍ଯ୍ୟର ନାମ : ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
